ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.10 Bhubaneswar Sunday February 12 2023 ୨୬ତମ ବର୍ଷ ସଂଖ୍ୟା-୧୦ ଭୁବନେଶ୍ୱର, ରବିବାର, ଫେବୃଆରୀ ୧୨, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ବିଜେଡିକୁ 'ପ୍ରସଙ୍ଗ' ସଙ୍କଟ: ଅତିରିକ୍ତ ୫କିଲୋ ଚାଉଳ ବି ବନ୍ଦ କଲା ରାଜ୍ୟ



ଭୁବନେଶ୍ୱର,୧୧।୨(ପି.ଏନ): ଦୀର୍ଘ ୨୩ବର୍ଷ ଧରି ରାଜ୍ୟରେ କ୍ଷମତାସୀନ ଆଂଚ଼ଳିକ ଦଳ ବିଜେଡି ଏବେ 'ପ୍ରସଙ୍ଗ' ସଙ୍କଟ ଭିତରେ ଗତି କରୁଛି । ନିଜସ୍ୱ ବାଧବାଧକତା ପାଇଁ କେନ୍ଦ୍ରର ଏନଡିଏ ସରକାର ସହ ଭିତରି ବୁଝାମଣା କରିଥିବା ଶାସକ ବିଜେଡିକୁ ଏବେ କେନ୍ଦ୍ର ସରକାର ବିରୁଦ୍ଧରେ ଲ??ଇ କରିବା ନିମନ୍ତେ 'ପ୍ରସଙ୍ଗ' ମିଳୁନି । ଆଉ କେନ୍ଦ୍ର ଅବହେଳାର ଆଳ ଦେଖାଇ ଅତିରିକ୍ତ ୫କିଲୋ ଚାଉଳ କାଟି ଦିଆଯିବା ପ୍ରସଙ୍ଗରେ ଆସନ୍ତା ୧୫ ଓ ୧୬ତାରିଖ ଦୁଇଦିନ ଧରି ପଂଚାୟତ ଓ ବ୍ଲକସ୍ତରରେ ରାଜରାସ୍ତାରେ ଲ??ଇ କରିବ ବୋଲି ବିଜେଡି ଆଜି ଘୋଷଣା କରିଛି ସତ କିନ୍ତୁ କରୋନା କାଳରେ ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଯେଉଁ ଅତିରିକ୍ତ ମୁଣ୍ଡପିଛା ୫କିଲୋ ଚାଉଳ ରାଜ୍ୟ ସରକାର ଦେଉଥିଲେ ତାକୁ ଜାନୁୟାରୀ ମାସରୁ ବନ୍ଦ କରିଦିଆଯାଇଛି । ଅର୍ଥାତ୍ କେନ୍ଦ୍ର ସରକାର ୫କିଲୋ ଚାଉଳ କାଟିଦେଲେ ବୋଲି ଶାସକ ବିଜେଡି ଯେଉଁ ତୁମ୍ବିତୋଫାନ କରୁଛି, ନିଜେ କାହିଁକି ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଅତିରିକ୍ତ ୫କିଲୋ ଚାଉଳ ଦେଉନି ତାକୁ ନେଇ ବିଜେଡିର ଦୋମୁହାଁ ଓ ଗରିବମାରଣ ନୀତି ପଦାରେ ପଡିଛି । ମିଳିଥିବା ସୂଚନା ଅନୁସାରେ, କେନ୍ଦ୍ର ସରକାର ଗତ ଡିସେମ୍ବର ୨୮ତାରିଖରେ ସମସ୍ତ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଜାତୀୟ ଖାଦ୍ୟ ସୁରକ୍ଷା ହିତାଧିକାରୀ( ଓଡିଶାର ୩.୨୫କୋଟି ଲୋକଙ୍କ ସମେତ ସମଗ୍ର ଦେଶରେ ୮୦କୋଟି)ଙ୍କୁ ମାଗଣାରେ ମୁଣ୍ଡପିଛା ମାସିକ ୫କିଲୋ ଚାଉଳ/ଗହମ ଯୋଗାଇ ଦିଆଯିବ ତଥା ପରିବହନ ଓ ହ୍ୟାଣ୍ଡେଲିଂର ସମସ୍ତ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ ବୋଲି ସୂଚନା ଦେଇଥିଲେ । କେନ୍ଦ୍ର ସରକାରଙ୍କୁ ଅନୁସରଣ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୩ ଜାନୁୟାରୀ ୪ତାରିଖରେ ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ମାଗଣାରେ ମୁଣ୍ଡପିଛା ୫କିଲୋ ଚାଉଳ ଯୋଗାଇ ଦିଆଯିବ ବୋଲି ଘୋଷଣା କଲେ । କିନ୍ତୁ ଏବେ କେନ୍ଦ୍ର ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଦେଉଥିବା ମାଗଣା ଚାଉଳ ସମ୍ପର୍କରେ ହିତାଧିକାରୀଙ୍କୁ ସଚେତନ କରାଇବାକୁ ରାଜ୍ୟ ବିଜେପି ତୃଣମୂଳସ୍ତରରେ ଯୋଜନା କରିବା ପରେ ଶାସକ ବିଜେଡି ଚିନ୍ତାରେ ପଡିଛି ।କେନ୍ଦ୍ରର ଏନଡିଏ ସରକାରକୁ ଗତ କିଛିବର୍ଷ ଧରି ଅଯାଚିତ ଭାବେ ସବୁ ପ୍ରସଙ୍ଗରେ ସମର୍ଥନ କରି ସୁବିଧାବାଦୀ ରାଜନୀତି କରୁଥିବା ବିଜେଡି ଆଗାମୀ ସାଧାରଣ ନିର୍ବାଚନରେ ଲୋକଙ୍କ ପାଖକୁ କେଉଁ ପ୍ରସଙ୍ଗକୁ ନେଇ ଯିବ ତାହା ଏବେ ଦଳର ରଣନୀତିକାରଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି । ମହାନଦୀ, ପୋଲାଭରମ, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା, ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ, ରେଳବାଇ ଅବହେଳା, ଚାଷୀଙ୍କୁ ୨୯୩୦ଟଙ୍କାର ଧାନ ଏମଏସପି ଆଦି ପ୍ରସଙ୍ଗରେ ବିଜେଡିର ଦୋମୁହାଁ ଆଭିମୁଖ୍ୟ ପଦାରେ ପଡିସାରିଥିବା ତଥା ଏସବୁ ପ୍ରସଙ୍ଗକୁ ବିଜେଡି କେବଳ 'ନିର୍ବାଚନୀ ଭେଳିକି' କରିସାରିଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଯେଉଁଥିପାଇଁ ଦଳ ଏବେ ଏଭଳି ଏକ ପ୍ରସଙ୍ଗକୁ ଧରି ଆଗାମୀ ୧୫ ଓ ୧୬ତାରିଖରେ ରାଜ୍ୟରେ ପଂଚାୟତ ଓ ବ୍ଲକସ୍ତରରେ ବିକ୍ଷୋଭ କରିବାକୁ ନିଷ୍ପତ୍ତି ନେଇଛି, ଯାହାକି ଆରମ୍ଭରୁ ଏକ ଫ୍ଲପ୍ ଶୋ' ହେବାକୁ ଯାଉଛି ।କାରଣ ରାଜ୍ୟ ଖାଦ୍ୟଯୋଗାଣ ବିଭାଗ ସୂତ୍ରରୁ ଜଣାପଡିଛି ଯେ, ଏବେ ସମଗ୍ର ରାଜ୍ୟରେ ଉଭୟ ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜାନୁୟାରୀ ମାସର ଚାଉଳ ବଂଟନ କରାଯାଉଛି । କେନ୍ଦ୍ର ସରକାର ଜାତୀୟ ଖାଦ୍ୟ ସୁରକ୍ଷାରେ ମୁଣ୍ଡପିଛା ୫କିଲୋ ଚାଉଳ ଓ ଅନ୍ତ୍ୟୋଦୟରେ ୩୫କିଲୋ ଚାଉଳ ମାଗଣା ଦେଉଥିବାବେଳେ ରାଜ୍ୟ ସରକାର ମଧ୍ୟ ଅନୁରୂପ ଭାବେ ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ମୁଣ୍ଡପିଛା ୫କିଲୋ ଚାଉଳ ଯୋଗାଇ ଦେଉଛନ୍ତି । ଯଦିଓ କେନ୍ଦ୍ର ସରକାର ୨୦୨୦ ଏପ୍ରିଲ ମାସରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ମାସିକ ମୁଣ୍ଡପିଛା ଅତିରିକ୍ତ ୫କିଲୋ ଚାଉଳ ମାଗଣା ଦେବା ଆରମ୍ଭ କରିବା ପରେ ରାଜ୍ୟ ସରକାର ମଧ୍ୟ ରାଜ୍ୟ ଖାଦ୍ୟ କାର୍ଡଧାରୀଙ୍କୁ ବି ମାଗଣା ଅତିରିକ୍ତ ୫କିଲୋ ଚାଉଳ ଯୋଗାଇ ଦେଉଥିଲେ । କେନ୍ଦ୍ର ସରକାରଙ୍କ ଭଳି ରାଜ୍ୟ ସରକାର ବି ଅତିରିକ୍ତ ଚାଉଳ ଯୋଗାଇବା ବନ୍ଦ କରିଦେଇଛନ୍ତି ।

# ଘର ତ ନାହିଁ କ'ଣ କରିବୁ ? ତେଣୁ ବାହାରେ ବସି ପାଠ ପଢୁଛୁ



ଭୁବନେଶ୍ୱର,୧୧।୨(ପି.ଏନ): 'ଘର ତ ନାହିଁ କ'ଣ କରିବୁ ? ତେଣୁ ବାହାରେ ବସି ପାଠ ପଢୁଛୁ। ପାଠ ପ?ିବାରେ ବହୁତ ଅସୁବିଧା ହେଉଛି। ସରକାରଙ୍କୁ ଅନୁରୋଧ ଯଦି ଶ୍ରେଣୀ ଗୃହ ନିର୍ମାଣ କରି ଦିଅନ୍ତେ ତେବେ ଆମେ ସୁରୁଖୁରୁରେ ପାଠ ପଢ଼ିପାରିବୁ।' ଦୁଃଖର ସହ ସରକାରଙ୍କୁ ଏହି ଗୁହାରୀ ଜଣାଇଛନ୍ତି ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଘୁଗୁଡ଼ିପଡ଼ା ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ। ଗୁହାରୀ କରିବାର କାରଣ ହେଲା, ଶ୍ରେଣୀ ଗୃହ ଅଭାବରୁ ବାରଣ୍ଡାରେ ବସି ପାଠ ପଢୁଛନ୍ତି ଛାତ୍ରଛାତ୍ରୀ। କିବା ଖରା, କିବା ବର୍ଷା; ବର୍ଷକ ବାରମାସ ଛାତ୍ରଛାତ୍ରୀଙ୍କୁ ଏଥିପାଇଁ ହନ୍ତସନ୍ତ ହେବାକୁ ପଡୁଛି। ଅନେକ ସମୟରେ ପାଠପଢ଼ା ବନ୍ଦ ରହୁଛି। ସରକାରୀ ଶିକ୍ଷା ବ୍ୟବସ୍ଥାର ଏହି ଦୟନୀୟ ଚିତ୍ର ଏବେ ଅଭିଭାବକ ଓ ବୁଦ୍ଧିଜୀବୀଙ୍କୁ ମଧ୍ୟ ବ୍ୟଥିତ କରିଛି ।ଏହି ସ୍କୁଲରେ ପ୍ରଥମ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୬୭ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ତେବେ ବିଦ୍ୟାଳୟରେ ମାତ୍ର ୩ଟି ଶ୍ରେଣୀ ଗୃହ ଥିବାରୁ ସମସ୍ତ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ବସିବା ପାଇଁ ଏହା ପର୍ଯ୍ୟାପ୍ତ ହେଉନି। ତେଣୁ ଅଧିକାଂଶ ଶ୍ରେଣୀର ପାଠପଢ଼ା ବାରଣ୍ଡାରେ ଚାଲୁଛି। ସେହିପରି ଗୋଟିଏ ଶ୍ରେଣୀଗୃହରେ ମଧ୍ୟ ଏକାଧିକ ଶ୍ରେଣୀ ଚାଲୁଛି। ଏଭଳି ଅବ୍ୟବସ୍ଥା ଯୋଗୁ କୋମଳମତି ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବିଘ୍ନ ଉପୁଜୁଛି। ବାହାରେ ବସୁଥିବାରୁ ସେମାନଙ୍କ ପ୍ରତି ବିପଦ ମଧ୍ୟ ରହୁଛି ।ଛାତ୍ରଛାତ୍ରୀମାନେ କହିଛନ୍ତି, 'ଆବଶ୍ୟକ ଶ୍ରେଣୀ ଗୃହ ନ ଥିବାରୁ ଆମେ ପ୍ରଥମରୁ ୫ମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ବାରଣ୍ଡାରେ ପଢୁଛୁ। ବର୍ଷା ଓ ଖରା ସହି ପାଠପଢ଼ାବାରେ ଖୁବ୍ କଷ୍ଟ ହେଉଛି। ପାଠପଢ଼ିବାରେ ବହୁ ଅସୁବିଧା ହେଉଛି। ଆବଶ୍ୟକ ଶ୍ରେଣୀ ଗୃହ ଯୋଗାଇ ଦିଆଗଲେ ପାଠପଢ଼ା ସୁବିଧା ହୋଇପାରନ୍ତା। ଗୋଟାଏ କ୍ଲାସର ପିଲାମାନେ ପାଠପଢ଼ିବା ବେଳେ ଅନ୍ୟ କ୍ଲାସର ପିଲାମାନଙ୍କ ପାଠପଢ଼ାରେ ବ୍ୟାଘାତ ହେଉଛି। ସରକାର ଏହାର ସମାଧାନ କରନ୍ତୁ। ସମସ୍ତ ଶ୍ରେଣୀ ନିମନ୍ତେ ସ୍ୱତନ୍ତ୍ର ଶ୍ରେଣୀଗୃହ ନିର୍ମାଣ କରିଦିଅନ୍ତୁ।

## ଓଡ଼ିଶାରେ ଲ' ଲେସ୍ ନେସ୍ ଡେଭଲପ କରିଛି : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୧୧।୨(ପି.ଏନ): ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତିର ଅଧୋଗତି ହୋଇଛି । ଓଡ଼ିଶା ସ୍ଥିତି ସଂଗୀନ ଆଡ଼କୁ ଯାଉଛି ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଝାରସୁଗୁଡା ଠାରେ ନବ ଦାସଙ୍କ ପରିବାରକୁ ଭେଟିଲା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ପ୍ରତିକ୍ରିୟାରେ ଏହା କହିଛନ୍ତି । ସେ କହିଛନ୍ତି ଯେ ଓଡ଼ିଶାରେ ଆଇନ ଶୃଙ୍ଖଳା ସ୍ଥିତି ଖରାପ ହେଉଛି । ଓଡ଼ିଶାରେ ଲ' ଲେସ୍ ନେସ୍ ଡେଭଲପ କରିଛି । ଜଣେ କ୍ୟାବିନେଟ ମନ୍ତ୍ରୀ ପୋଲିସ ଦ୍ୱାରା ହତ୍ୟା ହେବା ବିଚଳିତ କରିଛି । ବିରୋଧୀ କଥା ଛାଡ଼ନ୍ତୁ, ନବ ବାବୁଙ୍କ ସମର୍ଥକ ବି ତଦନ୍ତରେ ସନ୍ତୁଷ୍ଟ ନୁହନ୍ତି ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ । ସତ୍ୟ ଉନ୍ମୋଚିତ ହେବା ଦରକାର ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନିଜେ ଗୃହ ବିଭାଗ ମନ୍ତ୍ରୀ, ରାଜ୍ୟରେ ସ୍ଥିତି ସଂଗୀନ ଆଡ଼କୁ ଯାଉଛି । ଏ ସ୍ଥିତି କେବେ ଯାଏ ରହିବ, ସରକାର ସଚେତନ ହେବାର ଆବଶ୍ୟକ ଅଛି ବୋଲି ସେ କହିଛନ୍ତି ।

## ନବ ଦାସ ହତ୍ୟାକାଣ୍ଡ ମାମଲା: ସରିଲା ନାର୍କ ଟେଷ୍ଟ, ହୋସକୁ ଆସିନି ଗୋପାଳ

ଭୁବନେଶ୍ୱର,୧୧।୨(ପି.ଏନ): ମନ୍ତ୍ରୀ ନବଦାସ ହତ୍ୟାକାଣ୍ଡ ମାମଲାରେ ଗୁଜରାଟ ଗାନ୍ଧି ନଗର ଲ୍ୟାବରେ ଅଭିଯୁକ୍ତ ଗୋପାଳ ଦାସର ନାର୍କ? ଟେଷ୍ଟ ସରିଛି। ନାର୍କ? ଟେଷ୍ଟ ପାଇଁ ଗତ ଦୁଇ ଦିନ ହେଲା ପ୍ରକ୍ରିୟା ଚାଲୁ ରହିଥିଲା। ତେବେ ଆଜି ନାର୍କ ?ଟେଷ୍ଟ ସରିବା ପରେ ଗୋପାଳ ଚେତାଶୂନ୍ୟ ରହିଛି। ସଂପୂର୍ଣ୍ଣ ଚେତା ଫେରିବାକୁ ଆଉ କିଛି ସମୟ ଲାଗିପାରେ। ଅଚେତ ଗୋପାଳକୁ ଏବେ ନୀରିକ୍ଷଣରେ ରଖାଯାଇଛି ବୋଲି କ୍ରାଇମ୍ ?ବ୍ରାଞ୍ଚ ପକ୍ଷରୁ ସୂଚନା ମିଳିଛି ।ନାର୍କ? ଟେଷ୍ଟ ପୂର୍ବରୁ ଗୋପାଳର ପଲିଗ୍ରାଫ୍ ଟେଷ୍ଟ କରାଯାଇଥିଲା। ଅହମ୍ମଦାବାଦ କ୍ରାଇମବ୍ରାଞ୍ଚ ଅଫିସ ସମ୍ମୁଖରେ ଗୋପାଳଙ୍କୁ ତଦନ୍ତକାରୀ ଟିମ୍ ନେଉଥିବା ଭିଡିଓରେ ଦେଖିବାକୁ ମିଳିଥିଲା। ନାର୍କ? ଟେଷ୍ଟ ପୂର୍ବରୁ ଅଭିଯୁକ୍ତ ଗୋପାଳ ଶରୀରର ରକ୍ତଚାପ, ମଧୁମେହ ସହ ଅନ୍ୟାନ୍ୟ ପରୀକ୍ଷା କରାଯାଇଥିଲା। ଗତ ୯ ତାରିଖରେ ଗୋପାଳର ଲାଏ ଡିଟେକସନ୍ ଟେଷ୍ଟ କରାଯାଇଥିଲା। ଆଜି ନାର୍କ? ଟେଷ୍ଟ ସରିଥିବାରୁ ଆସନ୍ତାକାଲି ତାଙ୍କୁ ଝାରସୁଗୁଡା ଅଣାଯିବ। ହତ୍ୟାକାରୀ ଦୋଷ ସ୍ୱୀକାର କରିଛି କୁହାଯାଇଥିଲେ ବି ଏ ଯାଏଁ ଖୋଲିଲାନି ହତ୍ୟାର ଗୁମର।

## ଧ୍ୱଂସାବଶେଷ ତଳେ ୯୪ ଘଣ୍ଟାର ସଂଘର୍ଷ, ପରିସ୍ରା ପିଇ ବଞ୍ଚିଥିଲେ



ତୁର୍କୀ,୧୧।୨(ପି.ଏନ): ତୁର୍କୀ ଓ ସିରିଆରେ ସୋମବାର ହୋଇଥିବା ପ୍ରଳୟଙ୍କର ଭୂକମ୍ପରେ ମୃତ୍ୟୁସଂଖ୍ୟାର ୨୬ ହଜାର ପାର କରିଛି। ଏବେ ବି ହଜାର ହଜାର ଲୋକ ଧ୍ୱଂସାବଶେଷ ତଳେ ଚାପି ହୋଇ ରହିଛନ୍ତି। ଶତାବ୍ଦୀର ସବୁଠାରୁ ବଡ ଭୂକମ୍ପର ସମ୍ମୁଖୀନ ହୋଇଥିବା ତୁର୍କୀ ଓ ସିରିଆରେ ବିଶ୍ୱର ବିଭିନ୍ନ ଦେଶ ଉଦ୍ଧାର କାମରେ ଲାଗିଛନ୍ତି ।ଏଥିରୁ ଭାରତ ମଧ୍ୟ ବାଦ ପଡିନି। ଏନଡିଆରଏଫର ଏକାଧିକ ଟିମ ଓ ସନ୍ଧାନୀ କୁକୁର ମାଟିରେ ମିଶି ସାରିଥିବା ବଡବଡ ବିଲଡିଂ ତଳକୁ ଜୀବନ ସନ୍ଧାନରେ ଲାଗି ପଡିଛନ୍ତି। ଏହିକ୍ରମରେ ଉଦ୍ଧାରକାରୀ ଦଳ ଧ୍ୱଂସାବଶେଷ ତଳେ ଦୀର୍ଘ ୯୪ ଘଣ୍ଟା ଧରି ଫସି ରହିଥିବା ଜଣେ ୧୭ ବର୍ଷୀୟ କିଶୋରଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରିଛନ୍ତି ।ତେବେ ଧ୍ୱଂସାବଶେଷ ତଳେ ପ୍ରାୟ ୪ ଦିନ ଧରି ଫସି ରହିଥିଲେ ମଧ୍ୟ କିଶୋର ଜଣଙ୍କ ହାର ମାନି ନଥିଲେ। ସେ ୪ ଦିନ କାଳ ନିଜ ପରିସ୍ରା ନିଜେ ପିଇ ବଞ୍ଚି ରହିଥିଲେ। ଏଥିସହ ପରିବାର ଲୋକଙ୍କ ଫୁଲକୁ ମଧ୍ୟ ସେ ଭୋକ ସମୟରେ ଖାଇବାକୁ ବାଧ ହୋଇଥିଲେ। ଉଦ୍ଧାର ହେବା ପରେ ସେ ଏବିସି ନ୍ୟୁଜକୁ ଏକଥା କହିଛନ୍ତି।

## ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କୁ ଦର୍ଶନ କଲେ ଭାରତର ରାଷ୍ଟ୍ରପତି ଶ୍ରୀମତୀଦ୍ରୌପଦୀ ମୁର୍ମୁ

ଭୁବନେଶ୍ୱର, ୧୧।୨(ପି.ଏନ): ଆଜି ସକାଳେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟା ଭୁବନେଶ୍ୱରେ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ରାଷ୍ଟ୍ରପତି ତାଙ୍କର ୨ ଦିନିଆ ଓଡିଶା ଗସ୍ତ ପରିପ୍ରେକ୍ଷୀରେ ଆଜି ସକାଳୁ ରାଜଭବନରୁ ବାହାରି ନିର୍ଦ୍ଧାରିତ ସକାଳ ୯ଟା ୧୫ ମିନିଟ୍ ସମୟରେ କଡା ସୁରକ୍ଷା ବଳୟ ମଧ୍ୟରେ ଲିଙ୍ଗରାଜ ମନ୍ଦିର ଠାରେ ପହଁଚିଥିଲେ । ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଷ୍ଟ୍ରପତି ମହୋଦୟାଙ୍କୁ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ସିଂହଦ୍ୱାର ଠାରେ ରାଷ୍ଟ୍ରପତି ମହୋଦୟା ପହଁଚିବା ପରେ ସେଠାରେ ଉପସ୍ଥିତଖୋର୍ଦ୍ଧା ଜିଲ୍ଲାପାଳ ତଥା ଶ୍ରୀ ଶ୍ରୀ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡର ସଭାପତି କେ. ସୁଦର୍ଶନ ଚକ୍ରବର୍ତୀ ଏବଂ ଭୁବନେଶ୍ୱର ମହାନଗର ନିଗମ କମିଶନର ଶ୍ରୀ ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ରାଷ୍ଟ୍ରପତିଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତରୀୟ ପ୍ରଦାନ ପୁର୍ବକ ସ୍ୱାଗତସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ପରେ ପରେ ରାଷ୍ଟ୍ରପତି ପାରମ୍ପରିକ ପ୍ରଥା ଅନୁସାରେ ଚାଲି ଚାଲି ବିନ୍ଦୁ ସାଗରରେ ପାଦ ଧୌତକରିଥିଲେ । ସେଠାରୁ ଆସିବା ପରେ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ମନ୍ଦିର ଠାରେ ପହଁଚିବା କ୍ଷଣି ଉପସ୍ଥିତ ମନ୍ଦିର ବଡୁ ନିଯୋଗ, ବ୍ରାହ୍ମଣ ନିଯୋଗ ଏବଂ ପୂଜାପଣ୍ଡା ନିଯୋଗର କର୍ମକର୍ତା ମାନେ ରାଷ୍ଟ୍ରପତି ମହୋଦୟାଙ୍କୁ ସ୍ୱାଗତ କରିଥିଲେ । ରାଷ୍ଟ୍ରପତି ମହୋଦୟାଙ୍କୁ ବଡୁ ନିଯୋଗର ସଂପାଦକ ପ୍ରଥମେ ସିଦ୍ଧ ଗଣେଶଙ୍କୁ ଦର୍ଶନ କରାଇ ସେଠାରେ ପୂଜାର୍ଚ୍ଚନା କରାଇଥିଲେ । ପୂଜକ ଶଶୀଭୂଷଣ ମକଦ୍ଦମ ସେଠାରେ ପୂଜା କରାଇଥିଲେ । ପରେ ପରେ ରାଷ୍ଟ୍ରପତି ମହୋଦୟା ମହାପ୍ରଭୁଙ୍କ ଗର୍ଭଗୃହରେ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ଉପସ୍ଥିତ ପୂଜକ ସେଠାରେ ମହାପ୍ରଭୁଙ୍କୁ ଜଳାଭିଷେକ ଓ କ୍ଷୀର ଅଭିଷେକ କରାଇଥିଲେ । ରାଷ୍ଟ୍ରପତି ମହୋଦୟା ବିଭିନ୍ନ ପ୍ରକାର ପୁଷ୍ପ, ବେଲପତ୍ର ଅର୍ପଣ ପୂର୍ବକ ଧୂପ,ଦ୍ୱୀପ ପ୍ରଜ୍ୱଳନ କରି ସେ ପୂଜାର୍ଚ୍ଚନା କରିବା ସହପୁଷ୍ପାଞ୍ଜଳି ଦେଇଥିଲେ ।ପରେ ପରେ ରାଷ୍ଟ୍ରପତି ମନ୍ଦିର ବେଢା ପରିକ୍ରମା କରି ଦେବୀ ଅନ୍ନପୂର୍ଣ୍ଣା(ମା' ପାର୍ବତୀମନ୍ଦିର) ଦର୍ଶନ କରି ସେଠାରେ କିଛି କ୍ଷଣ ବସିଥିଲେ । ପରେ ପରେ ମା' ଭୁବନେଶ୍ୱରୀଙ୍କୁ ଦର୍ଶନ କରିଥିଲେ ଏବଂ ବୃଷଭ ଓ ଗରୁଡସ୍ତମ୍ଭ ନିକଟକୁ ଆସି ପ୍ରଣିପାତ କରିଥିଲେ । ବେଢାରେ ଥିବା ଲକ୍ଷ୍ମୀ ନାରାୟଣଙ୍କ ମୂର୍ତି ଦର୍ଶନ କରିଥିଲେ । ପରେ ପରେ ମନ୍ଦିର ପତାକାକୁ ପ୍ରଣିପାତ କରି ଦର୍ଶନ ସମାପ୍ତ କରିଥିଲେ । ଏହା ପରେ ପୂର୍ବ ପ୍ରସ୍ତୁତି ଅନୁସାରେ ଗରୁଡସ୍ତମ୍ଭ ନିକଟରେ ମହାପ୍ରଭୁ ଶ୍ରୀ ଶ୍ରୀ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋଡର ସଦସ୍ୟ, ବିଭିନ୍ନ ନିଯୋଗର କର୍ମକର୍ତା ଏବଂ ସେବାୟତ ପ୍ରତିନିଧିଙ୍କ ସହିତ ଫଟୋ ଉଠାଇଥିଲେ । ଏହି ଅବସରରେ ବଡୁ ସେବାୟତଙ୍କ ତରଫରୁ ପ୍ରଦତ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ପବିତ୍ର କାର୍ତିକ ମାସର ରାଇ ଦାମୋଦର ବେଶର ଏକ ଫଟୋ ମନ୍ଦିର ଜିଲ୍ଲାପାଳ ତଥା ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତିଙ୍କ ଜରିଆରେ ରାଷ୍ଟ୍ରପତି ମହୋଦୟାଙ୍କୁ ପ୍ରଦାନ କରାଯାଇଥିଲା । ମନ୍ଦିର ଦର୍ଶନ ସାରି ରାଷ୍ଟ୍ରପତି ମହୋଦୟା ମନ୍ଦିର ଦର୍ଶନ ପଂଜୀକରଣ ଖାତା( ଭି.ଭି.ଆଇ.ପି. ଭିଜିଟର ରେଜିଷ୍ଟର)ରେ ମନ୍ଦିର ଦର୍ଶନ ଅନୁଭୂତିବିବରଣୀ ଲେଖିଥିଲେ । ଭିଜିଟର ରେଜିଷ୍ଟରରେ ରାଷ୍ଟ୍ରପତି ଲେଖିଛନ୍ତି, "ଆଜିଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ମନ୍ଦିରର ଶାନ୍ତ ଓ ସ୍ନିଗ୍ଧ ପରିବେଶ ମଧ୍ୟରେ ମହାପ୍ରଭୁଙ୍କ ଦର୍ଶନ କରି ମୁଁ ଦିବ୍ୟ ଆନନ୍ଦ ଲାଭ କରିଛି । ଦେଶବାସୀଙ୍କ ସୁଖ, ସମୃଦ୍ଧି ତଥା ବିଶ୍ୱକଲ୍ୟାଣ ପାଇଁ ମୁଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି" । ରାଷ୍ଟ୍ରପତି ମହୋଦୟା ମନ୍ଦିରରୁ ବାହାରିବା ପରେ ବେରିକେଡ୍ ବାହାରେ ଥିବା ଛୋଟ ପିଲାଙ୍କୁ ଚକୋଲେଟ୍ ଦେଇ ସେମାନଙ୍କ ଅନୁରୋଧ କ୍ରମେ ତାଙ୍କ ସହିତ ଫଟୋ ଉଠାଇଥିଲେ । ଏପଟେ ରାଷ୍ଟ୍ରପତିଙ୍କ ସ୍ୱାଗତ ଉଦ୍ଦେଶ୍ୟରେ ମନ୍ଦିର ସମ୍ମୁଖ ବେରିକେଡ ବାହାରେ ପ୍ରାରମ୍ଭରୁ ଆଦିବାସୀ-ସାନ୍ତାଳୀ ନୃତ୍ୟ ଓ ବାଦ୍ୟ ପରିବେଷଣ ଜାରି ରହିଥିଲା ।ମନ୍ଦିର ଦର୍ଶନ ପରେ ରାଷ୍ଟ୍ରପତି ସାନ୍ତାଳୀ ନୃତ୍ୟ ଓ ବାଦ୍ୟ ପରିବେଷଣ କରୁଥିବାଏହି ଭାଇଭଉଣୀମାନଙ୍କ ନୃତ୍ୟ ଓ ବାଦ୍ୟ ଶୁଣି ଅତ୍ୟନ୍ତ ଭାବବିହ୍ୱଳ ହୋଇ ସେମାନଙ୍କୁ ବେରିକେଡ୍ ବାହାରେ ସାକ୍ଷାତ କରିଥିଲେ । ରାଷ୍ଟ୍ରପତି ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ଭୁବନେଶ୍ୱର ଡିସିପି ଶ୍ରୀ ପ୍ରତୀକ ସିଂ ସମେତପୋଲିସ୍ ପ୍ରଶାସନର ସଂପୃକ୍ତ ପଦାଧିକାରୀ, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ ସମେତ ଶ୍ରୀ ଶ୍ରୀ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡର ସମସ୍ତ କର୍ମକର୍ତା। ଉପସ୍ଥିତ ଥିଲେ ।

# ବାରିପଦା ମହର୍ଷି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ







ବାରିପଦା,୧୧।୨(ପି.ଏନ): ବାରିପଦା ବାଘଡ଼ାରୋଡ଼ ସ୍ଥିତ ମହର୍ଷି ପବ୍ଲିକ ସ୍କୁଲର ୨୦ତମ ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପିଲାମାନେ ଅତିଥିମାନଙ୍କୁ ସ୍ୱାଗତ ସଙ୍ଗୀତର ତାଳେ ତାଳେ ସ୍ୱାଗତ କରିବା ପରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳିତ କରାଯାଇଥିଲା। ଏହାପରେ ଚେୟାରମ୍ୟାନ ସମସ୍ତଙ୍କ ଉପସ୍ଥିତିରେ ଗୁରୁ ପରମ୍ପରାର ପୂଜନ କରିଥିଲେ। ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ କାଜଲ କାନ୍ତି ମହାପାତ୍ର ବାର୍ଷିକ ବିବରଣୀ ପାଠ କରିବା ପରେ ସ୍କୁଲ ସଭାପତି ଶ୍ରୀ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରୀ ପ୍ରମୋଦ କୁମାର ଶତପଥୀ ଯୋଗଦେଇ ଶିକ୍ଷା ସହିତ ଯୋଗ ଧ୍ୟାନ ସହ ଭାରତୀୟ ସଂସ୍କାର ନିରୂପଣ କରିବା ଉଚିତ ବୋଲି ମତ ରଖିଥିଲେ। ବାରିପଦା କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ତରୁଣ କୁମାର ଓଝା ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଚରିତ୍ରବାନ, ଦାୟିତ୍ୱବାନ ହେବା ସହ ବିଜ୍ଞାନ ସମେତ ଆଧ୍ୟାତ୍ମିକ ଚେତନାର ସହ ଶିକ୍ଷକ, ପିତାମାତାଙ୍କୁ ଭକ୍ତି କରିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଚେୟାରମ୍ୟାନ ଡଃ ପବିତ୍ର ମୋହନ ସାମନ୍ତରାୟ ବିଜ୍ଞାନ ଯୁଗରେ ଅନ୍ଧବିଶ୍ୱାସ, କୁସଂସ୍କାରରେ ପଥଭ୍ରଷ୍ଟ ନ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା ଏବଂ ଏଥିସହ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ବୃତ୍ତି ପରୀକ୍ଷାରେ ତୃତୀୟ ଶ୍ରେଣୀର କୃତି ଛାତ୍ରୀ କୁମାରୀ ଅନନ୍ୟା ଆସ୍ଥା ମହାନ୍ତଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ମଜା ସମସ୍ତେ ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, କର୍ମଚାରୀ ସହଯୋଗ କରିଥିଲେ। ସ୍କୁଲ ପ୍ରଶାସକ ଅଶୋକ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ବଜେଟ୍ ୨୦୨୩-୨୪ରେ କାଳିଆ ଯୋଜନାରେ ବାର୍ଷିକ ୧୨ ହଜାର ଟଙ୍କା ଓ ବିଏସ୍‌କେୱାଇରେ ପୁରୁଷ ମାନଙ୍କୁ ୭ ଲକ୍ଷ ଓ ମହିଳାମାନଙ୍କୁ ୧୨ ଲକ୍ଷ ଟଙ୍କା ଦେବାକୁ ଦାବି

ଭୁବନେଶ୍ୱର, ୧୧।୨(ପି.ଏନ): ଆସନ୍ତା ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକ ବସି ୨୦୨୩-୨୪ ମସିହା ପାଇଁ ଓଡ଼ିଶା ବଜେଟ୍‌କୁ ଚୁଡାନ୍ତ ରୂପ ଦିଆଯିବ । ଏହି ବଜେଟ୍‌ରେ କୃଷକମାନଙ୍କୁ କାଳିଆ ଯୋଜନାରେ ବାର୍ଷିକ ୧୨ ହଜାର ଟଙ୍କା ଦେବାପାଇଁ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସଭାପତି ରବି ବେହେରା ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଲେଖି ବଜେଟ୍‌ରେ ସ୍ଥାନ ଦେବା ପାଇଁ ଦାବି କରିଛନ୍ତି । ସେହିଭଳି ଦରଦାମ୍ ବୃଦ୍ଧିକୁ ଆଖି ଆଗରେ ରଖି ସ୍ୱାସ୍ଥ୍ୟସେବାରେ ଦିନକୁ ଦିନ ବୃଦ୍ଧି ହେଉଥିବାରୁ ପୁରୁଷଙ୍କ ପାଇଁ ବର୍ତମାନ ବିଏସ୍‌କେୱାଇ ଯୋଜନାରେ ଥିବା ୫ ଲକ୍ଷ ଟଙ୍କାରୁ ୭ ଲକ୍ଷ ଟଙ୍କୁ ବୃଦ୍ଧି କରିବା ଓ ମହିଳାମାନଙ୍କ ପାଇଁ ୧୦ଲକ୍ଷ ଟଙ୍କାରୁ ୧୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖାଯାଇ ଦାବି କରାଯାଇଛି । ପାର୍ଟି ପକ୍ଷରୁ ଲିଖିତ ଏହି ଚିଠିରେ କୁହାଯାଇଛି ଯେ, କାଳିଆ ଯୋଜନା ଓ ବିଏସ୍‌କେୱାଇଁ ଓଡ଼ିଶା ସରକାରଙ୍କର ଦୁଇଟି ଫ୍ଲାଗସିପ୍ (ଅଗ୍ରଣୀ ଯୋଜନା) । ଏହାଦ୍ୱାରା ରାଜ୍ୟରେ ବହୁ ଗରିବ ଲୋକ ଓ ଚାଷୀ ଉପକୃତ ହେଉଛନ୍ତି । ତେଣୁ ଏହି ଦୁଇଟି ଯୋଜନାର ଉପକାରିତା ଓ ଲୋକପ୍ରିୟତାକୁ ଆଖି ଆଗରେ ରଖି ରାଜ୍ୟ ସରକାର ଏହାର ରାଶି ବୃଦ୍ଧି କରିବା ସଙ୍ଗେସଙ୍ଗେ ଏହି ଯୋଜନାକୁ ଆହୁରି ବ୍ୟାପକତର କରିବାକୁ ଶ୍ରୀ ବେହେରା ଦାବି କରିଛନ୍ତି।





# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କରେ ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କଦଳୀ, ଆଙ୍ଗୁର, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡ଼ିଆ ଦେଇ ନଡ଼ିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖିଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୁରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛିରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡ଼କୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମ ଗ୍ରହ ଗଣନା, ପଞ୍ଜିକାଦିର ବାଖ୍ୟା, ନଦୀ ଓ ପାହାଡ଼ମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପାରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପାରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ ନେଇ କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାଂସ୍କୃତି ଜୀବନରେ ବୃଥାମଣ ନେଇ ଚିନ୍ତିତ ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ । ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଜ୍ଜିତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆଧ୍ୟାତ୍ମିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୈତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ଉଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡ଼ିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପର ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନ୍ୱିତ ମନେ କରିବେ ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମିୟାର ବ୍ରଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସ ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଟ୍ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବ୍ରସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବ୍ରସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସ ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସ ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସ ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେଭି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡ଼ିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ରତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡ଼ିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡ଼ାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡ଼ିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ



ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧୨ଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡ଼ିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସୂଚୀ କରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଉଛି । ଚଳିତ ଡିସେମ୍ବରରୁ ସେମାନେ ଏହାର ବ୍ୟବସାୟ ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।




# ତୁ' ମୋତେ ନ ଖା', ମୁଁ ତୋତେ ନଖାଏ



ଆମେ ଯେତେ ନିଶା ଖାଉ, ତା ମଧ୍ୟରେ ଧୂମପାନ ଅନ୍ୟତମ। ଧୂମପାନ ତମାଖୁ ସେବନର ଅନ୍ତର୍ଗତ। ସିଗାରେଟ୍, ବିଡ଼ି ଏବଂ ପିକା ଇତ୍ୟାଦି ସମାଜର ଅଶେଷ କ୍ଷତି କରୁଥିଲେ ହେଁ; ଏହାକୁ ନିଷେଧ କରିବାରେ ସେମିତି କିଛି ଆଖିଦୃଶିଆ କଡ଼ା ଆଇନ୍ ନାହିଁ। ତମାଖୁ ସେବନ ଏବଂ ଧୂମପାନ କାରଣରୁ ଅଧୁନା ପୃଥିବୀରେ ପ୍ରତି ଦଶ ସେକେଣ୍ଡରେ ଜଣେ ମରୁଛନ୍ତି। ଆଶା କରାଯାଏ ଯେ, ଏହାର ବହୁଳ ବ୍ୟବହାର ଉପରେ ଲଗାମ ନଲଗାଇଲେ ଅଥବା ଏହାକୁ ସଂପୂର୍ଣ୍ଣ ବାରଣ ନକଲେ, ପ୍ରତି ସେକେଣ୍ଡରେ ଜଣେ ଲେଖାଏଁ ମରିବା ସୁନିଶ୍ଚିତ। ଆମ ଭାରତରେ ତମାଖୁ ସେବନଜନିତ ସଂଖ୍ୟା ଏବେ ୧୨କୋଟିରୁ ଉର୍ଦ୍ଧ୍ୱ ଏବଂ ଏଥିରେ ପ୍ରତିବର୍ଷ ମରନ୍ତି ପ୍ରାୟ ନଅକୋଟି। ଏକ ସ୍ୱାସ୍ଥ୍ୟ ସୂଚନାରୁ ଜଣାପଡ଼ିଛି ଯେ, ଭାରତର ୬୦ଲକ୍ଷ ହୃଦ୍‌ରୋଗୀଙ୍କ ମଧ୍ୟରୁ ୩୦ଲକ୍ଷ ହୃଦ୍‌ରୋଗୀ ହେଉଛନ୍ତି ତମାଖୁ ବା ଧୂମପାନ ସେବନଜନିତ ରୋଗୀ। ଭାରତରେ ଥିବା କର୍କଟ ରୋଗୀଙ୍କ ମଧ୍ୟରେ ୯୦% ତମାଖୁ ସେବନଜନିତ କର୍କଟ ରୋଗୀ, ମୁଖଗହ୍ୱର କର୍କଟ ରୋଗର ମୁଖ୍ୟ କାରଣ। ଯଦି ସତର୍କତା ଅବଲମ୍ବନ କରାନଯାଏ ତେବେ ନିକଟ ଭବିଷ୍ୟତରେ ଏହା ଆଶାତୀତ ଭାବେ ବୃଦ୍ଧି ପାଇବ। ତମାଖୁରେ ୭୦୦୦ ପ୍ରକାର ରାସାୟନିକ ପଦାର୍ଥ ଅଛି ଯାହା ମଧ୍ୟରୁ ଅଧିକାଂଶ ଉପାଦଳନା ପ୍ରବେଶ କରି ବିଭିନ୍ନ ରୋଗର କାରଣ ହୋଇଥାଏ। ଏହା ଶରୀରକୁ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ପ୍ରଭାବିତ କରିବା ସହ କର୍କଟ, ହୃତ୍‌ପିଣ୍ଡ ସଂକ୍ରାନ୍ତୀୟରୋଗ, ଫୁସ୍‌ଫୁସ୍ ଜନିତ ରୋଗ ଏବଂ ହୃଦ୍‌ଘାତରେ କାରଣ ହୋଇଥାଏ । ଶୁଣି ଆଶ୍ଚର୍ଯ୍ୟ ହେବେ ଯେ, ବିଶ୍ୱର ସର୍ବାଧିକ ମୁଖ କର୍କଟ ରୋଗୀ ଭାରତରେ ହିଁ ଅଛନ୍ତି । ଏହାର ମୁଖ୍ୟ କାରଣ ସେହି ଧୂମପାନ ଏବଂ ତମାଖୁ ସେବନ। ଏବେ କଅଁଳ ବୟସର ପିଲାମାନେ ବିଶେଷକରି ୧୩-୧୫ ବର୍ଷର ପିଲାଏ ସର୍ବାଧିକ ଧୂମପାନ କରୁଛନ୍ତି। ଏହା ଏମିତି ଏକ ନିଶା, ଯାହା ଥରେ ମାତ୍ର ଅଭ୍ୟାସରତ ହୋଇଗଲେ, ସାରା ଜୀବନ ଛାଡ଼ି ହୁଏନାହିଁ ଏବଂ ତାହା ତୁମକୁ ଗୋଡ଼ାଇ ଗୋଡ଼ାଇ ଖାଏ।

ଗବେଷଣାରୁ ଜଣାପଡ଼ିଛି ଯେ, ପ୍ରତିଟି ସିଗାରେଟ୍ ସେବନ ଦ୍ୱାରା ମଣିଷର ଆୟୁ ୫ମିନିଟ୍ କମିଥାଏ । ଖଣ୍ଡିଏ ହୁକା ଟାଣିଲେ ୧୧ମିନିଟ୍ ଆୟୁ କମେ ଯାହାକି ୨୦ଟି ବିଡ଼ି ଟଣା ସହିତ ସମାନ। ଏହା ଅର୍ଥ ନୁହେଁ ବିଡ଼ିରେ କମ୍ ନିକୋଟିନ୍ ଅଛି ବୋଲି ତାକୁ ଖାଇବା। ଆମେ ମନେରଖିବା ଉଚିତ୍ ଯେ ପ୍ରାଣଘାତୀ ଆକ୍ରମଣ ପାଇଁ ଟୋପାଏ ବିଷପାନ ଯେପରି, ସେମିତି ବିଡ଼ି ଓ ସିଗାରେଟ୍ ଖାଉଥିବା ଲୋକଙ୍କ କଥା। ବିଡ଼ି ବା ସିଗାରେଟ୍ ଅଭ୍ୟାସ କରୁଥିବା ଲୋକଙ୍କର ଆୟୁଷର ୬ରୁ ୧୦ ବର୍ଷ ପୂର୍ବରୁ ମୃତ୍ୟୁବରଣ ହୋଇଥାଏ।

ଏବେ ତ ଉଭୟ ପୁରୁଷ ଏବଂ ମହିଳାମାନେ ତମାଖୁ ସହିତ ଧୂମପାନ କରୁଛନ୍ତି। ଆମ ଭାରତରେ ଏହିପରି ପୁରୁଷ ସେବନକାରୀ ସଂଖ୍ୟା ୫୬.୪% ଏବଂ ନାରୀମାନଙ୍କ ସଂଖ୍ୟା ୪୪.୬%। ଆମ ଦେଶରେ ଏକ ତୃତୀୟାଂଶ ଜନସଂଖ୍ୟା ଏଥିରେ ଅଭ୍ୟସ୍ତ।

ବିଶ୍ୱ ତମାଖୁ ସର୍ବେକ୍ଷଣ ୨୦୧୦ ଅନୁସାରେ ଯୁବକମାନଙ୍କର ୫୨% ଘରେ, କର୍ମକ୍ଷେତ୍ରରେ ୩୦% ଏବଂ ଜନତା ପରିବହନରେ ୧୭.୫% ତମାଖୁ ସେବନ ପ୍ରତି ଉନ୍ମୁକ୍ତ ଅଟନ୍ତି। ଉଲ୍ଲେଖଯୋଗ୍ୟ ଯେ ଯେଉଁମାନେ ଏହାକୁ ସେବନ କରନ୍ତି, ସେମାନେ ତ ଏହାର ଶିକାର ହୁଅନ୍ତି, ତାଙ୍କ ସହିତ ବା ତାଙ୍କ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତି, ଗର୍ଭବତୀ ମହିଳା ଓ ଶିଶୁ ଯେଉଁମାନେ ଅଣଧୂମପାନକାରୀ, ସେମାନେ ଘରେ ବା' କର୍ମକ୍ଷେତ୍ରରେ ଯେଉଁଠି ଥାଆନ୍ତି, ୨୫.୩୦% ହୃଦରୋଗ ଏବଂ ୨୦-୩୦% ଫୁସ୍‌ଫୁସ୍‌ଜନିତ ରୋଗରେ ଆକ୍ରାନ୍ତ ହୁଅନ୍ତି। ଅନ୍ତଃରାଷ୍ଟ୍ରୀୟ ଗବେଷଣାରୁ (ଏସ୍.ଏଚ୍.ଏସ୍) ଏହା ମଣିଷ ପାଇଁ ପଦାଙ୍କିତ କାରଣ ହୋଇଛି। ଏସ୍.ଏଚ୍.ଏସ୍‌ରେ ୭୦୦୦ ବିଷାକ୍ତ ରାସାୟନିକ ମଧ୍ୟରୁ ୬୯ ଗୋଟି କର୍କଟ ରୋଗର କାରଣ। ନିକଟରେ ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ତମାଖୁ ସେବନ କାରଣରୁ ଆମେରିକାରେ ପ୍ରତିବର୍ଷ ପ୍ରାୟ ପାଞ୍ଚଲକ୍ଷ ଲୋକ କ୍ୟାନ୍‌ସରର ଶିକାର ହୋଇଥାଆନ୍ତି । ଆମେରିକାର ରୋଗ ନିୟନ୍ତ୍ରଣ ଓ ମୁକାବିଲା କେନ୍ଦ୍ର (ସିଡ଼ିସି)ର ତଥ୍ୟାନୁଯାୟୀ କ୍ୟାନ୍‌ସର ଅର୍ଦ୍ଧାଧିକ ମାମଲା ଫୁସ୍‌ଫୁସ୍ ଓ ଶ୍ୱାସନଳୀ ସମ୍ବନ୍ଧିତ। ଏତଦ୍‌ଭିନ୍ନ ମୁହଁ, ପେଟ ଓ କିଡ଼ନୀ କ୍ୟାନସର ହେବାର ସମ୍ଭାବନା ମଧ ତମାଖୁ ସେବନରୁ ବୋଲି ସତର୍କ କରାଯାଇଛି। ଦେଶର ଆର୍ଥିକ କ୍ଷେତ୍ରରେ ଏହାର ପ୍ରଭାବ ମଧ ବେଶ୍ କ୍ଷତିକାରକ; ପାଖାପାଖି ୧୬୭ ଶହ କୋଟି ଡଲାର।

ଏସ୍.ଏଚ୍.ଏସ୍ ପ୍ରତି ଉନ୍ମୁକ୍ତ ପିଲାମାନେ ହଠାତ୍ ପ୍ରାଥମିକ ଲକ୍ଷଣ ସହ (ଏସ୍.ଆଇ.ଡ଼ି.ଏସ୍) ତୀବ୍ର ଶ୍ୱାସ, କଣ୍ଠ ସମସ୍ୟା, ଶ୍ୱାସନଳୀ ପ୍ରଦାହ ଏବଂ ଅତିଶୟ ଗଳା ନିମନ୍ତେ ବର୍ଦ୍ଧିତ ବିପଦରେ ଥାଆନ୍ତି। ଏସ୍.ଏଚ୍.ଏସ୍ ପ୍ରତି ଯୁବକମାନଙ୍କର ଉନ୍ମୁକ୍ତ, ହୃତପିଣ୍ଡ ଓ ଧମନୀ ରୋଗ, କୋରୋନାରୀ ହୃଦୟ ରୋଗ ଏବଂ ସାୟୁ କୋଷ ଫୁସ୍ ଫୁସ୍ କର୍କଟର କାରଣ ହୋଇଥାଏ।

୨ ଅକ୍ଟୋବର ୨୦୦୮ରେ ଭାରତ ସରକାର ସର୍ବସାଧାରଣ ସ୍ଥାନରେ "ଧୂମପାନ ନିଷେଧ" ଉପରେ ସଂଶୋଧିତ ଆଇନ୍ ଲାଗୁ କରିଛନ୍ତି। ଏହା ଏକ ଦଣ୍ଡନୀୟ ଅପରାଧ ବୋଲି ଘୋଷଣା କରିଛନ୍ତି। ସର୍ବସାଧାରଣ ସ୍ଥାନରେ ଧୂମପାନ କରୁଥିବା ବ୍ୟକ୍ତିଙ୍କୁ ୨୦୦ଟଙ୍କା ଜୋରିମନା ଦେବାର ନିୟମ ଥିଲା। ଏହାକୁ ଧରାଇବାପାଇଁ ସ୍ୱାସ୍ଥ୍ୟ ଓ ଗୃହ ବିଭାଗ ତରଫରୁ କର୍ମଚାରୀମାନଙ୍କୁ ନେଇ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ବ୍ୟବସ୍ଥା ଅଛି। ସରକାରୀ କର୍ମଚାରୀ ତାଙ୍କ କାର୍ଯ୍ୟାଳୟରେ ଧୂମପାନ କଲେ ୫୦୦ଟଙ୍କା ଏବଂ ଦୁଇଜଣ ମିଶି ଧୂମପାନ କଲେ ୧୦ ହଜାର ଟଙ୍କାର ଜୋରିମାନା କଥା ବି ଅଛି।

ଏସବୁ ସତ୍ତ୍ୱେ ଧୂମପାନକାରୀଙ୍କ ସଂଖ୍ୟା ବଢ଼ି ରହିଛି। ଆଇନ୍ ତା' ପୋଥି ଭିତରେ ନୀରବ। କର୍ମୀଙ୍କ କଥା ଛାଡ଼। ମଦ କୁହେ; ତୁମେମାନେ ମୋତେ ଖାଉନ, ମୁଁ ତୁମକୁ ଖାଉଛି। ଏବେ ଧୂମପାନ କଥା ସେୟା, ଆମେ କ'ଣ କହିବା ଯେ ଧୂମପାନ ଆମକୁ ଖାଉ!

ଧୂମପାନ ନିଷେଧ ପାଇଁ ଆମ ଜାତୀୟ ସରକାର ନାନାବିଧ ପଦକ୍ଷେପ ନେଇଛନ୍ତି। ସିଗାରେଟ୍ ଟାଣିବା ଓ ତମାଖୁ ଚୋବାଇବାରେ କଡ଼ା କଟକଣା ଜାରିକରିବାରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ଏକ କମିଟି ଗଠନ କରାଯାଇଥିଲା। ଗତ ସେପ୍ଟେମ୍ବର ୨୦୧୪ରେ କମିଟି ତାଙ୍କ ସୁପାରିଶ ଦେଇଛନ୍ତି। ଏହା ଏକ ସ୍ୱର୍ଣ୍ଣକାତର ବିଷୟ ହେତୁ ଆଗାମୀ ଶୀତକାଳୀନ ଅଧିବେଶନରେ ସଂସଦରେ ପାରିତ ହୋଇ ନିୟମରେ ପରିଣତ ହେବାର ଅଛି। ଏହା ଯଦି ହୁଏ, ତେବେ ପୂର୍ବ ଆଇନ୍‌ର ସଂଶୋଧିତ ରୂପରେ ସର୍ବସାଧାରଣ ସ୍ଥାନରେ ଧୂମପାନ କଲେ ପୂର୍ବ ପ୍ରଚଳିତ ୨୦୦ ଟଙ୍କା ପରିବର୍ତ୍ତେ ଏହା ୨୦ ହଜାର ଟଙ୍କା ଜୋରିମନା ହେବ। ସିଗାରେଟ୍‌ର ବ୍ୟବହାର ରୋକିବା ଏବଂ ହ୍ରାସ ପାଇଁ ଏଭଳି ପ୍ୟାକେଟରୁ ଖୋଲି କେହି ଖୁଚୁରା ବିକିପାରିବେ ନାହିଁ। କାରଣ ଖୋଲା ସିଗାରେଟ୍ ପାନ ବିଡ଼ି ସିଗାରେଟ୍ ଦୋକାନରେ ଅଧିକ ବିକ୍ରି ହୋଇଥାଏ। ତେବେ ପ୍ୟାକେଟ୍ ବିକ୍ରି ଉପରେ ବି ପ୍ରଶ୍ନବାଚୀ ଅଛି। ପ୍ୟାକେଟ୍‌ଟିଏ ପାଖରେ ଥିଲେ ଅଧିକ ପିଇବାକୁ ଇଚ୍ଛା ହୁଏ। ପୁନଶ୍ଚ କଂପାନୀମାନଙ୍କୁ ସତର୍କ କରାଇ କୁହାଯାଇଛି ଯେ ସେମାନେ ପ୍ୟାକେଟ୍ ଉପରେ ୮୦% ସ୍ଥାନରେ ବୈଧାନିକ ସତର୍କତାସ୍ୱରୂପ ଫଟୋ ସହିତ ଚେତାବନୀକୁ ଦୃଶ୍ୟମାନ ବଡ଼ ଆକାରରେ ସ୍ଥାନିତ କରିବେ। ପୂର୍ବରୁ ଏହାକୁ ଖିଲାପ କଲେ ୫୦୦୦ ଟଙ୍କା ଜୋରିମନା ଦେବାକୁ ଥିଲା। ଏବେ ଏହାକୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଉଛି। ଖାଲି ସେତିକି ନୁହେଁ, ତମାଖୁ ସେବନ ନିମନ୍ତେ ସର୍ବନିମ୍ନ ବୟସ ୧୮ରୁ ୨୫କୁ ବୃଦ୍ଧି କରାଯାଉଛି। ଏହା କେତେଦୂର କାର୍ଯ୍ୟକାରୀ ହେବ, ତାହା କେବଳ ଦେଖିବାକୁ ବାକି ରହିଲା।

ପ୍ରତିବର୍ଷ ୧୧ ଅକ୍ଟୋବରକୁ ଧୂମପାନ ନିଷେଧ ଦିବସ ରୂପେ ପାଳନ କରିବାକୁ ଘୋଷଣା କରାଯାଇଛି। ଏହା ମାଧ୍ୟମରେ ଛାତ୍ରଛାତ୍ରୀ, ଶିକ୍ଷକ, ବୁଦ୍ଧିଜିବୀ ଏବଂ ସର୍ବସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇ ଧୂମପାନ ସେବନରୁ ନିବୃତ୍ତ କରାଇବାକୁ ପ୍ରବର୍ତ୍ତାଯାଉଛି।

ଧୂମପାନ କେବଳ ଆମ ରୋଗର ଏକ ମାରାତ୍ମକ କାରଣ ନୁହେଁ। ଏହା ଏକ ନିହାତି ଅସଭ୍ୟତା ଏବଂ ଅଭଦ୍ରତା। ଏ ନେଇ ଗାନ୍ଧି କହିଛନ୍ତି- ***"ଯେବେଠାରୁ ମୁଁ ବଡ଼ ହୋଇଛି, ମୁଁ କେବେବି ଧୂମପାନ କରିବାକୁ ଇଚ୍ଛା କରିନାହିଁ ଏବଂ ସର୍ବଦା ଧୂମପାନ ଅଭ୍ୟାସକୁ ଅସଭ୍ୟ, ଘୃଣ୍ୟ ଓ କ୍ଷତିକାରକ ବୋଲି ବିବେଚନା କରିଛି। ମୁଁ କେବେବି ବୁଝିପାରିନାହିଁ ଯେ ସମଗ୍ର ବିଶ୍ୱରେ ଧୂମପାନ ପାଇଁ ଏତେ ଆବେଗ କାହିଁକି? ଧୂମପାନ କରୁଥିବା ଲୋକମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥିବା ଏକ ରେଳଡ଼ବାରେ ବସିବାକୁ ମୁଁ ସହ୍ୟ କରିପାରିବି ନାହିଁ। -ସତ୍ୟ ସହିତ ମୋ ପରୀକ୍ଷା।"***

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା, ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ**

# କାଥୋଲିକ ଓ ପ୍ରୋଟେଷ୍ଟାଣ୍ଟ ବିବାଦ



ଆମ ଦେଶର ଜାତିଗତ ବିବାଦ ସଂପର୍କୀୟ ଘଟଣା ସବୁବେଳେ ଆମେ ବହୁଳ ଭାବରେ ଆଲୋଚନା କରି ସେ ସମୟର ନିର୍ଯାତନା ପାଇଁ ଏବେ ମଧ୍ୟ କିଛି ନିର୍ଦ୍ଦିଷ୍ଟ ଜାତି ବା ସଂପ୍ରଦାୟଙ୍କୁ ଦାୟୀ କରି ନିନ୍ଦା ଓ ଭତ୍ସନା ଜାରି ରଖିଛୁ । ପ୍ରତିଦିନ ମନୁଙ୍କ ସପ୍ତପୁରୁଷକୁ ଶ୍ରାଦ୍ଧ କରାଯାଉଛି । ବ୍ରାହ୍ମଣମାନଙ୍କ ମୁହଁରେ କଳା ବୋଳାଯାଉଛି । ଆମ ଦେଶରେ ଜାତିଗତ ବିଭେଦ ପାଇଁ କେବେ ରକ୍ତପାତ ହୋଇ ନଥିଲା । ସମୟ ଅନୁଯାୟୀ ଲୋକମାନେ ଅତୀତକୁ ଭୁଲି ସଂହତିର ଜୀବନ କଟାଇଲା ବେଳକୁ ଆମ ନେତାମାନେ ଲୋକମାନଙ୍କୁ ଶାନ୍ତିରେ ରଖାଇ ଦେଉନାହାନ୍ତି । ଦଳିତ, ଅନୁସୂଚିତ ବୋଲି ଅନେକ ଶବ୍ଦ ସୃଷ୍ଟି କରି ସବୁବେଳେ ଅତୀତକୁ ଉଖୁରାଉଛନ୍ତି । ନାନାପ୍ରକାର ସଂରକ୍ଷଣରେ ଦେଶକୁ ଶତ ବିଭକ୍ତ କରି ନିଜର ଭୋଟବ୍ୟାଙ୍କ ସୃଷ୍ଟି କରି ଚାଲିଛନ୍ତି ।

ମଧ୍ୟଯୁଗରେ ଖାଲି ଭାରତ ନୁହେଁ, ପୃଥିବୀର ସବୁଆଡେ ଭୟଙ୍କର ଧର୍ମଗତ ବିଭେଦ ଲାଗିଥିଲା । ଯେଉଁ ୟୁରୋପୀୟମାନେ ଆଜି ସାହେବ ହୋଇଛନ୍ତି, କ୍ରୀତଦାସ ପ୍ରଥା ଭଳି ଜଘନ୍ୟ ପ୍ରଥାକୁ ଶହ ଶହ ବର୍ଷ ବଂଚ-ାଇ ରଖିଥିଲେ । ମଣିଷକୁ ପଶୁଠାରୁ ଆହୁରି ହୀନ କରିଥିଲେ । ଖ୍ରୀଷ୍ଟଆନମାନେ ସେମାନଙ୍କର ଜାତିଭେଦ ନାହିଁ କହି ଆମକୁ ଘୃଣା କରନ୍ତି, ସେମାନଙ୍କର କାଥୋଲିକ ଓ ପୋଟେଷ୍ଟାଣ୍ଟମାନଙ୍କ ମଧ୍ୟରେ ବିବାଦ ହୋଇ ଶହ ଶହ ଜିଅନ୍ତା ମଣିଷକୁ କିପରି ପୋଡି ମାରୁଥିଲେ, ତାହାର ସାକ୍ଷୀ ଇତିହାସ ହିଁ ରହିଛି ।

ପ୍ରଥମ ଖ୍ରୀଷ୍ଟାବ୍ଦସରେ ପ୍ରାଚୀନ ଇସ୍ରାଏଲ ଭୂମି (ଜୁଡାଇ)ର ଜେସସ କ୍ରାଏଷ୍ଟ ଖ୍ରୀଷ୍ଟଧର୍ମ ପ୍ରଚାର କରିଥିଲେ । ଏକ ନୂତନ ଧର୍ମ ଆଗମନରେ ଆତଙ୍କିତ ହୋଇ ସେଠାର ମୂଳ ଅଧିବାସୀ ଇହୁଦୀମାନଙ୍କର ପୂଜକ ମାନେ ରୋମାନ ଶାସକ ହିରୋଡଙ୍କ ଆଗରେ ଯୀଶୁଙ୍କ ବିରୁଦ୍ଧରେ ଆରୋପ ଆଣି ତାଙ୍କୁ କ୍ରୁସ ବିଦ୍ଧ କରାଇ ହତ୍ୟା କରିଥିଲେ । ସେତେବେଳେ ଧର୍ମରେ ନୂଆ ଚିନ୍ତାଧାରାକୁ ପ୍ରାଣଦଣ୍ଡ ଦେଇ ଦବାଇ ଦିଆଯାଉଥିଲା । ପରେ ପଲ, ପିଟର ଭଳି ଶିଷ୍ୟମାନେ ଆତ୍ମବଳି ଦେଇ ଏହାର ପ୍ରଚାର କରିଥିଲେ । ନୂତନ ଧର୍ମାବଲମ୍ବୀମାନେ ନାନା ନିର୍ଯାତନାର ଶିକାର ହେଲେ । ତୃତୀୟ ଶତାବ୍ଦୀରେ ରୋମ ସମ୍ରାଟ କନଷ୍ଟାଣ୍ଟାଇନ ରୋମର ରାଜଧର୍ମ ରୂପେ ଖ୍ରୀଷ୍ଟଧର୍ମ କୁ ଗ୍ରହଣ କରିବାରୁ ଏହା ସାରା ରୋମ ସାମ୍ରାଜ୍ୟରେ ବ୍ୟାପିଗଲା । ଚର୍ଚ୍ଚମାନ ପ୍ରତିଷ୍ଠା କରାଗଲା । ରୋମର ବିଶପଙ୍କୁ ପୋପ କୁହାଗଲା । ଧର୍ମକୁ ରୋମାନ କାଥୋଲିକ (Universal) ଧର୍ମ ନାମ ଦିଆଗଲା । ଖ୍ରୀଷ୍ଟ ଧର୍ମର ଧର୍ମଗ୍ରନ୍ଥ ବାଇବେଲ ଲାଟିନ ଭାଷାରେ ଲେଖା ଥିଲା । ପ୍ରତି ରବିବାର ଦିନ ଚର୍ଚ୍ଚକୁ ଯିବା ବାଧ୍ୟତାମୂଳକ ଥିଲା। ମଣିଷର ବ୍ୟକ୍ତିଗତ ଜୀବନକୁ ଚର୍ଚ୍ଚ ନିୟନ୍ତ୍ରଣ କଲା। ୟୁରୋପର ଏକ ତୃତୀୟାଂଶ ଜମି ଚର୍ଚ୍ଚ ଅଧୀନରେ ଥିଲା । ପୋପ ଖ୍ରୀଷ୍ଟଆନ ଜଗତର ସର୍ବୋଚ୍ଚ ଧର୍ମଗୁରୁ ହେଲେ । ବିସପ, କାର୍ଡିନାଲ, ପ୍ରିଷ୍ଟ ମାଧ୍ୟମରେ ସାଧାରଣ ଲୋକମାନେ ଈଶ୍ୱରଙ୍କ ଉପଲବ୍ଧି କରୁଥିଲେ । ଅନୁତାପ, କନଫେସନ, ବାପ୍ଟିଜିମ ଓ ସତକାମ ଏହି ଧର୍ମର ମୂଳମନ୍ତ୍ର ଥିଲା । ପୋପ ସମସ୍ତ ଖ୍ରୀଷ୍ଟିଆନ ଜଗତର ସର୍ବୋଚ୍ଚ ଗୁରୁ ଥିଲେ । ସେ ବିସପ, କାର୍ଡିନାଲମାନଙ୍କୁ ନିଯୁକ୍ତି ଦେଉଥିଲେ । ପାପାଲ କିଙ୍ଗଡମ ନାମରେ ରାଜ୍ୟର ଶାସକ ମଧ୍ୟ ଥିଲେ । ପ୍ରତ୍ୟେକ ଶାସକ ନିଜ ଅଭିଷେକ, ବିବାହ ପାଇଁ ପୋପଙ୍କର ଅନୁମତି ନେଉଥିଲେ। କାଥୋଲିକ ଧର୍ମରେ କୌଣସି ଭିନ୍ନମତକୁ ଆଶ୍ରୟ ଦିଆଯାଉ ନ ଥିଲା । ନିଜର ନୂଆ ମତ (Heliocentrism,The Sun not Earth is in centre) ପାଇଁ ବୟସ୍କ ବୈଜ୍ଞାନିକ ଗାଲିଲିଓଙ୍କୁ ନାନା ଅପମାନ ଦିଆଗଲା (୧୫୩୪) । ସେ ମିଛୁଆ ଓ ଉଦଭ୍ରାନ୍ତ (Heratic) ବୋଲି ଘୋଷଣା କରାଗଲା । ସେ ଜୀବନଯାକ ଗୃହବନ୍ଦୀ ରହିଲେ । କବର ପାଇଁ ଯାଗା ଦିଆଗଲା ନାହିଁ । କାଳକ୍ରମେ ଅନେକ ଚିନ୍ତାଶୀଳ ବ୍ୟକ୍ତି ଧର୍ମର ସଂସ୍କାର ଚାହିଁଲେ । ସେମାନଙ୍କ ମଧ୍ୟରେ ଜର୍ମାନର ମାର୍ଟିନ ଲୁଥର ଓ କାଲଭିନ ପ୍ରଧାନ । ସେ ୯୫ ଥେସିସ ନାମରେ ଏକ ପୁସ୍ତକ ଲେଖି (୧୫୨୩) ପୋପଙ୍କ ଆଧିପତ୍ୟକୁ ପ୍ରୋଟେଷ୍ଟ କରିବାରୁ ତାଙ୍କ ଧର୍ମକୁ ପ୍ରୋଟେଷ୍ଟାଣ୍ଟ କୁହାଗଲା । ସେମାନେ ବାଇବେଲକୁ ସ୍ଥାନୀୟ ଭାଷାରେ ଛପାଇଲେ । ଈଶ୍ୱର ଓ ବ୍ୟକ୍ତି ମଧ୍ୟରେ ପ୍ରିଷ୍ଟର (ଚର୍ଚ୍ଚ) ମାଧ୍ୟମ ଦରକାର ନାହିଁ ବୋଲି କହିଲେ । ମଦର ମେରୀଙ୍କ ଈଶ୍ୱରତ୍ୱକୁ ମାନିଲେ ନାହିଁ । ଅନୁତାପ, ସତକର୍ମ ବଦଳରେ ଈଶ୍ୱରଙ୍କ ପ୍ରତି ବିଶ୍ୱାସକୁ ପ୍ରାଧାନ୍ୟ ଦେଲେ । ଦଣ୍ଡରୁ କ୍ଷମା ପାଇଁ ଚର୍ଚ୍ଚମାନେ ଅର୍ଥ ନେବାକୁ ବିରୋଧ କଲେ । ସେମାନେ ନିଜର ସ୍ୱତନ୍ତ୍ର ଚର୍ଚ୍ଚ (Redemption) ପ୍ରତିଷ୍ଠା କଲେ । ପ୍ରତ୍ୟେକ ଚର୍ଚ୍ଚ ସମାନ ବୋଲି ଘୋଷଣା କଲେ । ଏହାର ସାମନା ପାଇଁ ପୋପ ସଂସ୍କାର କାର୍ଯ୍ୟକାରୀ କଲେ (୧୫୨୭) । ଜର୍ମାନୀର ଶାସକମାନେ ଲୁଥରଙ୍କୁ ସମର୍ଥନ କଲେ । ଜର୍ମାନୀ ସେତେବେଳେ ପବିତ୍ର ରୋମାନ ସମାଜର ଅନ୍ତର୍ଗତ ଥିଲା, ଯେ କି ପୋପଙ୍କର ଦୃଢ ସମର୍ଥକ ଥିଲେ । ଜର୍ମାନରେ ତିରିଶ ବର୍ଷ ଧରି ଯୁଦ୍ଧ ଚାଲିଲା । ଅନେକ ରାଜ୍ୟ ଧ୍ୱଂସ ହେଲା । କୁହାଯାଏ ଜର୍ମାନର ଏକ ତୃତିୟାଂଶ ଲୋକ ଏହି ଧର୍ମଯୁଦ୍ଧରେ ମରିଗଲେ । ଲାଟିନ ଆମେରିକା, ଇଟାଲି, ସ୍ପେନ୍, ପର୍ତ୍ତୁଗାଲ, ୨୩-ଇଷ୍ଟର୍ଣ୍ଣ ଅର୍ଥୋଡକ୍ସ କାଥୋଲିକ ଧର୍ମର (୧.୨ ବିଲିଅନ) ସମର୍ଥକ ଥିଲେ । ଜର୍ମାନ, ଫ୍ରାନସ, ଆମେରିକା, ହଲାଣ୍ଡ ପ୍ରୋଟେଷ୍ଟାଣ୍ଟକୁ ଆପଣେଇଲେ (୮୦ ମିଲିଅନ) । ଏଥିନେଇ ଦେଶ-ଦେଶ ମଧ୍ୟରେ ଯୁଦ୍ଧ ଚାଲିଲା । ଇଂଲଣ୍ଡର ହେନେରି-୮ଙ୍କ ପୋପଙ୍କ ସହ ବିବାଦ ହେବାରୁ ସେ ନିଜ ଦେଶରେ କାଥୋଲିକ ଚର୍ଚ୍ଚମାନ ବନ୍ଦ କରାଇଦେଲେ । ଅତ୍ୟାଚାରରୁ ରକ୍ଷାପାଇବା ପାଇଁ ଅନେକ ଦେଶ ଛାଡିଲେ । ତାଙ୍କ କନ୍ୟା ମେରି ଶାସକ ହେଲାପରେ କାଥୋଲିକଙ୍କୁ ସମର୍ଥନ କଲେ । ପ୍ରୋଟେଷ୍ଟାଣ୍ଟ ମାନଙ୍କୁ ମୃତ୍ୟୁଦଣ୍ଡ ଦେଉଥିଲେ । ତାଙ୍କର ମାତ୍ର ୫ ବର୍ଷ ଶାସନ ମଧ୍ୟରେ ଆର୍କ ବିଶପ କାଉନବରି (କ୍ରାନମର)ଙ୍କ ସମେତ ୨୭୮ଜଣଙ୍କୁ ନିଆଁରେ ପୋଡି ମାରିଥିଲେ । ସେଥିପାଇଁ (Inquisition Law) ବୋଲି ଲୋକେ ଡାକିଲେ । ସ୍ପେନର ଜଣେ ପ୍ରୋଟେଷ୍ଟାଣ୍ଟ କେଟେନ ରିପିଲ (ଶିକ୍ଷକଙ୍କୁ) ଧର୍ମଯାଜକ ପ୍ରିସାଲିନଙ୍କୁ ପୋଡି ମାରିଦିଆଗଲା । ତାଙ୍କର ଅପରାଧ ହେଲା ସେ ଚର୍ଚ୍ଚରେ ପ୍ରାର୍ଥନା ନକରି ଘରେ ପ୍ରାର୍ଥନା କରାଉଥିଲେ । ଆୟରଲାଣ୍ଡରେ କାଥୋଲିକମାନଙ୍କୁ ୪୫ ଫୁଟ ବାଡ ଦିଆଯାଇ ନିଆରା ରଖାଗଲା । ଇଂଲଣ୍ଡରେ ଗୃହଯୁଦ୍ଧ ହୋଇ ରାଜା ଚାର୍ଲସ (କାଥୋଲିକ)ଙ୍କୁ ହତ୍ୟା କରାଗଲା । ସାରା ୟୁରୋପରେ ଇହୁଦୀ ମାନଙ୍କୁ ଘୃଣା କରି ଘେଟୋରେ ରଖାଗଲା ।

ଭିନ୍ନ ମତାବଲମ୍ବୀମାନଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ପୋପ କାଥେଲିକମାନଙ୍କ Inquisition Law ପ୍ରଣୟନ ପାଇଁ ଆଦେଶ ଦେଲେ । ଏହା ବର୍ତ୍ତମାନର ତାଲିବାନ ଆଇନଠାରୁ ଆହୁରି ଜଘନ୍ୟ ଥିଲା । ସ୍ୱତନ୍ତ୍ର ବିଚାରପତି ନିଯୁକ୍ତି ପାଇଲେ । ଯେଉଁମାନେ ଠିକ୍ ଭାବେ ଧର୍ମ ଆଚରଣ କରୁନଥିବେ (Heratics, Heresy) ସେମାନଙ୍କ ପାଇଁ ବିଭିନ୍ନ ଦଣ୍ଡର ବ୍ୟବସ୍ଥା ରହିଲା । ବିଶେଷତଃ ନିୟୁ ଖ୍ରୀଷ୍ଟିଆନ (Converted Christian)ମାନେ ନିଜ ପୁରୁଣା ଧର୍ମର ବ୍ୟବସ୍ଥା ମାନୁଥିବାରୁ ଏହାର ଶିକାର ହେଉଥିଲେ । ଦଣ୍ଡ ହେଲା, ନିଆଁରେ ପୋଡି ମାରିବା, ସାଧାରଣ ଜାଗାରେ ବାନ୍ଧି ଚାବୁକ ମାରିବା, ଲୋକମାନେ ଟେକା ଫିଙ୍ଗିବା, ଛିପ ପକାଇବା, ଯାହା ଏକ ପୂଣ୍ୟ କାର୍ଯ୍ୟ ବୋଲି ବିବେଚିତ ଥିଲା। ନିର୍ଜନ କାରାବାସ, ଦେଶାନ୍ତର, ଉପରୁ କଚାଡି ହାଡ ଗୋଡ ଭାଙ୍ଗି ଦେବା । ଶାସକ ମାନେ ନିଜ ବିରୋଧୀଙ୍କୁ ଏହି ସୁଯୋଗରେ ଧର୍ମଦ୍ରୋହୀ କହି ଦଣ୍ଡ ଦେଲେ । ସାରା ୟୁରୋପ ଓ ସେମାନଙ୍କର କଲୋନିମାନଙ୍କରେ ହଜାର ହଜାର ବ୍ୟକ୍ତିଙ୍କୁ ହତ୍ୟା କରାଗଲା । ପର୍ତ୍ତୁଗୀଜ ଅଧିକୃତ ଗୋଆରେ ଧର୍ମପ୍ରାଣ ସେଣ୍ଟ ଫ୍ରାନସିସ ଜାଭିଅରଙ୍କ ଆଦେଶରେ ୭୦ ଜଣଙ୍କୁ ନିଆଁରେ ପୋଡି ମାରି ଦିଆଯାଇଥିଲା । ୟୁରୋପରୁ ଏହି କଳାରାତି ନେପୋଲିଅନଙ୍କ ଆବିର୍ଭାବରେ ସମାପ୍ତ ହୋଇଥିଲା । ସେ ଆଦେଶ ଦେଇ ଏହି ଆଇନକୁ ଉଠାଇ ଦେଇଥିଲେ । ଆମର ଅତୀତକୁ ସମାଲୋଚନା କଲା ବେଳେ ସେହି ଉନ୍ନତ ଦେଶମାନଙ୍କ ଅତୀତକୁ ତୁଳନା କଲେ, ଆମ ବ୍ୟବସ୍ଥା ଯେ ତାଙ୍କ ଠାରୁ ସହସ୍ରଗୁଣ ଉଦାର ଥିଲା, ତାହା ନିଃସନ୍ଦେହରେ କୁହାଯାଇପାରିବ । ସେଥିପାଇଁ ଆମର ଅତୀତରେ ଯାହାକିଛି ଦୁର୍ବଳତା ରହିଛି, ତାହା ପାଇଁ ଲଜ୍ଜିତ ହେବାର ଆବଶ୍ୟକତା କିଛି ନାହିଁ ।

**——ଡାଃ ସୁରେନ୍ଦ୍ର ନାଥ ଦାଶ**
***ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ : ୯୪୩୭୨୩୫୩୮୬***

# ବିଷାଦଗ୍ରସ୍ତ ଭାରତ



ବ୍ୟସ୍ତବହୁଳ ଜୀବନରେ ଜଞ୍ଜାଳମୟ ମୁହୂର୍ତ୍ତ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରୁଛି। କର୍ମକ୍ଷେତ୍ର ଠାରୁ ବୃତ୍ତିଗତ କ୍ଷେତ୍ର ସବୁଠି ବ୍ୟସ୍ତତା, ଅଶାନ୍ତି ଓ ବିଶାଦର ଚିହ୍ନ। ନିକଟରେ ଜାତୀୟ ସ୍ୱାସ୍ଥ୍ୟ ବୁଲେଟିନର ତଥ୍ୟକୁ ଅନୁଯାୟୀ ଭାରତକୁ ଏକ ପ୍ରକାର ବିଷାଦମୟ ପରିବେଶ ସଂକ୍ରମିତ କରିଛି ବୋଲି ପରୋକ୍ଷରେ ତଥ୍ୟ ରଖିଛି। କେବଳ ସେତିକି ନୁହେଁ ସମାଜ ବିଜ୍ଞାନୀଙ୍କ ମତରେ ଭାରତକୁ କୁହାଯାଇଛି ଆତ୍ମହତ୍ୟାର ରାଜଧାନୀ। ଏହାର କାରଣ ଭାବେ ମେଡ଼ିକାଲ ରିସର୍ଚ୍ଚ ଆସୋସିଏସନ୍ ଦର୍ଶାଇଛି ଯେ ଭାରତ ଦିନକୁ ଦିନ ଅଧିକରୁ ଅଧିକ ବିଷାଦଗ୍ରସ୍ତ ହୋଇ ପଡୁଛି। ଏହାର କାରଣ ଅନେକ। ଯୁବକମାନଙ୍କ ଭିତରେ ରହିଛି ପରୀକ୍ଷା ବା ଚାକିରୀ ପାଇବାରେ ବିଫଳତା ଏବଂ ବେକାରୀ। ପ୍ରେମଜନିତ ଆତ୍ମହତ୍ୟା ଘଟନା ବି ବେଶ୍ ବଢ଼ିବାରେ ଲାଗିଛି। ସେହିପରି ଘରଣୀମାନେ ମଧ ଆଗଠାରୁ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରୁଛନ୍ତି। ସେମାନଙ୍କ ପରେ ଆସୁଛନ୍ତି ବୃଦ୍ଧ ବା ବୃଦ୍ଧା। ବରିଷ୍ଠ ନାଗରିକମାନେ ମଧ ନିଃସଙ୍ଗତା ଓ ଆର୍ଥିକ ଅନଟନଜନିତ କାରଣରୁ ବିଷାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରୁଛନ୍ତି। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଭାରତର ପ୍ରାୟ ଦୁଇ ତୃତୀୟାଂଶ ଲୋକେ ସାମାନ୍ୟ ଭାବେ ବିଷାଦଗ୍ରସ୍ତ। କିନ୍ତୁ ଏକ ଚତୁର୍ଥାଂଶ ଭାରତ ଅତି ମାତ୍ରାରେ ବିଷାଦଗ୍ରସ୍ତ, ଯାହାକି ଆତ୍ମହତ୍ୟାର ମୁଖ୍ୟ କାରଣ। ଜଣାପଡ଼ିଛି ଯେ ଭାରତରେ ଏବେ ପ୍ରତି ପନ୍ଦର ମିନିଟ୍‌ରେ ତିନିଟି ଆତ୍ମହତ୍ୟା ଘଟନା ଘଟୁଛି। ଏହି ତିନିଟି ଭିତରୁ ୧୮ରୁ ୨୯ ବର୍ଷ ବୟସ ଭିତରେ ଯୁବକ ବା ଯୁବତୀଙ୍କ ସଂଖ୍ୟା ହେଉଛି ଗୋଟିଏ। ଭାରତକୁ ଆତ୍ମହତ୍ୟାର ରାଜଧାନୀ ବୋଲି କୁହାଯିବା ପଛରେ କାରଣ ହେଉଛି ପ୍ରତିବର୍ଷ ଯେତିକି ଆତ୍ମହତ୍ୟା ଘଟନା ରିପୋର୍ଟ ହେଉଛି ତା ସଂଖ୍ୟା ଏକ ଲକ୍ଷରୁ ଅଧିକ। ନ୍ୟାସନାଲ କ୍ରାଇମ୍ ବ୍ୟୁରୋର ରିପୋର୍ଟରୁ ଜଣା ପଡ଼ିଛି ଯେ ପ୍ରତିଟି ଆତ୍ମହତ୍ୟା ସଫଳ ହେବା ପଛରେ ରହିଥାଏ ପ୍ରାୟ ୧୨ଟି ବିଫଳ ଆତ୍ମହତ୍ୟାର ଉଦ୍ୟମ ହୋଇଥାଏ। ଜଣାପଡ଼ିଛି ଯେ ଭାରତରେ ବିଷ ପିଇ ଆତ୍ମହତ୍ୟା କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ। ଏବେ ଆତ୍ମହତ୍ୟାର ଧାରାରେ ଯେଉଁ ପରିବର୍ତ୍ତନ ବିଷୟରେ ସୂଚନା ମିଳିଛି ତାହା ହେଲା, ଏବେ ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ଆତ୍ମହତ୍ୟାର ସଂଖ୍ୟା ବଢ଼ିଛି। ଛାତ୍ରଛାତ୍ରୀମାନଙ୍କ ଭିତରେ ଆତ୍ମହତ୍ୟାକୁ ରୋକିବାକୁ ହେଉଥିବା ବିଭିନ୍ନ ସ୍ତରୀୟ ଉଦ୍ୟମ ପରେ ସେଥିରେ କିଞ୍ଚିତ ରୋକ ଲାଗିଥିବାର ଦେଖାଯାଉଛି। ଶାସ୍ତ୍ର କହୁଛି ମଣିଷ ହେଉଛି ଭଗବାନଙ୍କ ସୃଷ୍ଟିର ଶ୍ରେଷ୍ଠ ବରଦାନ। କିନ୍ତୁ ସବୁକିଛି ଥାଇ ବି ଆମ୍ଭମାନଙ୍କ ଭିତରେ ବିଷାଦ କାହିଁକି ସ୍ଥାନ ପାଉଛି। ଜୀବନରେ ଅଭାବ ଯନ୍ତ୍ରଣା, ଅପମାନ ଠାରୁ ଅନେକ ଝଡ଼ଝଞ୍ଜାର ସ୍ଥାନ ରହିଛି। ସବୁଠି ପରିସ୍ଥିତିର ପ୍ରତିକୂଳକୁ ସାମ୍ନା କରି ଜୀବନ ପଥକୁ ଆଗକୁ ମାଡ଼ିଚାଲିବାର କଥା। ଆମ୍ଭେମାନେ ଚେଇଁ ଶୋଇଲା ପରି ସବୁକିଛି ଜାଣି ବି ଅଜଣା ପାଲଟୁଛେ। ବିଷାଦର ମୁଖ୍ୟ କ୍ଷେତ୍ର ହେଉଛି ହତାଶବୋଧ ଯାହାକି ଜୀବନର ଶେଷ ରାସ୍ତାରେ ମଣିଷଟିକୁ ପହଞ୍ଚାଇ ଦେଉଛି। ବାସ୍ତବବାଦୀ ଜୀବନରେ ଦରଦାମ୍‌ର ବୋଝ, ପରିବାରକୁ ସମୟ ଦେଇନପାରି ବ୍ୟସ୍ତତାର ମାନସିକତା, କାର୍ଯ୍ୟକ୍ଷେତ୍ରରେ ଗୁରୁଦାୟିତ୍ୱ, ଇପ୍‌ସିତ ବସ୍ତୁ ବା ସମ୍ପତି ନପାଇବା, ତଥାକଥିତ ଭାଗ୍ୟବାଦୀ ଜ୍ୟୋତିଷଙ୍କ ପରାମର୍ଶରେ ଭାଗ୍ୟନାହିଁ ବିଚାର କରିବା ପରି ବିଭିନ୍ନ ପ୍ରକାର ମାନସିକତା କବଳିତ କରୁଛି ଲୋକଚରିତ୍ରକୁ। ସମାଜରେ ବିଷାଦଗ୍ରସ୍ତତା ସବୁଠାରୁ ବଡ଼ ବ୍ୟାଧି ବୋଲି ମହାପୁରୁଷ ସେମାନଙ୍କ ମାର୍ଗଦର୍ଶନରେ କହିଛନ୍ତି। ବିଷାଦତା ଏକ ରୋଗ ନୁହେଁ ବାସ୍ତବରେ ଏହା ଏକ ମାନସିକତା। କ୍ଷୁଦ୍ର କୁଟୀରରେ ରାଜଉଆଁସର ସୁଖ ଜଣେ ପାଇ ନପାରେ କିନ୍ତୁ ଶାନ୍ତି ତ ନିଶ୍ଚିତ ପାଇପାରିବ! ତେବେ ଏ ସବୁ ଜାଣି କ'ଣ ପାଇଁ ବିଷାଦଗ୍ରସ୍ତ ସମାଜରେ ଆମ୍ଭେମାନେ ଜୀବନ ନିର୍ବାହ କରୁଛେ। ଆସନ୍ତୁ ବିଷାଦଗ୍ରସ୍ତତାକୁ ମନ ଭିତରୁ ଦୂର କରି ଜୀବନକୁ ଭଲ କାମ ପାଇଁ ଭଲ ରାସ୍ତାରେ ନେବା ସହ ବିଷାଦଗ୍ରସ୍ତ ଭାରତକୁ ବଦଳାଇବାରେ ଗୁଣ୍ଡୁଚି ମୂଷା ପରି ଜଣେ ନାଗରିକ ହିସାବରେ ଦାୟିତ୍ୱ ନିର୍ବାହ କରି ସମାଜର କଲ୍ୟାଣ ସାଧିତ କରିପାରିବା।

**ଡାକ୍ତର ସମ୍ରାଟ କର, ମାନସିକ ରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ୍, କଟକ, ଦୂରଭାଷ : ୯୮୩୨୪୩୩୩୩୩**

# ପ୍ରଧାନଶିକ୍ଷକ ସମ୍ମିଳନୀ ଉଦଯାପିତ

ପୁରୀ,(ପି.ଏନ): ଟାଉନ ହଲ ଠାରେ ଦୀର୍ଘ ୩ ଦିନ ଧରି ପରିଚାଳିତ ହେଉଥିବା ପୁରୀ ଜିଲ୍ଲା ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ମିଳନୀ ଆଜି ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗୃହ ତଥା କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠପଢ଼ା ସହ କ୍ରୀଡ଼ା କ୍ଷେତ୍ରରେ ମଧ ଛାତ୍ରଛାତ୍ରୀ ମାନଙ୍କ ପ୍ରତି ଯତ୍ନବାନ ହେବାକୁ ପ୍ରେରଣା ଦେଇଥିଲେ। ପାଠରେ ଭଲ କରୁ ନ ଥିବା ଛାତ୍ର ମଧ କ୍ରୀଡ଼ା କ୍ଷେତ୍ରରେ ଭଲ କରି ଜୀବନ ଓ ଜୀବିକାକୁ ସାର୍ଥକ କରିପାରିବେ ବୋଲି ମତପୋଷଣ କରିଥିଲେ। ସମ୍ମାନୀତ ଅତିଥି ରୂପେ ପୁରୀ ଜିଲ୍ଲା ପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ଉପସ୍ଥିତ ହୋଇ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ପ୍ରଧାନଶିକ୍ଷକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ସେମାନେ ସକ୍ରିୟ ହେଲେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ହେବା ସହ ସାମଗ୍ରିକ ବିକାଶ ସାଧିତ ହୋଇପାରିବ ବୋଲି କହିଥିଲେ। ଏନ୍ ସି ଆର ଟି ପ୍ରଫେସର ଲକ୍ଷ୍ମୀଧର ବେହେରା ୨୦-୨୦ ନ୍ୟାସନାଲ ଏଜୁକେସନ ପଲିସି ସମ୍ବନ୍ଧରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ପୁରୀ ଜିଲ୍ଲା ସ୍କୁଲ୍ ପ୍ରଧାନଶିକ୍ଷୟତ୍ରୀ ଜ୍ୟୋତିର୍ମୟୀ ମିଶ୍ର ବିଦ୍ୟାଳୟର ପ୍ରାର୍ଥନା ସଭା ସୁପରିଚାଳନା ଓ ଅନ୍ୟାନ୍ୟ ଇନୋଭେଟିଭ୍ କାର୍ଯ୍ୟକ୍ରମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ସମଗ୍ର ଶିକ୍ଷା ବିଭାଗର ରମେଶ ଚନ୍ଦ୍ର ସାହୁ ଓ ବିଚିତ୍ରାନନ୍ଦ ଜେନା ପେଡାଗୋଜି ଓ ଅର୍ଥ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ପୁରୀ ଆରଟିଓ ରବୀନ୍ ପଟ୍ଟନାୟକ ସଡକ ନିରାପତା ଓ ଡିସିପିଓ, ମନୋଜ କୁମାର ତ୍ରିପାଠୀ ଶିଶୁ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ବିଶ୍ୱାଳ କ୍ରୀଡ଼ା, ସ୍କାଉଟସ୍ ଓ ଜୁନିୟର ରେଡ୍‌କ୍ରସ୍ ବିଷୟରେ ବିବରଣୀ ପ୍ରଦାନ କରିଥିଲେ । ବିଶ୍ୱଜିତ ଭୋଳ ପ୍ରୋଗ୍ରାମର, ପି ଏମ୍ ପୋଷଣ ଏମ୍ ଡି ଏମ୍ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ କାର୍ତିକେଶ୍ୱର ପ୍ରଧାନ ଭିନ୍ନକ୍ଷମ ପିଲାମାନଙ୍କ ଅନ୍ତର୍ନିବେଶୀ ଶିକ୍ଷା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ସୁଶୀଲ କୁମାର ବ୍ରହ୍ମା ମଣ୍ଡଳ ଶିକ୍ଷାଧିକାରୀ, ଗୋପ, ଶିକ୍ଷାର୍ଥୀ ମାନଙ୍କ ବୀମା ଯୋଜନା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ ।ସମସ୍ତ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ହିମାଂଶୁ ଭୂଷଣ ସମର୍ଥ ସଂଯୋଜନା ଓ ସଭାପତି ତଥା ଜିଲ୍ଲା ଶିକ୍ଷାଧିକାରୀ ଡଃ. ବିଶ୍ୱଜିତ ଘୋଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ପ୍ରଧାନଶିକ୍ଷକ ରୂପଶ୍ରୀ ଛୋଟରାୟ ବିବରଣୀ ପାଠ କରିଥିଲେ ଓ ଶଙ୍କର କୁମାର ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଣ୍ଡା କେ.ବି. ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଚମ୍ପୁଆ, (ପି.ଏନ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା କେ. ବି. ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ଉତ୍ସବରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଦାନନ୍ଦ ମହାନ୍ତ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପାଟଣାର ପୂର୍ବତନ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ହୃଷିକେଶ ନାଏକ, ମୁଖ୍ୟବକ୍ତା ଭାବେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡଃ. ଦୀପକ କୁମାର ସାହୁ, ସମ୍ମାନିତ ଅତିଥି ବଡ଼ବିଲ-ରୁଙ୍ଗଟା ମାଇନ୍ସର ବରିଷ୍ଠ ପ୍ରବନ୍ଧକ ଚିନ୍ମୟ କୁମାର ମହାନ୍ତ ଏବଂ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବୈଲୋଚନ ମହାନ୍ତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ସଫଳତାର ସିଡି ଚଢ଼ିବାକୁ ହେଲେ ସ୍ୱପ୍ନ, ବିଶ୍ୱାସ, ଅଭ୍ୟାସ ଓ ସିଷ୍ଟମ୍ କୁ ଅନୁସରଣ କରିବାକୁ ପଡ଼ିବ ବୋଲି ଦିଗଦର୍ଶନ ଦେଇଥିଲେ। କଠିନ ପରିଶ୍ରମ କରି, ଭଲ ପାଠ ପଢ଼ି ବିଦ୍ୟାଳୟ ତଥା ଦେଶର ସୁନାମ ଆଣିବାକୁ ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀ ମାନଙ୍କୁ କହିଥିଲେ।

# ବ୍ରହ୍ମା କୁମାରୀ ଗୀତା ପାଠଶାଳାର ରୌପ୍ୟ ଜୟନ୍ତୀ ସମାରୋହ

ଗଞ୍ଜାମ, (ପି.ଏନ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାନ୍ତି ଶକ୍ତି ଭବନ ଦ୍ୱାରା ସ୍ଥାପିତ ତଥା ପରିଚାଳିତ ପିତଳ ତେଲିସାହି ସ୍ଥିତ ବ୍ରହ୍ମାକୁମାରୀ ଗୀତା ପାଠଶାଳାର ସ୍ଥାପନାର ୨୫ତମ ସ୍ୱନକ୍ଷତ୍ର ଦିବସ ତଥା ରୌପ୍ୟ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଶାନ୍ତି ଶକ୍ତି ଭବନ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ତଥା ବରିଷ୍ଠ ସାମ୍ବାଦିକ ଡକ୍ଟର ହୃଷୀକେଶ ମହାନ୍ତିଙ୍କ କରକମଳରେ ଶିବଧ୍ୱଜା ଉତୋଳନ କରିବା ପରେ ଶତାଧିକ ଭଉଣୀ ଭାଇ ଶିବ ସନ୍ଦେଶ ଦେବା ଉଦ୍ଦେଶ୍ୟରେ ଶାନ୍ତି ଯାତ୍ରାରେ ପିତଳ, ତ୍ଅର, ବ୍ରାହ୍ମଣ ଛାଇ, ଆମ୍ବିଳାପଲ୍ଲୀ ଓ ପଙ୍କଳବାଡି ଆଦି ଗ୍ରାମ ପରିକ୍ରମା କରିଥିଲେ। ସନ୍ଧ୍ୟାରେ ପିତଳ ତେଲି ସାହି ସ୍ଥିତ ଗୀତା ପାଠଶାଳା ସମ୍ମୁଖରେ ଏକ ଆଧ୍ୟାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ ଗଞ୍ଜାମ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳୀ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଧରାକୋଟର ପୂର୍ବତନ ସରପଂଚ ମନୋଜ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଡକ୍ଟର ହୃଷୀକେଶ ମହାନ୍ତି, ଜିଲ୍ଲା ପରିଷଦ ପ୍ରତିନିଧି ବରୁଣ କୁମାର ପଲାଇ ।କାର୍ଯ୍ୟକ୍ରମର ମୁଖ୍ୟବକ୍ତା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ପ୍ରକାଶ କରିଥିଲେ ଯେ, ସହଜ ରାଜଯୋଗ ଅଭ୍ୟାସ କରି ବିଗତ ୨୫ ବର୍ଷ ମଧ୍ୟରେ ପିତଳ ଗ୍ରାମପଂଚାୟତର ଶତାଧିକ ଭଉଣୀ ଭାଇଙ୍କ ସରଳ, ନିରାଡମ୍ବର, ସାତ୍ତ୍ୱିକ ଜୀବନଶୈଳୀ ଅଂଚଳବାସୀଙ୍କ ପାଇଁ ଆଦର୍ଶ ବନିଛି। ସମ୍ମାନିତ ଅତିଥି ଧରାକୋଟ ପୂର୍ବତନ ସରପଂଚ ମନୋଜ ସ୍ୱାଇଁ ଓ ବରିଷ୍ଠ ସାମ୍ବାଦିକ ଡକ୍ଟର ହୃଷୀକେଶ ମହାନ୍ତି ବ୍ରହ୍ମାକୁମାରୀ ମୁଖ୍ୟାଳୟ ମାଉଂଟ ଆବୁ ଦର୍ଶନ ସମୟର ଅନୁଭୂତି ପ୍ରକାଶ କରିଥିଲେ। ସମସ୍ତଙ୍କ ଗହଣରେ ରଜତ ଜୟନ୍ତୀ ଉପଲକ୍ଷେ ପରମାତ୍ମାଙ୍କ ସ୍ମୃତିରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ବ୍ରହ୍ମାକୁମାର ସତ୍ୟପ୍ରିୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ରହ୍ମାକୁମାର ପଂଚାନନ, ପଂଚାୟତ୍ରି, ରାମପ୍ରସାଦ, ଲୋଚନ, ରାଧାଶ୍ୟାମ ଓ ବ୍ରହ୍ମାକୁମାରୀ ଲୀଳା, ଭାଗ୍ୟ, ସୁଜ୍ଞାନୀ, ସ୍ମିତା, ସୁମିତ୍ରା, କସ୍ତୁରି, ସବିତା ତଥା ଅନ୍ୟାନ୍ୟ ଭଉଣୀ ଭାଇ ପରିଚାଳନାରେ ସହଯୋଗ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ର ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ।।
ଋଗ୍ ବେଦ ୧୦/୧୯୧/୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଫେବୃଆରୀ ୧୨

# ଡାରଉଇନ୍ ଦିବସ



ଗୋପୀନାଥ ଦାଶ

ଆଜି ଡାରଉଇନ୍ ଦିବସ। ୧୮୦୯ ଫେବୃଆରୀ ୧୨ ତାରିଖରେ ଏହି ପ୍ରକୃତି ବିଜ୍ଞାନୀ ଜନ୍ମ ହୋଇଥିଲେ। ତାଙ୍କର ପୁରା ନାଁ ଚାର୍ଲସ୍ ରବର୍ଟ ଡାରଉଇନ୍। ଅନ୍ ଦ ଅରିଜିନ୍ ଅଫ୍ ସ୍ପିସିଜ୍‌ର ଏହି ରଚୟିତା ପ୍ରାକୃତିକ ମନୋନୟନ ମାଧ୍ୟମରେ ପ୍ରାଣୀଙ୍କ ବିବର୍ତ୍ତନବାଦ ସିଦ୍ଧାନ୍ତ ପ୍ରଚଳନ କରିଥିଲେ। ପରେ 'ଦ ଡିସେଣ୍ଟ ଅଫ୍ ମ୍ୟାନ୍'ରେ ପ୍ରାଣୀଙ୍କ ବିବର୍ତ୍ତନବାଦକୁ ମଣିଷ ସହ ସଂଯୁକ୍ତ କରି ସେ ବିବାଦୀୟ ହୋଇଥିଲେ। ଭେଷଜ ବିଜ୍ଞାନ ପଢ଼ିବ ପାଇଁ ଡାରଉଇନ୍ ଏଡିନ୍‌ବରା ବିଶ୍ୱବିଦ୍ୟାଳୟରେ ଭର୍ତ୍ତି ହୋଇଥିଲେ। ତେବେ ଦୁଇ ବର୍ଷ ପରେ ପଢ଼ା ଛାଡ଼ି ଧର୍ମଯାଜକ ହେବା ନିମନ୍ତେ ନିଷ୍ପତ୍ତି ନେଇଥିଲେ। କେମ୍ବ୍ରିଜ୍ ଅନ୍ତର୍ଗତ କ୍ରାଏଷ୍ଟ କଲେଜ୍‌ରେ ଧର୍ମଯାଜକ ବନିବା ପାଇଁ ତାଲିମ ନେଇଥିଲେ। ହେଲେ ସେଥିରେ ମଧ ମନ ନ ଲାଗିବାରୁ ରୟାଲ୍ ନେଭିର 'ଏଚ୍‌ଏମ୍‌ଏସ୍ ବିଗଲ୍' ଜଳଜାହାଜରେ ଅବୈତନିକ ପ୍ରକୃତି ବିଜ୍ଞାନୀ ଭାବେ ଯୋଗ ଦେଇଥିଲେ। ତାଙ୍କର ଶିକ୍ଷାଗତ ଯୋଗ୍ୟତା ନଥିବା ସତ୍ତ୍ୱେ ବନ୍ଧୁମାନଙ୍କ ସହାୟତା ଏବଂ ପ୍ରଭରଣ ବିଦ୍ୟା (ଷ୍ଟଫିଙ୍ଗ୍)ରେ ଦକ୍ଷତା ଯୋଗୁଁ ତାଙ୍କୁ ଉକ୍ତ ପଦ ମିଳିଥିଲା। ତାଙ୍କର ପ୍ରଥମ ରଚନା ସାମୁଦ୍ରିକ ଶାମୁକା ଉପରେ ଆଧାରିତ ଥିଲା। 'ଅନ୍ ଦ ଅରିଜିନ୍ ଅଫ୍ ସ୍ପିସିଜ୍' ବହିଟି ପ୍ରଥମେ 'ଦ ଟ୍ରାନ୍ସମ୍ୟୁଟେସନ୍ ଅଫ୍ ସ୍ପିସିଜ୍' ନାମରେ ପ୍ରକାଶିତ ହୋଇଥିଲା ଏବଂ ପ୍ରକାଶନର ପ୍ରଥମ ଦିନରେ ହିଁ ସବୁଗୁଡ଼ିକ ବିକ୍ରି ହୋଇଯାଇଥିଲା। ତାଙ୍କ ଜୀବନ କାଳରେ ବହିଟିର ଛଅଟି ସଂସ୍କରଣ ପ୍ରକାଶିତ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, 'ଯୋଗ୍ୟତମର ଉଦ୍‌ବର୍ତ୍ତନ' ବା 'ସର୍ଭାଇଭାଲ ଅଫ୍ ଦ ଫିଟେଷ୍ଟ' ଖଣ୍ଡବାକ୍ୟର ସ୍ରଷ୍ଟା ଡାରଉଇନ୍ ନୁହଁନ୍ତି। ହର୍ବଟ ସ୍ପେନ୍‌ସର 'ପ୍ରିନ୍ସିପଲ୍‌ସ ଅଫ୍ ବାୟୋଲୋଜି'ରେ ଡାରଉଇନ୍‌ଙ୍କ ସିଦ୍ଧାନ୍ତ ବର୍ଣ୍ଣନା କଲା ବେଳେ ଏହି ଖଣ୍ଡ-ବାକ୍ୟ ଉପସ୍ଥାପନ କରିଥିଲେ। ଡାରୱିନ୍ ୧୯ ଏପ୍ରିଲ, ୧୮୮୨ରେ ୭୩ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ। ୯୦୯ରେ କେମ୍ବ୍ରିଜ୍ ଠାରେ ବିଜ୍ଞାନ କ୍ଷେତ୍ରରେ ଡାରୱିନ୍ ଯୋଗଦାନ ପାଇଁ ତାଙ୍କୁ ସମ୍ମାନ ଜଣାଇବାକୁ ୧୬୭ ଦେଶର ୪୦୦ରୁ ଅଧିକ ବୈଜ୍ଞାନିକ ଏକାଠି ହୋଇଥିଲେ। ୧୨ ଫେବୃଆରୀ, ୧୯୦୯ରେ ନ୍ୟୁୟର୍କ ଏକାଡେମୀ ଅଫ୍ ସାଇନ୍ସ ଦ୍ୱାରା ଆମେରିକାନ୍ ମ୍ୟୁଜିୟମ୍ ଅଫ୍ ନାଚୁରାଲ ହିଷ୍ଟ୍ରୀ ଠାରେ ଡାରୱିନ୍‌ଙ୍କ ୧୦୦ତମ ଜନ୍ମ ଦିବସ ତଥା ତାଙ୍କ ବହି 'ଅନ୍ ଦ ଅରିଜିନ୍ ଅଫ୍ ସ୍ପାଇସିଜ୍'ର ୫୦ ବାର୍ଷିକୀ ଉତ୍ସବ ପାଳିତ ହୋଇଥିଲା।

*କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ,*
*ଅରୁଆ କଦଳୀବଣ,*
*ପଟାମୁଣ୍ଡାଇ, କେନ୍ଦ୍ରାପଡ଼ା,*
*ଦୂରଭାଷ : ୮୮୯୫୨୯୬୧୬୭*

# ସ୍ୱାମୀ ଦୟାନନ୍ଦ ସରସ୍ୱତୀ



ବାଦଲ ଭୂୟାଁ

ଆର୍ଯ୍ୟ ସମାଜ ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ସରସ୍ୱତୀ। ସେ ଏକାଧାରରେ ଜଣେ ଲେଖକ, ହିନ୍ଦୁ ଧର୍ମଗୁରୁ ଓ ସମାଜ ସଂସ୍କାରକ। ସଂସ୍କୃତ ଓ ହିନ୍ଦୀ ଭାଷାରେ ଜଣେ ପ୍ରଭାବଶାଳୀ ବକ୍ତା। ୧୮୭୫ରେ ସେ ପ୍ରଥମେ ସ୍ୱରାଜର ଡାକରା ଦେଇଥିଲେ। ମୃତକଙ୍କୁ ଶ୍ରାଦ୍ଧ ତର୍ପଣ ନଦେଇ ଜୀବିତ ପିତାମାତା ଓ ବୃଦ୍ଧ ବ୍ୟକ୍ତିଙ୍କୁ ସେବା କରିବାକୁ ପିତୃଯଜ୍ଞ କୁହାଯାଏ ବୋଲି ଦୟାନନ୍ଦ ସରସ୍ୱତୀ କହୁଥିଲେ। ଆର୍ଯ୍ୟ ସମାଜ ଜରିଆରେ ଶିକ୍ଷାର ପ୍ରସାର କରାଇ ନାରୀଙ୍କୁ ପୁରୁଷ ସହ ସମାନ ଅଧିକାର ଦେବାର ଯୁକ୍ତି ସେ ଦର୍ଶାଇଥିଲେ। ଦାର୍ଶନିକ ତଥା ଭାରତର ରାଷ୍ଟ୍ରପତି ଏସ୍.ରାଧାକ୍ରିଷ୍ଣନ୍ ତାଙ୍କୁ ଆଧୁନିକ ଭାରତର ନିର୍ମାତା ବୋଲି ସମ୍ବୋଧନ କରିଥିଲେ। ଦୟାନନ୍ଦ ଓ ତାଙ୍କ ପରିବାର ଥିଲେ ଭଗବାନ ଶଙ୍କରଙ୍କ ଭକ୍ତ। ଈଶ୍ୱର ପ୍ରାପ୍ତି ଉଦ୍ଦେଶ୍ୟରେ ମାତ୍ର ୧୫ ବର୍ଷ ବୟସରେ ସେ ଗୃହତ୍ୟାଗ କରିଥିଲେ। ମଥୁରାର ବିରଜାନନ୍ଦ ସରସ୍ୱତୀଙ୍କୁ ଗୁରୁ କରି ତାଙ୍କ ତତ୍ତ୍ୱାବଧାନରେ ସମସ୍ତ ବେଦ ଅଧ୍ୟୟନ କଲେ। ବେଦାଧ୍ୟୟନ ଓ ତା'ର ଗୂଢ଼ ଅର୍ଥ ବ୍ୟାଖ୍ୟାରୁ ତାଙ୍କ ଗଭୀର ଜ୍ଞାନର ପରିଚୟ ମିଳିଲା। ବଡ଼ ବଡ଼ ପଣ୍ଡିତଙ୍କ ସହ ତର୍କ ଆଲୋଚନାରେ ସେ ବିଜୟୀ ହେଲେ। ତାଙ୍କୁ ସରସ୍ୱତୀ ଉପାଧି ସହିତ ସ୍ୱାମୀଜୀ ଆଖ୍ୟା ମଧ ମିଳିଲା। ମୂର୍ତ୍ତିପୂଜାକୁ ସେ ବିରୋଧ କରୁଥିଲେ। ସେଥିପାଇଁ ମୌଳବାଦୀମାନଙ୍କର ଅପ୍ରିୟଭାଜନ ହୋଇଥିଲେ। ବାଲ୍ୟ ବିବାହ ପ୍ରଥାର ଘୋର ବିରୋଧୀ ଥିଲେ। ୧୮୮୩ ଅକ୍ଟୋବର ୩୦ରେ ତାଙ୍କର ପରଲୋକ ହୋଇଥିଲା। ସ୍ୱାମୀ ଦୟାନନ୍ଦଙ୍କ ରଚନାବଳୀ ମଧ୍ୟରୁ ୧୮୭୫ରେ ପ୍ରକାଶିତ ସତ୍ୟାର୍ଥ ପ୍ରକାଶ ଦୁଇ ଭାଗରେ ବିଭକ୍ତ। ଅନ୍ୟ ପୁସ୍ତକ ମଧ୍ୟରେ ସନ୍ଧ୍ୟା, ଭାଗବତ ଖଣ୍ଡନ, ପଞ୍ଚମହାଯଜ୍ଞ ବିଧି, ବେଦଭାଷ୍ୟ, ସଂସ୍କାରବିଧି, ସତ୍ୟ-ଧର୍ମ ବିଚାର ଆଦି ଅନ୍ୟତମ। ୧୮୨୪ ଫେବୃଆରୀ ଆଜିର ଦିନ ସୌରାଷ୍ଟ୍ରର ମୋରଜୀ ନାମକ ଦେଶୀୟ ରାଜ୍ୟର ଏକ ଗ୍ରାମରେ ଧନୀ ବ୍ରାହ୍ମଣ ପରିବାରରେ ତାଙ୍କର ଜନ୍ମ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',*
*୪ଜି ପ୍ରତାପ ଆପାର୍ଟମେଣ୍ଟ,*
*୭ ଏକ୍ସଟେନସନ ରୋଡ଼, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨*

# ପ୍ରଣୟ ପରମ ବେଦଃ

ସତ୍ସଙ୍ଗ ପ୍ରାଣ ପୁରୁଷ ଭଗବାନ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସ୍ୱହସ୍ତ ଲିଖିତ ପବିତ୍ର ପୁସ୍ତକ ସତ୍ୟାନୁସରଣରେ କହିଛନ୍ତି - ଯେଉଁ ଖିଆଲ ବିବେକର ଅନୁଚର ତାହା ହିଁ ଅନୁସରଣ କର, ମଙ୍ଗଳ ଅଧିକାରୀ ହେବ। ବିଶ୍ୱାସରେ ଅସ୍ତିତ୍ୱ ହରାଅ, କିନ୍ତୁ ଲିଭିଯାଅ ନାହିଁ। ବିଶ୍ୱାସ ହିଁ ଜୀବନ, ବିଶ୍ୱାସ ହିଁ ପ୍ରେମ। ଯେଉଁ କର୍ମ ମନର ପ୍ରସାରଣ ଆଣିଦିଏ, ତାହା ହିଁ ସୁକର୍ମ, ଆଉ ଯେଉଁଥିରେ ମନରେ ସଂଙ୍କୋଚ, ଜିଦ୍ ଇତ୍ୟାଦି ଆସେ, ସାରକଥା ଯେଉଁଥିରେ ମନ ସଂକୀର୍ଣ୍ଣ ହୁଏ ତାହା ହିଁ କୁକର୍ମ। ଯେଉଁ ସାଧନା କରିଲେ ହୃଦୟରେ ପ୍ରେମ ଆସେ ତାହା ହିଁ କର, ଆଉ ଯେଉଁଥିରେ କ୍ରୂରତା, କଠୋରତା, ହିଂସା ଆସେ ତାହା ଆପାତତଃ ଲାଭଜନକ ହେଲେ ମଧ ତାହା ପାଖକୁ ଯାଅନାହିଁ। ତୁମେ ଯଦି ଏପରି ଶକ୍ତି ଲାଭ କରିଥାଅ ଯାହାଦ୍ୱାରା ଚନ୍ଦ୍ର-ସୂର୍ଯ୍ୟ କକ୍ଷଚ୍ୟୁତ କରିପାର, ପୃଥିବୀ ଭାଙ୍ଗି ଟୁକୁରା ଟୁକୁରା କରିପାର ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରି ଦେଇପାର, କିନ୍ତୁ ଯଦି ହୃଦୟରେ ପ୍ରେମ ନଥାଏ, ତେବେ ତୁମର କିଛି ବି ହୋଇନାହିଁ। ଜୀବନକୁ ଯେଉଁ ଭାବରେ ବଳି ଦେବ ନିଶ୍ଚୟ ସେହିପରି ଜୀବନ ଲାଭ କରିବ। ଯେ କେହି ପ୍ରେମ ପାଇଁ ଜୀବନ ଦାନ କରେ, ସେ ପ୍ରେମର ଜୀବନ ଲାଭ କରେ। ଯଦି ପ୍ରେମ ଥାଏ, ତେବେ ଅପରକୁ ମୋର ବୋଲି କୁହ କିନ୍ତୁ ସ୍ୱାର୍ଥ ରଖନାହିଁ। ଯିଏ ପ୍ରେମର ଅଧିକାରୀ, ନିଃସନ୍ଦେହ ଚିତ୍ତରେ ତାଙ୍କରି ଅନୁସରଣ କର, ମଙ୍ଗଳର ଅଧିକାରୀ ହେବ ହିଁ ହେବ। ପ୍ରେମିକର, କିନ୍ତୁ ଆସକ୍ତ ହୁଅନାହିଁ, ଖୁବ୍ ଭଲପାଅ କିନ୍ତୁ ଦେହସର୍ବସ୍ୱ ହୁଅ ନାହିଁ। ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ-କାଞ୍ଚନ ପ୍ରତି ଆସକ୍ତିରୁ ଆସେ ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇଯାଆନ୍ତି। ବିଷ ଅମୃତ ହୋଇଗଲା। ଆଉ ମା' କେବଳ ମା' - କାମିନୀ ନୁହେଁ। ପ୍ରତ୍ୟେକଙ୍କର ମା' ହିଁ ଜଗଜ୍ଜନନୀ। ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ। ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକଙ୍କୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ। ସୃଷ୍ଟିତତ୍ତ୍ୱ, ଗଣିତବିଦ୍ୟା ଓ ରସାୟନ ଶାସ୍ତ୍ର ଇତ୍ୟାଦିର ଆଲୋଚନାରେ କାମ-ରିପୁର ଦମନ ହୁଏ। ବିଷୟରେ ମନ ସଂଲଗ୍ନ ରହିବାକୁ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆସକ୍ତି କହନ୍ତି, ଆଉ ସତ୍‌ରେ ସଂଲଗ୍ନ ରହିବାକୁ ଭକ୍ତି କହନ୍ତି। ପ୍ରେମ ଭକ୍ତିର ହିଁ କ୍ରମୋନ୍ନତି। ଭକ୍ତିର ଗାଢ଼ତ୍ୱ ହିଁ ପ୍ରେମ। ଆସକ୍ତି କାମର ପତ୍ନୀ, ଆଉ ଭକ୍ତିର ପ୍ରେମର ଛୋଟ ଭଉଣୀ। ପ୍ରେମ ପରି ଆକର୍ଷଣକାରୀ ବା ଆଉ କିଏ? ସଦ୍‌ଗୁରୁଙ୍କର ଆଦେଶ ପାଳନ ପରି ଆଉ ମନ୍ତ୍ର କ'ଣ ଅଛି? ପ୍ରିୟଙ୍କ ପ୍ରତି ଭଲ ପାଇବା ବା ମଙ୍ଗଳବିହୀନ କର୍ମ କେବେ ହେଲେ ପ୍ରେମର ପରିଚାୟକ ନୁହେଁ। ପ୍ରେମକୁ ପ୍ରାର୍ଥନା କର ଆଉ ହିଂସାକୁ ଦୂରରୁ ପରିହାର କର। ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।

ଏକବିଂଶ ଶତାବ୍ଦୀର ସମସ୍ୟା ଜର୍ଜରିତ ମାନବ ସମାଜକୁ ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ - ଭାଗବତର ସେହିକଥା କୃଷ୍ଣେନ୍ଦ୍ରିୟ ପ୍ରୀତିଇଚ୍ଛା ତାକୁ କୁହେ ପ୍ରେମ, ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛା ତାକୁ କୁହେ କାମ। ପ୍ରେମ ଈଶ୍ୱରଙ୍କର ଏକ ନୈସର୍ଗିକ, ଚିର ଶାଶ୍ୱତ ଦାନ। ପ୍ରେମାସ୍ପଦଙ୍କ ପାଖରେ ପ୍ରେମିକ ତାର ସର୍ବସ୍ୱକୁ ଅଞ୍ଜଳି ଦେଇଦିଏ। ପ୍ରେମର କୌଣସି ପ୍ରତିଦାନ ନାହିଁ, ଏହା ନିସର୍ଗ। ଆଜିକାଲିର ବସ୍ତୁବାଦୀ, ଭୋଗବାଦ, ସଂସ୍କୃତି ମୂଲ୍ୟବୋଧ ବିହୀନ ସନ୍ଧୀକ୍ଷଣରେ ପହଞ୍ଚିଥିବାବେଳେ ଶରୀର ସର୍ବସ୍ୱ ପ୍ରେମକୁ ପ୍ରାଥମିକତା ଦିଆଯାଉଥିବାବେଳେ ନିଃସ୍ୱାର୍ଥ ଓ ଆତ୍ମ ସମର୍ପଣ ଭାବନାଯୁକ୍ତ ପ୍ରେମ କେବଳ ହିଁ ଅଚିନ୍ତନୀୟ ଓ ନିଜ ଗୁରୁ ବା ଇଷ୍ଟଙ୍କ ପ୍ରତି ଶ୍ରେଷ୍ଠ ସମର୍ପଣ। ଦ୍ୱାପରରେ ଶ୍ରୀରାଧାଙ୍କ କୃଷ୍ଣଭକ୍ତି ଓ ସମର୍ପଣର ଯେଉଁ ଶାଶ୍ୱତତା ତାହା ତ୍ରେତୟାରେ ପାଷାଣି ଅହଲ୍ୟାର ଚିରପ୍ରତିକ୍ଷୀତ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ପ୍ରତି ଯେଉଁ ଭାବନାଯୁକ୍ତ ଥିଲା ତାହାକୁ ଭାବିଲେ ଆଜିର ସମୟରେ ଏହା ନିଶ୍ଚିନ୍ତ ଭାବରେ ଅଚିନ୍ତନୀୟ। ନିଜ ଆରାଧ୍ୟ ପ୍ରିୟ ପରମ ପୁରୁଷ ଇଷ୍ଟଙ୍କ ପ୍ରତି ସତ୍, ଚିତ୍, ଶାଶ୍ୱତ ଭାବନାର ସମର୍ପଣ ଦ୍ୱାରା ହିଁ ଈଶ୍ୱରପ୍ରାପ୍ତି ସମ୍ଭବ। ଆଜି ତଥାକଥିତ ପାଶ୍ଚାତ୍ୟ ସଂସ୍କୃତିର ଭାଲେଣ୍ଟାଇନ୍ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟତା କ'ଣ? ପ୍ରେମ କ'ଣ କେବଳ ଶାରିରୀକ, ଏହା କ'ଣ କେବଳ ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ନିବିଦ୍ଧ। ଗୁରୁ-ଶିଷ୍ୟ, ଇଷ୍ଟ-ଅନୁଗତ, ମାଲିକ-ନୌକର, ପିତା-ପୁତ୍ର, ସ୍ୱାମୀ-ସ୍ତ୍ରୀ, ଭାଇ-ଭଉଣୀ, ବନ୍ଧୁ-ବନ୍ଧୁ ଭିତରେ ମା'-ପୁତ୍ରଙ୍କ ପ୍ରେମ ଭାବି ଦେଖିଲେ? ମା'ର ପ୍ରତିଟି ମୁହୂର୍ତ୍ତ ତା ବାତ୍ସଲ୍ୟପ୍ରେମ ପିଲାଙ୍କ ପାଇଁ ହିଁ ପ୍ରତି ନିୟତରେ ଅମୃତଭରା। ଆସନ୍ତୁ ଏପରି ଏକ ଦିନରେ ତଥାକଥିତ ଶାରିରୀକ ପ୍ରେମକୁ ଜଳାଞ୍ଜଳି ଦେଇ ବିଶ୍ୱ ପିତାଙ୍କ ଶାଶ୍ୱତ ପ୍ରେମକୁ ଆବାହନ କରିବା। ଏହା ଭିତରେ ନିମଜ୍ଜିତ ହୋଇ ତାଙ୍କୁ ପାଇବାର ଯେଉଁ ଅମୃତ ଚେତନା ତାହାକୁ ବିଶ୍ୱ କଲ୍ୟାଣ ପାଇଁ ସମର୍ପଣ କରିବା ଏହା ହିଁ ଆଜିର ଦିବସର ଅନୁଚିନ୍ତନ ହେଉ।

*ପ୍ରଫେସର, ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,*
*କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ରାମକଥା ଓ ବିଭିନ୍ନ ଭାଷାରେ ରାମ ସାହିତ୍ୟ

ରାମାୟଣ ଭାରତୀୟ ଜୀବନାଦର୍ଶର ବାଙ୍ମୟୀ ପ୍ରକାଶ। ଏହା ମାନବର ଚିତ୍ତକୁ ଗଭୀର ଭାବରେ ପ୍ରଭାବିତ କରିପାରେ। ରାମାୟଣର ନୈତିକ, ଆଦର୍ଶ, ଜାତୀୟ ଜୀବନବୋଧ ସାମାଜିକ ଚଳଣି ପ୍ରଭୃତି କାଳ କାଳ ଧରି ଏ ଜାତିର ଚିନ୍ତା ଚେତନା ଓ ଭାବ ବଳୟକୁ ଶାଣିତ କରିପାରିଛି। ଭାରତୀୟ ଜୀବନ ସଭ୍ୟତା ଓ ସଂସ୍କୃତିର ଏହା ହିଁ ଜୀବନ ବେଦ। ଏଥିରେ ପ୍ରାକ୍ତନ ଜୀବନଧାରା ଐତିହ୍ୟ ଓ ମାନବୀୟ ମନୀଷାର ଚିତ୍ର ଅତି ସୁନ୍ଦର ଭାବରେ ବର୍ଣ୍ଣିତ। ଏଣୁ ରାମାୟଣ ଭାରତୀୟ ଜୀବନର ମହାନ ଗଙ୍ଗୋତ୍ରୀ। ଏହା ଭାରତୀୟ ସଂସ୍କୃତିକୁ ଯେ ପ୍ରଭାବିତ କରିପାରିଛି ତା ନୁହେଁ, ପରନ୍ତୁ ଏହା ଭାରତର ବ୍ୟକ୍ତିଗତ ଜୀବନ, ଗ୍ରାର୍ହସ୍ଥ୍ୟ ଜୀବନ, ସାମାଜିକ ଜୀବନ ଓ ରାଷ୍ଟ୍ରୀୟ ଜୀବନଧାରାକୁ ନିୟନ୍ତ୍ରିତ କରିପାରିଛି। ଭାରତୀୟ ସଂସ୍କୃତି ଓ ଧର୍ମଧାରଣାର ମୌଳିକ ଭିତ୍ତିଭୂମି ହେଉଛି ବେଦ, ବେଦାନ୍ତ, ଉପନିଷଦ ଓ ପୁରାଣ। ପୁରାଣ ଓ ଅନ୍ୟାନ୍ୟ ଦର୍ଶନଶାସ୍ତ୍ର ଧର୍ମ ଆଧାରିତ। ରାମାୟଣ ହେଉଛି ଏକ ଶାଶ୍ୱତ ଅମର କାବ୍ୟ। ମନୁଷ୍ୟ ପ୍ରାଣର ପ୍ରେରଣା ପାଇଁ ଆଧାତ୍ମିକ ମାର୍ଗରେ ଉନ୍ନତି ପାଇଁ, ଜୀବନର ମାର୍ଗ ଦର୍ଶନ ପାଇଁ ତତ ସଙ୍ଗେ ସଙ୍ଗେ ଭାରତୀୟ ସଂସ୍କୃତି ସଂପର୍କରେ ଅବହିତ ହେବା ପାଇଁ ରାମାୟଣର ପ୍ରୟୋଜନ ଏକାନ୍ତ ଅପରିହାର୍ଯ୍ୟ। ରାମାୟଣ ଓ ମହାଭାରତର ଆଦର୍ଶ ଆମ ଭାରତ ବର୍ଷରେ ଥିବା ବର୍ଣ୍ଣବୈଷମ୍ୟ ଭିନ୍ନ ଭିନ୍ନ ଭାଷା ତଥା ବିଭିନ୍ନ ରୁଚିର ବିଶାଳ ଜାତିକୁ ଏକାଠି ବାନ୍ଧି ରଖିପାରିଛି। ସେହି ଦୃଷ୍ଟିରୁ ମୁନି ବାଲ୍ମୀକି ଆମ ନିକଟରେ ଚିର ନମସ୍ୟ।

ପଞ୍ଜାବୀ ସାହିତ୍ୟରେ ରାମକଥା : ଭାରତରେ ଅନ୍ୟାନ୍ୟ ସାହିତ୍ୟ ପରି ପଞ୍ଜାବୀ ଭାଷାରେ ରାମାୟଣ ବିଶେଷ ଭାବରେ ରଚିତ। ଗୁରୁଗୋବିନ୍ଦ ସିଂହ ତାଙ୍କ କାବ୍ୟରେ ସତୀ ସୀତାଙ୍କୁ ଶ୍ରେଷ୍ଠ ଆସନ ପ୍ରଦାନ କରିଛନ୍ତି। ପଞ୍ଜାବୀ ଭାଷାରେ ରାମାୟଣର ଅଭାବକୁ ଅନୁଭବ କରି ଅମରନାଥ ଚୋପ୍ରା ପ୍ରଥମେ ରାମାୟଣ ରଚନା କଲେ। ସେ ବାଲ୍ମିକୀ ରାମାୟଣକୁ ପଞ୍ଜାବୀ ଭାଷାରେ ଅନୁବାଦ କରିଥିଲେ। ପରବର୍ତ୍ତୀ କାଳରେ ଦିନଲାଲ ଶାସ୍ତ୍ରୀ (୧୮୫୩)ରେ ରାମକଥା ଏବଂ ରାମଗୀତ ରଚନା ହୋଇଛି। ଅତି ସହଜ ସରଳ ତରଳ ଭାଷା ଓ ସାବଲୀଳ ଭଙ୍ଗୀରେ ଏହା ରଚିତ ହୋଇଛି। ୧୮୯୪ ଜ୍ଞାନୀ ସନ୍ତସିଂହ ସଟୀକ ତୁଳସୀ ରାମାୟଣ ପଞ୍ଜାବୀ ଭାଷାରେ ବିଶେଷ ଜନାଦୃତ। ଜ୍ଞାନୀ ଈଶ୍ୱରସିଂହ ତୁଳସୀ ଦାସଙ୍କ ରାମଚରିତକୁ 'କବିତାବଳୀ ରାମାୟଣ' ନାମରେ ଅନୁବାଦ କରିଛନ୍ତି। ପଞ୍ଜାବର ପାରିବାରିକ ଜୀବନ ତଥା ସାମାଜିକ ଜୀବନ ଧାରା ଉପରେ ରାମକଥାର ପ୍ରଭାବ ପରିଲକ୍ଷିତ ହୋଇଥାଏ।

କାଶ୍ମୀର ସାହିତ୍ୟରେ ରାମକଥା : କାଶ୍ମୀର ଭାଷା ଓ ସାହିତ୍ୟରେ ରାମାୟଣର ପ୍ରଚାର ଓ ପ୍ରସାର ବହୁଳ ଭାବରେ ପରିଲକ୍ଷିତ ହୁଏ। ରାମଚନ୍ଦ୍ରଙ୍କ 'ରାମାୟଣ ମଞ୍ଜରୀ' କାଶ୍ମୀରରେ ବିଶେଷ ଜନପ୍ରିୟ। ଏହାର ରଚନାଶୈଳୀ, ବର୍ଣ୍ଣନା ଚାତୁରୀ ତଥା କଳ୍ପନା ବିଳାସ ଆଦି କବି ବାଲ୍ମିକୀଙ୍କ ଠାରୁ ଉନ୍ନତ ଓ ପରିମାର୍ଜିତ। କାଶ୍ମୀରରେ ମୋଗଲମାନଙ୍କ ରାଜତ୍ୱ ସମୟରେ ପର୍ଶିୟାନ ମାନଙ୍କ ଦ୍ୱାରା ରାମାୟଣ ବହୁଳ ଭାବରେ ପ୍ରଚାରିତ ହୋଇଥିଲା। ଏହି ସବୁ ରାମାୟଣ ମଧ୍ୟରେ ବହୁବିଧ ଉପାଖ୍ୟାନକୁ ଅବଲମ୍ବନ କରି 'କାଶ୍ମୀର ରାମାୟଣ', 'ମସିହା ରାମାୟଣ' ଓ 'ପ୍ରକାଶ ରାମାୟଣ' ପ୍ରଭୃତି କାଶ୍ମୀର ସାହିତ୍ୟରେ ବିଶେଷ ଲୋକପ୍ରିୟ। କାଶ୍ମୀରର ବିଭିନ୍ନ ସ୍ଥାନ ଓ ଲୋକ ସମାଜରେ ରାମଚରିତ ମାନସ ଓ ରାମଲୀଳାର ପ୍ରଚଳନ ଥିବାର ଜଣାଯାଏ। ରାମାୟଣର ବିଭିନ୍ନ କଥାବସ୍ତୁକୁ ଆଧାର କରି କାଶ୍ମୀରରେ ବିଭିନ୍ନ ଲୀଳା ସାହିତ୍ୟର ସୃଷ୍ଟି। ୧୮୪୩ ଖ୍ରୀ.ଅ.ରେ ମହାରାଜା ରଣଭୀର ସିଂହଙ୍କ ଦ୍ୱାରା ରଚିତ 'ଶଙ୍କର ରାମାୟଣ' କାଶ୍ମୀରର ପ୍ରଥମ ରାମାୟଣ ରୂପେ ସ୍ୱୀକୃତିପ୍ରାପ୍ତ। ୧୮୪୬ରେ ରଚିତ 'ପ୍ରକାଶ ରାମାୟଣ' ରୋମାନ ଦେବନାଗରୀ ଏବଂ ପର୍ଶିୟାନ ଲିପି ମାଧ୍ୟମରେ କାଶ୍ମୀରରେ ବହୁଥର ମୁଦ୍ରିତ ହୋଇଛି। ଏତଦବ୍ୟତୀତ 'ବିଷ୍ଣୁ ପ୍ରତାପ ରାମାୟଣ', 'ଶର୍ମା ରାମାୟଣ', 'ନୀଳକଣ୍ଠ ରାମାୟଣ', 'ଅମର ରାମାୟଣ' ପ୍ରଭୃତି ରାମାୟଣଗୁଡ଼ିକ ତୁଳସୀ ଦାସଙ୍କ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିବା ମନେହୁଏ। ରାମ ଲକ୍ଷ୍ମଣଙ୍କ ବନବାସ ପରେ ମାତା କୌଶଲ୍ୟାଙ୍କର ପୁତ୍ର ବିଚ୍ଛେଦରେ କ୍ରନ୍ଦନ କାଶ୍ମୀର ଜନମାନସକୁ କରିଛି ଶୋକାକୁଳ ଏବଂ ରାମଲକ୍ଷ୍ମଣଙ୍କ ଅନୁପସ୍ଥିତିରେ ମାତୃହୃଦୟର ଯେଉଁ ବ୍ୟଥା ଓ ବେଦନା ତାହା କାଶ୍ମୀର ଲୋକଗଳ୍ପ ଓ ଲୋକଗୀତରେ ଅତି ସୁନ୍ଦର ଭାବରେ ବର୍ଣ୍ଣିତ। କାଶ୍ମୀର ସାହିତ୍ୟରେ ରାମକଥାର ବହୁଳ ବର୍ଣ୍ଣନା ହେବାପୂର୍ବରୁ ଏହାର ଲୋକଗୀତ ଓ ଲୋକଗଳ୍ପରେ ରାମକଥା ବିଶେଷ ଜନପ୍ରିୟ ଥିଲା। ରାମାୟଣର ଆଦର୍ଶ ରାମ, ସୀତା ଓ ଲକ୍ଷ୍ମଣ ପ୍ରଭୃତି ଚରିତ୍ର ଗୁଡ଼ିକର ପରିକଳ୍ପନା। କାଶ୍ମୀରର ବ୍ୟକ୍ତିଗତ ଓ ପାରିବାରିକ ଜୀବନ ଉପରେ ଯଥେଷ୍ଟ ପ୍ରଭାବ ବିସ୍ତାର କରିବା ସଙ୍ଗେ ସଙ୍ଗେ ସେଠାକାର ସାମାଜିକ ଓ ସାଂସ୍କୃତିକ ଜନଜୀବନକୁ ନିୟନ୍ତ୍ରିତ କରିପାରୁଥିଲା। ଭାରତର ବିଭିନ୍ନ ଭାଷାରେ ରାମାୟଣ ଅନୁବାଦ, ସମ୍ପାଦନା ଓ ବିଭିନ୍ନ ସ୍ଥାନୀୟ ଅଞ୍ଚଳର ଲୋକକଥାକୁ ନେଇ ରାମସାହିତ୍ୟ ଆହୁରି ଉଜ୍ଜୀବିତ ହୋଇଛି। ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ ଏହା ହିଁ କାମନା।



ଡାକ୍ତର ଦିଲ୍ଲୀପ କୁମାର ମହାରଣା

*ଶିଖରପୁର ଉପରସାହି, କଟକ,*
*ଦୂରଭାଷ : ୮୨୮୦୯୬୩୨୮୩/*
*୯୪୩୮୫୮୩୨୮୯*

# କଳକୀ




ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଏ, ଏକ ଅବତାର, ଜନ୍ମ ନେବେ ବୋଲି ଲୋକରେ ପ୍ରଚାର ଭବିଷ୍ୟ ପୁରାଣରେ ଏହାର ପ୍ରମାଣ ମିଳୁଛି। କିନ୍ତୁ ଭବିଷ୍ୟ ପୁରାଣ କେବେ ଲେଖା ଯାଇଥିଲା ତାର କିଛି ସଠିକ ପ୍ରମାଣ ନାହିଁ। ବଡ଼ ବଡ଼ ନାମଯାଦା ଲୋକଙ୍କ ନାମରେ ହବୁ ଗ୍ରନ୍ଥ ରଚନା କରି ଅନେକ ରୋଜଗାରକ୍ଷମ ହେବାକୁ ଚେଷ୍ଟା କରିଚାଲିଥାନ୍ତି। କଳିଯୁଗର ଅନ୍ତ କଳକୀ ଅବତାର କରିବେ ଏକଥା ଯଦି ସତ୍ୟ ତେବେ ତାପର ସମୟ ନାମ ନିଶ୍ଚେ ସତ୍ୟଯୁଗ ହେବ। ସତ୍ୟ ଅର୍ଥ ଯାହାର ଚିରନ୍ତନୀ ଯହିଁରେ ସମସ୍ତେ ସୁଖରେ ରହିପାରିବେ। ପ୍ରତି ରାଜାଙ୍କର ଏକ ପ୍ରଶାସନିକ ବ୍ୟବସ୍ଥା ଥାଏ। ରାଜାଙ୍କୁ ପ୍ରଜାପାଳନ ପ୍ରଜାଙ୍କ ପଇସାରେ ହିଁ କରିବାକୁ ହୋଇଥାଏ। ହେଲେ ରାଜାଙ୍କର ଯେଉଁ ଚାରି ନୀତି ରହିଛି କିଏ କେତେବେଳେ ତାଙ୍କ ପ୍ରଶାସନରେ ରାଜ ନିରଙ୍କୁଶ କରିବା ପାଇଁ ସେହି ଚାରିନୀତିରୁ କୌଣସି ଏକ ନୀତିକୁ ପ୍ରାଧାନ୍ୟ ଦେଇଥାନ୍ତି। ଦଣ୍ଡନୀତି ପ୍ରଥମ, ଯାହାର ଭୟରେ ବାଘ ବକ୍ରୀ ଏକ ଘାଟରେ ପାଣି ପିଉଛନ୍ତି। ଏହି ଦଣ୍ଡଭୟ ସର୍ବଦା ସବୁ ପ୍ରଶାସନରେ ରହିଛି ହେଲେ ରାଜା ଓ ତାଙ୍କ କର୍ମଚାରୀ ଦଣ୍ଡନୀତିର ଭୟ ଦେଖାଇ କିଛି ପ୍ରଜାଙ୍କୁ କଷ୍ଟ ଦେଇ ସ୍ୱକାର୍ଯ୍ୟ ସାଧନ କରିପାରନ୍ତି। ଦ୍ୱିତୀୟରେ ଦାନ ନୀତିରେ ଦାନ ଦେଇ ପ୍ରଶଂସା ଭାଜନ ହୋଇ ଦୀର୍ଘଦିନ ଧରି କୀର୍ତ୍ତିମାନ ହୋଇ ବହୁ ପ୍ରଜାରେ ଶାସନ କରିଚାଲିବା ଏକ କୌଶଳ। ପ୍ରଜାଙ୍କ ମଧ୍ୟରେ ଦ୍ୱିଧା ସୃଷ୍ଟି କରି ଏହି ଦାନ ନୀତିକୁ ଚଳାଯାଏ। ତୃତୀୟ ଭେଦନୀତି ଏ ନୀତିରେ କୌଣସି ରାଜା ବିରୁଦ୍ଧଗୋଷ୍ଠୀକୁ ଅଲଗା ଅଲଗା କରି ନିର୍ବଳ କରିଦେବା ଏହି ନୀତିର ବିଶେଷ କୌଶଳ। ଚତୁର୍ଥ କ୍ଷମା ନୀତି - ରାଜା ବିରୁଦ୍ଧରେ ଅନେକ ପ୍ରଜାଯେ ନରହିବେ ଏମିତି ନୁହେଁ। ଅନେକ ରାଜକାନୁନ ଲଙ୍ଘନ କରି ରାଜଦଣ୍ଡରେ ଆସନ୍ତି ପୁଣି କିଛି ଲୋକଙ୍କୁ ମତାଇ କେହି ରାଜକାର୍ଯ୍ୟରେ ଗଣ୍ଡଗୋଳ କରାଇପାରନ୍ତି ପୁଣି କେହି ପ୍ରଜାଙ୍କୁ ଠକି ଚୋରି କରି ଭୟ ଦେଖାଇ, ଜାଲିଆତି କରି କେହି ବା ଏକ ଗୋଷ୍ଠୀ ରାଜକୁ ନଜରକୁ ଆସି ଦଣ୍ଡଭୋକ୍ତା ହୋଇଥାନ୍ତି। ରାଜା ଦଣ୍ଡଭୋକ୍ତାଙ୍କୁ କିଛି ଦଣ୍ଡ ପ୍ରାପ୍ତି ପରେ ରାଜକ୍ଷମା କରନ୍ତି ଏମିତି କିଛି ବଡ଼ ଦଣ୍ଡଭୋକ୍ତାର ଦଣ୍ଡକୁ ଲାଘବ କରିଥାନ୍ତି। ଏହା ପ୍ରଶାସନର ରାଜ କରିବା ମହିମା କ୍ଷମା ଗୁଣରୁ କୀର୍ତ୍ତିମାନ କରାଏ। କଳିଯୁଗରେ କିଛି ହେଲେ ନିୟମରେ ନାହିଁ ପ୍ରଶାସନରେ ସ୍ଥାୟିତ୍ୱ ନାହିଁ। ଏକ ସ୍ଥାନରେ କୌଣସି ଦ୍ରବ୍ୟ ଅଭାବ ହେଲେ ଅନ୍ୟ ସ୍ଥାନରୁ ଆସି ଅଭାବ ଭରଣ ହେଉଛି। ଶରୀର ଶ୍ରମ ଠାରୁ ମସ୍ତିଷ୍କର ଶ୍ରମକୁ ପ୍ରାଧାନ୍ୟ ଦିଆଯାଉଛି। ଖାଦ୍ୟ ପଦାର୍ଥର ମୂଲ୍ୟ ଶସ୍ତା ମାତ୍ର ଅଳଙ୍କାରର ମୂଲ୍ୟ ବେଶୀ। ପୋଷାକର ମୂଲ୍ୟାୟନରୁ ସମ୍ଭ୍ରାନ୍ତ ଓ ହୀନ ବୁଝାପଡୁଛି। ଖରା, ବର୍ଷାରେ କାଦୁଅ ପାଣି କାମ କରୁଥିବା ବ୍ୟକ୍ତିର ଶସ୍ୟ ସମ୍ଭାର ସମସ୍ତଙ୍କର ଖାଦ୍ୟ ପାଇଁ ଲାଗୁଛି ହେଲେ ସେ ଶ୍ରମର ମଜୁରୀ କମ। ହେଲେ ବାତାନୁକୂଳ ଗୃହରେ ଗାଡ଼ିରେ ବାସ ବା ଗମନକାରୀର ସର୍ବଦା ଅଧିକ ମୂଲ୍ୟ। ସଂଖ୍ୟାଲଘୁ ଧାରା ତିଆରି ବେଳେ ଯେଉଁ ସୁଯୋଗ ତାଙ୍କୁ ସବୁ ଦିଆଯାଇଥିଲା ସମାଜ ଅବହେଳିତଙ୍କୁ ଯେଉଁ ସୁଯୋଗ ସବୁ କରାଯାଇଛି ତାହା ଯେ ବର୍ଷ ବର୍ଷ ପରେ ବଦଳିଯାଏ କଥା କୌଣସି ରାଜଶକ୍ତି ଚିନ୍ତା ନକରିବାରୁ ପୂର୍ବର ଉନ୍ନତସ୍ତର ବ୍ୟକ୍ତିମାନେ ଅବହେଳିତ ସ୍ତରକୁ ଆସି ଯାଉଛନ୍ତି। ସର୍ବତ୍ର ମାୟା ରଚନା, ମିଥ୍ୟାବାଦୀ, ଜାଲିଆତି, ଅସୁର ଅସୁରୁଣୀ ମାୟାବୀ ବୋଲି କୁହାଯାଏ। ହୁଏତ ସେହିପଥରେ କଳିଯୁଗର ଲୋକ ମାନବ ଦେହରେ ବି ଅସୁର ଅସୁରୁଣି ଗୁଣ ବିଶିଷ୍ଟ ଆଳକରି ସମସ୍ତଙ୍କର ଆୟ। ଏ ଯୁଗ ଶେଷ ପରେ ସେହି ସତ୍ୟ ଯୁଗ ଆସିବା ଏ ଯୁଗର ଲୋକେ ଧରିନେଉଚନ୍ତି। ସତ୍ୟ ଯୁଗରେ ସତ ବି ସତରେ ନଥିଲା ତେବେ ବେଦ ଉଧାର ପାଇଁ ଭଗବାନ ଅବତାର କାହିଁକି ହୋଇଥାନ୍ତେ? ତତ୍କାଳ ଦେଶରେ ସ୍ୱ ଶ୍ରମ ପାଇଁ କେହି ଚେଷ୍ଟା ନକରି ରାଜଧନ ଆଶ୍ରାରେ ରାଜ କରୁଣା ପ୍ରାପ୍ତି ପାଇଁ ଆଶାୟୀ ହେଲେ ରାଜଧନ ଅସାର ଖର୍ଚ୍ଚ କରି ଲୋକେ ଶ୍ରମପଥ ଭୁଲି ଯେଉଁ ଦରିଦ୍ରକୁ ସେହି ଦରିଦ୍ର। ଏ ପାଇଁ ନାନୋ ଥିଓରି ପ୍ରଚାରରେ ଭଗବାନ ବାମନ ଅବତାରରେ ଆସି ରାଜାବଳୀଙ୍କୁ ତିନିପାଦ ଭୂମି ମାଗି ସେହି ଦାନ ନୀତିକୁ ରଦ୍ଧ କରି ଲୋକଙ୍କୁ ଶ୍ରମ ବଳରେ ଓ ଅଳ୍ପ ଆବଶ୍ୟକରେ ବଞ୍ଚିବା ବାଟ କରିଥିଲେ।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ବୁଦ୍ଧପୂର୍ଣ୍ଣମୀ ପାଇଁ ଉଦ୍ଧିଷ୍ଟ:ବୁଦ୍ଧଙ୍କ ମହାନବାଣୀ

ବୁଦ୍ଧଦେବ ହିମାଳୟର ପାଦଦେଶରେ ଅବସ୍ଥିତ ପଲ୍‌ପ ସନ୍ନିକଟ କପିଳବାସ୍ତୁ ସହରର ଲୁମ୍ବିନି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ଏହି ଦେବ ପ୍ରତିମ ମହାପୁରୁଷ ବୁଦ୍ଧଙ୍କ ଜନ୍ମ ସମୟରେ ତାଙ୍କଠାରେ ଅନେକ ଶ୍ରୀଲକ୍ଷଣ ପ୍ରକାଶ ପାଇଥିଲା ସତେ ଯେପରି ଭଗବାନ ଅବତାର ଗ୍ରହଣ କରି ଏ ଧରାଧାମକୁ ଆସିଛନ୍ତି ତାଙ୍କ ଜୀବନର ପ୍ରତ୍ୟେକ ଘଟଣା ଏକ ମହାନବାଣୀ ଏକଦା ଗୌତମ ବୁଲୁଥିବା ସମୟରେ ଗୋଟିଏ ମେଣ୍ଢା ଓ ଛେଳି ଦଳ ଏକ ଅଣଓସାରିଆ ରାସ୍ତା ଦେଇ ଯାଉଥିବାର ଦେଖିଲେ। ମେଷପାଳକ ଯେପରି କୌଣସି ମେଣ୍ଢା ବା ଛେଳି ବାଟ ଛାଡି ଅନ୍ୟ ଆଡେ ନ ଯାଆନ୍ତି ସେଥିପାଇଁ ପଶୁ ପଲର ଆଗକୁ ଓ ପଛକୁ ଦଉଡୁ ଥାଏ। ଗୌତମ ଦେଖିଲେ ମେଣ୍ଢା ପଲର ଗୋଟିଏ ମେଷ ଶାବକ ପଛରେ ପଡିଯାଇଛି। ତା'ର ଗୋଟିଏ ଗୋଡରେ ମେଷ ପାଳକର ମାଡ ବାଜିଥିବାରୁ କ୍ଷତ ହେତୁ ସେ ସମସ୍ତଙ୍କ ସହ ମିଶି ଯାଇପାରୁ ନଥାଏ। ମେଷ ଶାବକଟିର ଏପରି ଦଶା ଦେଖି ଗୌତମଙ୍କ ହୃଦୟ ତରଳି ଗଲା। ସେ ଶାବକଟିକୁ କୋଳରେ ନେଇ ପଛରେ ଚାଲିଲେ। ସେ କହୁଥାନ୍ତି, "ଗୋଟିଏ ଗୁମ୍ଫାରେ ନିର୍ଜନ ହୋଇ ବସି କିମ୍ବା ପ୍ରାସାଦରେ ରହି ନିରବରେ ନିରୀହ ପ୍ରାଣୀଙ୍କର ଏପରି ଦୁଃଖ ଦୁର୍ଦ୍ଦଶା ପ୍ରତି ଉଦାସୀନ ରହିବା ଅପେକ୍ଷା ପ୍ରାଣୀମାନଙ୍କ ଯନ୍ତ୍ରଣା ଉପଶମ ପାଇଁ କର୍ମ ଶ୍ରେୟ ଅଟେ।" ଏହା କହି ସେ ମେଷପାଳକକୁ ଡ଼ାକି କହିଲେ, "ଏତେଗୁଡିଏ ମେଣ୍ଢା ଓ ଛେଳି ପଲ ନେଇ କୁଆଡେ ଏତେ ତରତର ହୋଇ ଧାଇଁଛ?" ମେଷପାଳକ କହିଲା, "ରାଜାଙ୍କ ପ୍ରାସାଦକୁ। କାରଣ ରାଜାଙ୍କର ଆଦେଶ ଦେବୀଙ୍କ ପୂଜା ପାଇଁ ଏହି ପଶୁମାନଙ୍କୁ ବଳି ଦିଆଯିବ। ପୂଜା କାର୍ଯ୍ୟ ଆଜି ରାତିରେ ଆରମ୍ଭ ହେବ। ଏକଥା ଶୁଣି ଗୌତମ ମେଷ ଶାବକଟିକୁ କୋଳରେ ଯେପରି ଧରିଥିଲେ, ସେହିପରି ଧରି ପଶୁ ପଲ ସହ ଚାଲିଲେ। ନଗରରେ ପହଂଚିବା ମାତ୍ରେ ପ୍ରଚାର ହୋଇଗଲା ଯେ, "ରାଜାଙ୍କ ଆଦେଶରେ ଜଣେ ସାଧୁ ଲୋକ ଯଜ୍ଞରେ ବଳି ପାଇଁ ଛେଳି ଓ ମେଣ୍ଢା ପଲ ଆଣି ଆସୁଛନ୍ତି। ଯେତେବେଳେ ଏହି ସମ୍ବାଦ ଶୁଣି ପୁରବାସୀମାନେ ରାସ୍ତାକୁ ଦେଖିବାକୁ ଆସିଲେ, ସେମାନେ ଦେଖିଲେ ଜଣେ ତେଜୋଦୀପ୍ତ ଯୁବକ ସାଧୁମାନଙ୍କର ପରିଧାନଯୋଗ୍ୟ ପାଟବସ୍ତ୍ର ପିନ୍ଧି ଆସୁଛନ୍ତି। ତାଙ୍କର ସେ ମଧୁର କଥା ନଗରବାସୀମାନଙ୍କୁ ମନ୍ତ୍ରମୁଗ୍ଧ କଲା। ରାଜା ମଧ ଜାଣିଲେ ଜଣେ ଯୁବକ ସନ୍ୟାସୀ ଯଜ୍ଞରେ ଯୋଗ ଦେବାକୁ ଆସୁଛନ୍ତି। ରାଜାଙ୍କ ଉପସ୍ଥିତିରେ ଯେତେବେଳେ ଯଜ୍ଞ ଆରମ୍ଭରେ ଗୋଟିଏ ଛାଗଳର ବଳି ନିମନ୍ତେ ପ୍ରସ୍ତୁତି ଆରମ୍ଭ ହେଲା, ମୂକ ଛାଗଳଟିର ଗୋଡ ଦୁଇଟି ବାନ୍ଧି ଦିଆଗଲା। ମୁଖ୍ୟ ପୁରୋହିତ ତୀକ୍ଷଣ ଛୁରି ଧରି ମୂକ ପଶୁଟିର ଗଳା କାଟିବାକୁ ଉଦ୍ୟତ ହେଲେ। ଯେତେବେଳେ ସେହି ମୂକ ପ୍ରାଣୀଟିର ଜୀବନ ଆଉମାତ୍ର ଏକ ମୁହୂର୍ତ୍ତରେ ବିଲୁପ୍ତ ହେବ ବୋଲି ଜାଣି ଗୌତମ କହି ଉଠିଲେ, "ରାଜା! ଏହି ନିଷ୍ଠୁର ବଳି ବନ୍ଦ କର।" ଏହା କହି ଗୌତମ ଆଗେଇ ଆସି ଛାଗଳର ବନ୍ଧନ ଫିଟାଇଦେଲେ। କହିଲେ, "ଯେପରି ମନୁଷ୍ୟର ଜୀବନ ପ୍ରତି ଶ୍ରଦ୍ଧା ଥିବାରୁ ସେ ବଂଚି ରହିବାକୁ ଚାହେଁ, ସେହିପରି ପ୍ରତ୍ୟେକ ପ୍ରାଣୀ ବଂଚି ରହିବାକୁ ଚାହାଁନ୍ତି।" ଏକଥା ଶୁଣି ମୁଖ୍ୟ ପୁରୋହିତ ଛୁରୀକୁ ଫିଙ୍ଗି ଦେଲେ। ସେ ଜଣେ ମହାପାପୀର କାର୍ଯ୍ୟ କରିବାକୁ ଯାଉଥିଲେ ଭାବି ତାଙ୍କ ମନରେ ଅନୁତାପ ଜାତ ହେଲା। ରାଜା ମଧ ଆଦେଶ ଦେଲେ ଆଉ ଯଜ୍ଞରେ ଏଣିକି ପଶୁବଳି ହେବ ନାହିଁ ଏବଂ ପ୍ରତ୍ୟେକ ଲୋକ ପଶୁପକ୍ଷୀ ପ୍ରଭୃତି ପ୍ରାଣୀଙ୍କ ପ୍ରତି ଦୟା ପ୍ରଦର୍ଶନ କରିବେ। କିଶାଗୌତମୀ ଜଣେ ଧନୀ ଲୋକକୁ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁତ୍ର ଜନ୍ମ ହୋଇଥିଲା। ମାତ୍ର ପୁତ୍ରକୁ ଦୁଇବର୍ଷ ବୟସରେ ତା'ର ମୃତ୍ୟୁ ହେଲା। ଏକମାତ୍ର ପୁତ୍ରହେତୁ ପୁତ୍ରପ୍ରତି ଅତ୍ୟଧିକ ମମତା ଥିବାରୁ କିଶାଗୌତମୀ ଶୋକରେ ଅଧିରା ହେଲେ। ତା'ପରେ ମୃତ ପୁତ୍ରକୁ ଦାହ ପାଇଁ ନ ଦେଇ କୋଳରେ ଜାକି ଦ୍ୱାର ଦ୍ୱାର ଔଷଧ ଭିକ୍ଷା କରି ଚାଲିଲେ, ଯେଉଁ ଔଷଧ ଖାଇଲେ ତାଙ୍କର ମୃତ ପୁତ୍ର ପୁଣି ଜିଇଁ ଉଠିବ, ସେହି ଔଷଧ




ଉମାଶଙ୍କର ପ୍ରସାଦ

କିଶାଗୌତମୀ ଭିକ୍ଷା କରି ବୁଲିଲେ। ଏହିପରି ଭାବରେ ବୁଲୁ ବୁଲୁ ସେ ଜଣେ ବୌଦ୍ଧଭିକ୍ଷୁଙ୍କୁ ଭେଟିଲେ। ନିଜର ଉତ୍ସୁକତା ସଂଯମ କରି ନ ପାରି ବୌଦ୍ଧଭିକ୍ଷୁଙ୍କୁ ମଧ ତାଙ୍କ ମନ କଥା ଜଣାଇଲେ। ଭିକ୍ଷୁ ତାଙ୍କୁ କହିଲେ, 'ହେ ଭଦ୍ରେ! ମୋ ପାଖରେ କିଛି ଔଷଧ ନାହିଁ। ମାତ୍ର ବୁଦ୍ଧଙ୍କ ପାଖୁ ଯାଅ। ସେ ନିଶ୍ଚୟ ତୁମକୁ କୌଣସି ଅତି ଉତ୍କୃଷ୍ଟ। ସେ ଦୟା ଓ ପ୍ରେମର ସାଗର। ତାଙ୍କର ଆଶୀର୍ବାଦ ହେଲେ ତୁମର ପୁତ୍ର ଜୀବନ ପାଇବ। ଆଉ ବ୍ୟସ୍ତ ହୁଅନ୍ତୁ ନାହିଁ।" ସେ ସଙ୍ଗେ ସଙ୍ଗେ ବୁଦ୍ଧଙ୍କ ପାଖରେ ପହଂଚି କହିଲେ, "ହଁ, ମୁଁ ଅତ୍ୟନ୍ତ ଉତ୍କୃଷ୍ଟ ଔଷଧ ଦେବି। ମାତ୍ର ମୋର ମୁଠାଏ ସୋରିଷ ଆବଶ୍ୟକ। ଯାହାର ଗୃହରେ କୌଣସି ପିଲା ବା ସ୍ୱାମୀ ବା ସ୍ତ୍ରୀ କିମ୍ବା ପିତାମାତା ଓ ଏପରିକି ଜଣେ ଚାକର ମଧ ମରି ନ ଥିବ ସେହିପରି ଏକ ଗୃହରୁ ସୋରିଷ ଆଣିବ।" କିଶାଗୌତମୀ ଏହା ଶୁଣି କହିଲେ, "ମହାଶୟ! ମୁଁ ଚାଲିଲି ଖୁବ୍ ଶୀଘ୍ର ସୋରିଷ ମୁଠାଏ ନେଇ ଫେରିଆସୁଛି।" କିଶାଗୌତମୀ ମୃତ ପୁତ୍ରକୁ କୋଳରେ ଧରି ଗୋଟିଏ ଗୃହରେ ପହଂଚିଲେ। ଗୃହକର୍ତ୍ତାଙ୍କୁ ସୋରିଷ ମାଗିଲେ। ସେ ସଙ୍ଗେ ସଙ୍ଗେ ସୋରିଷ ଆଣି ଦେବାକୁ ଉଦ୍ୟତ ହେଉଥିବା ସମୟରେ କିଶାଗୌତମୀ କହିଲେ, "ଆଚ୍ଛା, ତୁମ ଘରେ କେହି ପୁଅ ବା ଝିଅ ବା ପିତା ମାତା, ବା ଚାକର ଏପରି କୌଣସି ଲୋକ ମରି ନାହାଁନ୍ତି ତ?" ଗୃହକର୍ତ୍ରୀ କହିଲେ, "ଆପଣ କି ଆଶ୍ଚର୍ଯ୍ୟ କଥା କହୁଛନ୍ତି। ଆମ ଘରେ ତ ଅନେକ ମରିଛନ୍ତି।" କିଶାଗୌତମୀ ଏହିପରି ଘରକୁ ଘର ଯାଇ ଶୁଣିଲେ କାହାର ବଡପୁଅ ମରିଛି, କାହାର ସ୍ତ୍ରୀ ମୃତ, ପୁଣି କାହାର କାହାର ପିତାମାତା ମରିଛନ୍ତି। ଏହିପରି ବହୁଘର ବୁଲିଲା ପରେ ଏପରି କୌଣସି ଘର ପାଇଲେ ନାହିଁ ଯେଉଁଠାରେ ସେ ବୁଦ୍ଧଙ୍କ ଇପ୍‌ସିତ ସୋରିଷ ମୁଠାଏ ପାଇପାରିବେ। ଏପରି ଉତରମାନ ପ୍ରତ୍ୟେକ ଘରୁ ଶୁଣି ଶୁଣି ତାଙ୍କ ମନରେ ବିବେକ ଓ ବୈରାଗ୍ୟ ଉଦୟ ହୋଇଥିଲା। ସେ ତାଙ୍କର ପୁତ୍ରର ମୃତ ଦେହକୁ ଦାହ କଲେ। ତା'ପରେ ଜନ୍ମ ଓ ମୃତ୍ୟୁର ରହସ୍ୟ ସମ୍ବନ୍ଧରେ ମନରେ ଚିନ୍ତା କରିବାକୁ ଲାଗିଲେ। ଏହାପରେ ବୁଦ୍ଧଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ତାଙ୍କର ଚରଣରେ ସାଷ୍ଟାଙ୍ଗ ପ୍ରଣିପାତ କଲେ। ବୁଦ୍ଧ କହିଲେ, "ହେ ଭଦ୍ରେ! ସୋରିଷ ଆଣିଛ ତ?" କିଶାଗୌତମୀ ଉତର ଦେଲେ, "ମୁଁ ଏପରି କୌଣସି ଗୋଟିଏ ଘର ପାଇଲି ନାହିଁ ଯେଉଁଠାରେ ଜଣେ ହେଲେ କେହି ମରି ନାହିଁ।" ତା'ପରେ ବୁଦ୍ଧ କହିଲେ, " ଏ ସଂସାରରେ ସମସ୍ତ ପଦାର୍ଥ ନାଶଶୀଳ ଓ ଅସ୍ଥାୟୀ। ଏହି ସଂସାର ଦୁଃଖ, ଶୋକ, ଯନ୍ତ୍ରଣା ପରିପୂର୍ଣ୍ଣ। ସେ ପୁରୁଷ ହେଉ ବା ନାରୀ ହେଉ ଜନ୍ମ, ମୃତ୍ୟୁ, ରୋଗ, ବୃଦ୍ଧାବସ୍ଥାରେ ଜର୍ଜରିତ। ଆମେ କେବେ ଆଶା କରିବା ନାହିଁ ଘଟିବାକୁ ଥିବା ଘଟଣା ନ ଘଟୁ। ଏପରି କାମନା ମନୁଷ୍ୟକୁ ବୃଥା ଦୁଃଖ ଓ କଷ୍ଟରେ ଉତ୍ପୀଡିତ କରେ। ପ୍ରତ୍ୟେକ ନିର୍ବାଣର ପ୍ରୟାସ କରିବା ଉଚିତ। ତା'ହେଲେ ସକଳ ଦୁଃଖ କଷ୍ଟରୁ ପରିତ୍ରାଣ ମିଳିବ।" ବୁଦ୍ଧଙ୍କର ଉପଦେଶ ଗ୍ରହଣ କରି କିଶାଗୌତମୀ ବୁଦ୍ଧଙ୍କର ଶିଷ୍ୟା ହୋଇ ଶେଷରେ ବୌଦ୍ଧଭିକ୍ଷୁ ହୋଇଥିଲେ। ଏକଦା ବୁଦ୍ଧ ଭିକ୍ଷା ପାତ୍ର ଧରି ଜଣେ ଧନୀ ବ୍ରାହ୍ମଣ ଗୃହରେ ଭିକ୍ଷା ପାଇଁ ପହଂଚିଲେ। ବୁଦ୍ଧଙ୍କୁ ଦେଖି ସେହି ବ୍ରାହ୍ମଣ ଅତ୍ୟନ୍ତ କ୍ରୁଦ୍ଧ ହୋଇ କହିଲେ, "ହେ ଭିକ୍ଷୁ! ତମେ କାହିଁକି ଏପରି ଭାବରେ ଅଳସୁଆଙ୍କ ପରି ଦ୍ୱାର ଦ୍ୱାର ବୁଲି ଭିକ୍ଷା ମାଗୁଛ? ଏହା ଏକ ଅକ୍ଷମଣୀୟ ନିନ୍ଦିତ କର୍ମ ନୁହେଁ କି? ତୁମର ଶରୀର ସୁସ୍ଥ, ତୁମର ଶକ୍ତିସାମାର୍ଥ୍ୟ ଅଛି। ତୁମେ କାମ କର। ମୁଁ ବିଲରେ କାମ କରୁଛି। ମୁଁ ମୁଣ୍ଡ ଝାଳ ତୁଣ୍ଡରେ ମାରି ମୋର ଜୀବିକା ନିର୍ବାହ କରୁଛି। ମୁଁ ପରିଶ୍ରମୀ। ଦିନରାତି ଖଟୁଛି। ତୁମେ ଯଦି ଏପରି ପରିଶ୍ରମ କରି ଚାଷ କର ତାହାହେଲେ ତତ୍ତୁମକୁ ଯଥେଷ୍ଟ ଖାଇବାକୁ ମିଳିବ। ଏ ଭିକ୍ଷାବୃତି କାହିଁକି?" ବୁଦ୍ଧ ଉତର ଦେଲେ, "ମୁଁ ଚାଷ କରୁଛି, ବୀଜବପନ କରୁଛି, ମୁଁ ମଧ ତନ୍ମଧ୍ୟରୁ ଉତ୍ପନ୍ନ ଦ୍ରବ୍ୟ ଭୋଜନ କରୁଛି।" ବ୍ରାହ୍ମଣ କହିଲେ "କାହିଁ ମୁଁ ତ ତୁମଠାରେ ସେ ପ୍ରକାର ଜଣେ ଚାଷୀର ଲକ୍ଷଣ ଦେଖୁନାହିଁ। ତୁମର ଲଙ୍ଗଳ ବଳଦ ଓ ମଞ୍ଜି କେଉଁଠାରେ ଅଛି?" ବୁଦ୍ଧ ଉତର ଦେଲେ, "ହେ ବ୍ରାହ୍ମଣ! ମୋର କଥା ମନ ଦେଇ ଶୁଣ। ମୁଁ ବିଶ୍ୱାସର ବୀଜ ବପନ କରେ। ମୁଁ ଯେଉଁ ମଙ୍ଗଳ କାର୍ଯ୍ୟ କରୁଛି ତାହା ବୃଷ୍ଟି ଓ ତାହା ବିଶ୍ୱାସର ବୀଜକୁ ଅଙ୍କୁରିତ କରେ। ବିବେକ ଓ ବୈରାଗ୍ୟ ମୋର ଲଙ୍ଗଳର ଅଂଶ, ସତ୍‌କର୍ମ, ମୋର ହଳର କଂଟି, ତପ ମୋର ପାଂଚଣ(ବଳଦକୁ ବାଡେଇବା ଛାଟ), ଶମଦମ ଓ ଇନ୍ଦ୍ରିୟ ସଂଯମ ବଳଦ, ଏପରି ହଳ, ବଳଦ ଓ ଲଙ୍ଗଳ ସାହାଯ୍ୟରେ ମୁଁ ମନ ମୃତିକା ଚାଷ କରେ। ଯେଉଁ ଶସ୍ୟ ଆମଦାନୀ କରେ ତାହା ନିର୍ବାଣ- ଚିର ପ୍ରଶାନ୍ତି। ଏ ପ୍ରକାର ଚାଷ ଫଳରେ ସମସ୍ତ ପ୍ରକାର ଦୁଃଖ କଷ୍ଟ ଲୋପ ହୋଇଯାଏ।" ଏ କଥା ଶୁଣି ସେ ଅହଂକାରୀ ବ୍ରାହ୍ମଣର ଜ୍ଞାନ ଉଦୟ ହେଲା। ତା'ର ଚକ୍ଷୁରୁ ଅଜ୍ଞାନ ପରଳ ଦୂର ହେଲା, ସେ ବୁଦ୍ଧଙ୍କ ଚରଣ ତଳେ ପ୍ରଣାମ କରି ତାଙ୍କର ମାର୍ଗ ଅନୁସରଣ କରିବା ସ୍ଥିର କଲେ। ଆଜିର ଏ ପବିତ୍ର ବୌଦ୍ଧପୂର୍ଣ୍ଣମୀ ତିଥିରେ ଆଶା ଓ ବିଶ୍ୱାସ ବୁଦ୍ଧଙ୍କର ଏହି ଅମୀୟ ବାଣୀ ସମଗ୍ର ସମାଜକୁ ପ୍ରଭାବିତ କରିବ।

*ଖୋର୍ଦ୍ଧା, ମୋ:୬୩୭୦୬୭୫୫୬୨*

# ସାହିତ୍ୟ ଦର୍ପଣ



## ନର୍କ କୀଟ



ବିପ୍ଳବ

ଜାନିଆ ମୋ ଗୋଡ଼ ଧରୁଥିଲା । ଯେମିତି କଞ୍ଚା ମିଛର ପ୍ରତିଶ୍ରୁତି ଦେଇ ନିର୍ବାଚନ ବୈତରଣୀ ପାର ହୋଇଥିବା ଦଗଲବାଜ ନେତା ମୁଁ, ଆଉ ତାର ଦରକାର ଆବାସ ଯୋଜନାରେ ଛୁଟିଏ ଘର।
- ଚାଲ୍, ଭାକ୍ ସାଲୀ।
ପକେଇଲି ଦି ' ଗୋଇଠା।
ସେ ନେଉଟି ପଇଲା ଚିତଳ ମାଛ ପରି।
ଝାଡି ଝୁଡ଼ି ହେଇ ଭୂଇଁରୁ ଉଠିଲା।
ପୁଣି ମୋ ଗୋଡ଼କୁ ଧଇଲା , ଭୋଦୁଅ ମାସ ପାଣି ପଚ୍ ପଚ୍ ଧାନ ବିଲରେ ଯେମିତି ଆଙ୍ଗୁଠିକୁ ଯାବ ପକାଏ ମାଣ୍ଡିଆ କଙ୍କଡା।
ପତି ପରମେଶ୍ୱର ମୁଁ।
ମୋର ଆରାଧନା ତା'ର କାମ୍ୟ।
ମୋ ମନରେ ଦୟା ମାୟା କିଛି ନାହିଁ।
ସେ ବାବଦରେ ମୁଁ ଫକଡରାମ୍।
ମୋର ମୋ ପ୍ରତି ଦୟା ନାହିଁ।
ଜାନିଆ ପାଇଁ ଆସିବ କୁଆଡୁ।
ସ' ଯେ ମାଇପ ପାଦର ପଣ୍ତୋଇ।
ଆଫଗାନସ୍ତାନରେ ମାତିଥିବା ମୁଁ କୋଉ ପାକିସ୍ତାନ ଆତଙ୍କବାଦୀ ନୁହିଁ।
ମୁଁ ହୁକା ଦାସ।
ନଷ୍ଟ ପୁରୁଷ ହୁକା ଦାସ।
ପର ଝିଅକୁ ବେଜ୍ଜିତ୍ କରିଥିବା ଗୋଟେ ନଷ୍ଟ ଲୋକ ।
ଜୀବନ କଣ, ଯୌବନ କଣ ବୁଝିବା ଆଗରୁ ସବୁ ବର୍ବାଦ୍ କରିଦେଲି !
ଧେତ୍.. କିଏ କହିଲା ମୋ ନାଁରେ ଏମିତି କଥା ?
କିଏ ପ୍ରଚାର କଲା ମୋ ଚରିତ୍ରକୁ ନେଇ ଏତେବଡ଼ ସାଙ୍ଘାତିକ୍ ଖବର ?
କେଜାଣି ?
ଯିଏ କରୁଛି କରୁଥାଉ ତା'ର।
ମୋର ସେଥିରେ ମୁଣ୍ଡ ଖେଳେଇବା ଦରକାର ନାହିଁ ।
ମଣିଷ ଜୀବନକୁ ବୁଝିବା କଣ ଏତେ ସହଜ ?
ଚଉରାସୀ ଲକ୍ଷ ଯୋନି ଭ୍ରମଣ ପରେ ମଣିଷ ଛୁଆ ଜନ୍ମ ନିଏ ।
ପବିତ୍ର ଜନ୍ମ, ମହାନ୍ ଜନ୍ମ
ଗୋଟାଏ ଶ୍ରେଷ୍ଠ ଜୀବ ମଣିଷ।
ସବୁ ବକଓ୍ୱାସ୍।
ମୁଁ ପାଟି ଗଣିତ ବୁଝି ପାରିଲିନି ଆଜି ଯାଏଁ ନହେଲେ କୋଉ ଅଫିସ ରେ ହାକିମାତି କରୁଥାନ୍ତି। ଗଣ୍ଡା ଗଣ୍ଡା ପିଅନ ହାଁ ଜୀ ହାଁ ଜୀ କହି ସଲାମ ଠୁକୁ ଥାନ୍ତେ ।ଏ ଘଂ ଘା ,ପେଁ ପାଁ ଜୀବନ ପଛରେ କାହିଁକି ଘୋଡ଼ା ଗୋଡ଼ କରିଥାନ୍ତି ?
ଅଷ୍ଟମରେ ଏ ପ୍ଲସ ବି ର ହୋଲ ସ୍କୟାର କହି ନ ପାରି କୁରୁଛତ୍ର ମାଡ଼ ଖାଇଥିଲି ।
ତା ପରଦିନ ମାଷ୍ଟରଙ୍କ ଚକାରୁ ହାଣ୍ଡି ବାହାର କରି ପୁଣି କୁରୁଛତ୍ର ମାଡ଼ । ପିଠିରୁ ଦାଗ ଛପିନି ଆଜି ଯାଏଁ।
ଆସିଲେ ଜୀବନ ମୂଲ୍ୟ ବୁଝାଇବାକୁ।
ଜାନିଆ ମୁଣ୍ଡ କୋଡ଼ି କାନ୍ଦୁଚି।
ମୁଁ ଜାନକାରୀ କେଶ୍ କରିଚି।
ମୋତେ ଫାଶୀ ହେଇଯିବ।
ଗୋଟାଏ ସାର ଜନ୍ମ ପାଇଥିବା ପ୍ରାଣୀ ମୁଁ।
ମରିବି କୁକୁର ବିଲେଇ ପରି ନିରୁପାୟ ହୋଇ। ଏଇ ଟା ମୋ ଜାତକ ଲେଖା।
ମୋ କଳ ବଳ କୌଶଳ ସବୁ ଫସର ଫାଟିଯିବ ମୋ ପାପ ଆଗରେ ।
ଫାଟି ଯାଉ।
ମୋର ଦରକାର ନାଇଁ ଯାମିନି।
ହେଇଯାଉ ଫାଶୀ। କଳ କୌଶଳ ଦରକାର ନାଇଁ ମୋର। ଦରକାର୍ ନାହିଁ କୋଉ ଓକିଲର ଫିକର ଫନ୍ଦି।
ହେ ସରକାର, ତୁ କଣ ମୋତେ ଫାଶୀ ଦବୁ , ଦଉଡ଼ି ଦେ।
ମୁଁ ନିଜକୁ ନିଜେ ଝୁଲି ପଡ଼ିବି।
ମୋ ପ୍ରାଣ ଚାଲିଯିବ ଅବେଳରେ
ସାପ ପାଟିରେ ବେଙ୍ଗ ପଶିବା ପରି
ଧାଇ ଭିତରେ ଆଖୁ ପଶିବା ପରି ।
ପାଞ୍ଚ ହାତ ମରଦ୍ଦ ହୁକା ଦାସ।
ବିରାଟ ବପୁ, ବଳିଲା ବଳିଲା ବାହା।
ଟାଣ ମାଂସପେଶୀ ।
ସବୁ ପେସି ହେଇଯିବ ସମୟଚକ୍ରରେ।
ନିଗିଡ଼ି ପଡ଼ିବ ସବୁ ରସ।
ଛେଦା ହେଇ ବାହାରି ପଡ଼ିବ ସେ ପଟେ।
ମରିବାକୁ ପରବାୟ ନାହିଁ।
କିଏ ଏଠି ଅମର ?
ମୋତେ ଘୋଷାରୁ ଥିବା ପୁଲିସ୍ ନା ଫାଶୀ ଦଉଥିବ ଜଜ୍.. କେହି ନୁହଁ।
ଆ.. ହେ ମୋର ଫାଶୀ ଦଉଡ଼ି।
ମୁଁ ତତେ ବରିବି।
ପ୍ରେମିକାକୁ ମନ୍ଦିରରେ ଲୁଚି ଛପି ବରଣ ମାଳା ପିନ୍ଧ ?ଇବା ପରି ।
କି ଭୁଲ୍ କରିଚି ମୁଁ ଜୀବନରେ ?
ଦଗଲବାଜି କାମ କରିଚି
କୋଉ ରାଣ୍ଡି ଣ୍ଡି ସମ୍ପତ୍ତି ହଡ଼ପ କରିଚି ?
କଞ୍ଚା ମିଛ କହି କା ଚଉକି ହାତେଇ ନେଇଛି ?
କୋଉ ଡିଲର ପାଖରୁ ମାଗଣା ରାଜସ୍ୱ ନେବାକୁ ଲମ୍ବା ଲାଇନ୍ ରେ ନାଠି ଭାଙ୍ଗି ଠିଆ ହେଇଚି ?
ମାରି ପିଟି ଗୁଡ଼ାଏ ସମ୍ପତ୍ତି ଅର୍ଜି ବଡ଼ ଲୋକ ହେବା ଭୁତ ମୁଣ୍ଡରେ ପୁରେଇଛି ?
ନା.. କିଛି ନାଇଁ ତ..
ତେବେ ମୋ ମଣିଷ ଜୀବନ କିଆଁ ବେକାର ହେଲା ?
କେମିତି ନଷ୍ଟ ହେଲି ବୋଲି ହାଲ୍ଲା ପଡିଚି!
ଉତ୍ତର ଦିଅ ହେ ପଣ୍ଡିତ ମଣ୍ଡଳୀ
ହେ ବୁଦ୍ଧିଜୀବୀ
ହେ ଜ୍ଞାନୀ ଗଣ
ରୁମ୍ଛଡ଼ା କୁଡିକୁ ବାସି ରୁଟି ଦେଇ ଭାଗ୍ୟ ବଦଳଉଥିବା ନାହାକ ସବୁ...
କୁଆଡେ ଗଲ ସବୁ ?
ପେଚା ପରି କୁଆଡେ ଲୁଚି ଗଲ ଦିନ ବେଳା ?
ପାଟିରେ ମଣ୍ଡା ପଇଛି ନା ଫେବିକୁଇକ ମରା ହେଇଚି ?
ନା ମହମବତୀ ଜାଳି ଶୋଭା ଯାତ୍ରାରେ ବାହାରିଗଲ ସବୁ ?
ମୁଁ ଆଜି ନହେଲେ କାଲି ମରିଯିବି ।
କିଏ ପଡ଼ିବ ମୋ ମାଇପ ପିଠିରେ
କିଏ ତାକୁ ସାହା ଭରସା ହେବ ?
ମୁଁ ମଦ ପି ବ୍ୟଭିଚାର କଲି ?
ମୋର ଏକୁଟିଆ ସବୁ ଦୋଷ
ଗରିବ ମାଇପ ସବୁରି ଶାଳୀ
ଆଉ ତା ଘଇତା ସବୁରି ଶଳା
ଯିଏ ମଦ ବିକିଲା ସିଏ ଗୋଟା ପଣେ ସାଧୁ !
ଜାନିଆ କାନ୍ଦୁଚି କାନ୍ଦୁ।
କାହିଁକି ବାହା ହେଉଥିଲା ମୋତେ
ଘୋଡ଼ା ମଦୁଆ ହୁକା ଦାସକୁ
ଏବେ ନାମ ନେଉ।
ମୁଁ କଣ କରିବି ?
ମୁଁ କଣ କୋଉ ରାଜନୀତିଆ ନେତା ଯେ ମୋ କେଶ୍ କିଏ ରଫା ଦଫା କରିଦେବ
ସଳା ସୁତୁରାରେ ?
କାନ୍ଦୁଥା ଯେତେ।
ତୁ କି ସ୍ତ୍ରୀ
କି ନିଶା ଅଛି ତୋ'ଠି
ତୋ ନିଶା ମୋ ମଦ ନିଶା ଛଡ଼ ?ଇ ପାରିଲାନି।
ଧିକ ତୋ ରୂପ, ଧିକ୍ ତୋ ଯୌବନ
ରମ୍ଭା, ମେନକା, ଉର୍ବଶୀ ଦେବରାଜ ଇନ୍ଦ୍ରଙ୍କୁ କିଳିକାଛିଆ କରି ଦେଉଥିଲେ।
ରୂପ ରେ ବାଟ ବଣା କରି ଦେଉଥିଲେ।
ତୋ ମାୟାରେ ଗୋଟେ ମଦୁଆ, ମୂର୍ଖ ହୁକା ଦାସ ବଦଳି ପାରିଲାନି ?
ଆସିଲା ଗୋଡ଼ ଧରିବାକୁ।
ଭାକ୍ ।
ଗୋଡ଼ଧରିଲେ କିଏ ଶୁଣେ ଏଠି କାହା କଥା ?
ହାରିଯିବୁ ଜୀବନରେ।
ଧରିବୁ ତ ସିଧା ବେକ ଧର
ଯେମିତି ଭେକିଲା ବାଘ ଧରେ ହରିଣୀର ବେକ।
ଯାବିବୁ ତ ସିଧା ବେକକୁ ଯା ବ।
କାନ୍ଦିଲେ କେହି ପଡ଼ିବେନି ପିଠିରେ।
ତୋ ଲୁହ ବେକାର ଯିବ
ତୋ କୋହ ବେକାର ହେବ।
ମୋର କଣ ଦୋଷ !
ଏଇ ନିଶା ପାଣି କରିବା ?
କେଜାଣି
ଆମ ବୋପା ଅଜା ଚଉଦ ପୁରୁଷ କେହି ପିଉ ଥିଲେ ?
ନା
ମୁଁ ପିଉଛି।
ଗାଁ ସାରା ପିଲା ଏବେ ପିଉଛନ୍ତି
ବୁଢ଼ା ଟୋକା ବାଛ ବିଚାର ନାହିଁ।
କିଏ ଧରେଇଲା ଆମ ହାତରେ ବୋତଲ
କିଏ ସଜେଇଲା ଭିକାରୀ
ଏଇ ସରକାର
ଆମେ କୁଆଡେ ପ୍ରଭୁ, ସେ ସେବକ ।
ଧିକ୍ ତମ ସେବା ?
ମୁଁ ମାଛିକୁ ମ କହେନି ।
କେମିତି ଝାଂପି ପଡ଼ିଲି ପର ଝିଅ ଉପରେ
ଯାହାର ଆଶ୍ରୟ ଦାତା ଥିଲି ମୁଁ।
ରାତିରେ ଜାନିଆ ଆଉ ମୁଁ ଗୋଟିଏ ହେଁସ ରେ ଶୋଉ।
ମୋ ମୁହଁ ପୂରୁବ ତା'ର ପଛିମ
ମୋର ନଇରୁତ ତା'ର ବାୟୁ।
ସେ ଭିଡୁଥିବ, ମୁଁ ଘୁଙ୍ଗୁଡ଼ି ମାରୁଥିବି।
ଦିନ ସାରା ଷ୍ଟିଅରିଙ୍ଗ ଉପରେ ହାତ
ବ୍ରେକ୍, ଆକାସିଲେଟର ଉପରେ ଗୋଡ଼
ନିଃଶ୍ୱାସ ପାଇଁ ବେଳ କାଇଁ
ଦେହ ସୁଖ ପଚାରେ କିଏ ?
ବଡ଼ ଦହଗଞ୍ଜ ଏଇ ଜୀବନ
କିଏ ବୁଝେ ଆମ ଦୁଃଖ
ନା ମାଲିକ ନା ସରକାର ?
ଦୁହେଁ ଟିଙ୍କ।
ଅହରହ ଗାଣ୍ଡିକୁ ମୁଣ୍ଡକୁ ଉଣ୍ଡୁଥିବେ।
କୋଉଠି ପାଞ୍ଚ ପଚିଶ ମାରି ଆମେ ବଡ କୋଠା ପିଟି ଦେଲୁ ।
ଲା ଲା ଟଙ୍କାର ଗାଡ଼ି
ଲାୟ ତମର କୁଆଡ଼େ ହୋ..
ଶଳା ଛୋଟ ଲୋକ ସବୁ।
ମୋତେ ଛୋଟ ଲୋକ କରି ଦେଲେ।
ମୋର ଦରକାର୍ ନାଇଁ ଜାମିନ୍।
ହେଇଯାଉ ଫାଶୀ।
ମୋର କା ବିରୁଦ୍ଧରେ ଅଭିଯୋଗ ନାହିଁ।
ମୁଁ ତ ନିଶାରେ ଚୁର୍।
କାହାର ସେ ଝିଅ କି ମାଇପ ମୋତେ ଜଣା ନାହିଁ। ମୁଁ ନିଶାରେ କଣ କଲି ଜଣା ନାହିଁ। ଜାଣିଲେ ଏବେ କଣ କରିବି ମୁଁ ?
ଘୋଡ଼ା ମଦୁଆ ମୁଁ।
ମଦ ପିଏ, ଗାଡ଼ି ଚଳାଏ।
ସେଇଟା ମୋ କାମ।
ଝିଅ ଟି ସେଦିନ ଲିଫ୍ଟ ମାଗିଲା।
ସଞ୍ଜ ପହର।
କୋଉ ଜାଗା କେଜାଣି।
କିଛି ମନେ ପଡୁନି।
ଭିକା କହିଲା ଭାଇ ଗାଡ଼ି ରଖ। କଲେଜ ଝିଅଟେ ଅସୁବିଧାରେ ପଡ଼ିଛି।
ମୁଁ ରଖିଲି।
ଝିଅଟି ଉଠିଲା ।
ଅଳ୍ପ ବାଟ ପରେ ଭିକା ଷ୍ଟିଅରିଁ ଧରିଲା।
ବାଟରେ ପାଣି ପିଇବାକୁ ଗାଡ଼ି ରଖିଲୁ। ଭିକା ପାଣି ଆଣିଲା କି ମାଲ୍ ମିଶେଇ ପି ବାକୁ ଦେଲା ସେଦିନ ?
କେଜାଣି ।
ମୁଁ ଅଣଆୟତ୍ତ ହେଇଗଲି।
ଲାଗିଲା ଜାନିଆ ବସିଚି ମୋ ପାଖରେ।
ଝାଂପି ପଡ଼ିଲି ତା ଉପରେ।
ସେ ବି ଛାଟିପିଟି ହେଲା, ଯେମିତି ଜାନିଆ ହୁଏ।
ଏଇ ଟା ଗୋଟେ ପାପ।
ଜାନିଆ ସହ ଏମିତି କିଏ କରିଥିଲେ ମୁଁ କଣ କରିଥାନ୍ତି ?
ମୁଁ ଜୀବ ଶ୍ରେଷ୍ଠ
ଆଜି ନଷ୍ଟ ଭ୍ରଷ୍ଟ
ନର୍କ କୀଟ
ମୋ ଦେହରେ ଦିବ୍ୟ ଜ୍ଞାନ ଦେଖି ପ୍ରଭୁ ସି ହେଇଥିଲେ ।
ମନେ ଅଛି ଭାଗବତର ସବୁ ଧାଡ଼ି
କାହିଁକି ମଦକୁ ପାରୁନି ଛାଡି !
ଗୋବିନ୍ଦ ପଦର ମକରନ୍ଦ ଠୁଁ ଏ ମଦ କଣ ବେଶୀ ମିଠା ?
ଜାନିଆ
ତୁ ଆଉ କାନ୍ଦେନା ।
ତୁ କହିଲେ ପୁଲିସ୍ ମୋତେ ଛାଡ଼ିବନି।
ତୋର କାହିଁକି ଏ ବିକଳ କାନ୍ଦ ?
କାହିଁକି ଭେଦି ପାରୁନି ମୋ ପଥର ଛାତି
କାହିଁକି ତୋ ଲୁହ ମୋତେ ମାରି ପାରୁନି କାତି ?
ମୁଁ ଗୋଟେ ରାସ
ନର୍କ କୀଟ
ତୋ ପରି ଦେବୀ ପ୍ରତି ଅବିଚାର କରିଚି।
ପର ଝିଅ ଉପରେ ଆଖି ପକେଇଛି
କଣ ପାଇଁ ପ୍ରେମର ମହୁ ଫେଣା ମୋ ପାଇଁ ସାଇତିଚୁ ?
କଣ ପାଇଁ ଏତେ ମମତା !
ତୋ କାନ୍ଦରେ ଛାତି ଦୁହଁ ହେଇ ଯାଉଛି
କଲିଜା ପାଣି ହେଇ ଯାଉଛି
ମୁଁ କାନ୍ଦୁନି
ମୋ ଆଖିରେ ଠୋପେ ପାଣି ନାଇଁ
ତୋ ବିକଳ କାନ୍ଦଣା ସବୁ ନିରର୍ଥକ ମୋ ପାଇଁ
ମୁଁ ଗୋଇଠା ଖାଇବାର ଯୋଗ୍ୟ
ତତେ ଦି' ଗୋଇଠା ପକେଇ ଦେଲି ।
କାହିକି ପକେଇଲି ?
ମୋ ପ୍ରେମ ମନେ ପଡ଼ିଲେ ତୁ ଲୁହ ଗଡ଼ାଇ କାନ୍ଦିବୁ।
ତୋ ଲୁହ ଡୋଳା ଫଟେଇ ଗାଲରେ ସିଆର କାଟି ତଳକୁ ବୋହି ପଡ଼ିବ
କିଏ ବୋଧ ଦେବ ତତେ ?
କିଏ ହାତ ବଢେଇ ପିଇବ ତୋ ଲୁହ ସବୁ
କିଏ ଶୁଣେଇ ପାରିବ ହୃଦୟର କୋହ ସବୁ?
ମୋର ଏଇ ଶକ୍ତ ଗୋଇଠା ତୋ ମନରେ ମୋ ପ୍ରତି, ଏ ପୁରୁଷ ସମାଜ ପ୍ରତି ଘୃଣା ସୃଷ୍ଟି କରୁ।
ତୁ ଯେମିତି ଆଉ କାହା ମାୟାରେ ଫସି ନ ଯା।
ଫସିଲେ ମରିଯିବୁ।
ମାଇପି ଲୋକ ତୁ
ନିଉଛୁଣା ଜୀବନ
ବିନା ଆଶ୍ରୟରେ କବିତା, ବନିତା, ଲତାର ଭାଗ୍ୟ କଣ ?
ତୁ ବିନା ଆଶ୍ରୟରେ ବଂଚିବୁ ପୁରୁଷ ଜାତିକୁ ଘୃଣା କରି ।
ମୋ ବେକରେ ଫାଶୀ ଦଉଡି ଚାପି ହେଇଯାଉ ।
ଦୁନିଆଁ ଦେଖୁ ଗୋଟେ ନର୍କ କୀଟର ଅନ୍ତିମ ବିଦାୟର କରୁଣ ଚିତ୍ର।
ଦେବୀ ପ୍ରତି ଅତ୍ୟାଚାର କରିଥିବା ଗୋଟେ ମହିଷାସୁରର କକରଥନିଆ ଜୀବନ।
ପୁଲିସ୍ ମୋତେ ଘୋଷାରି ନେଉଥିଲା।
ମୋ ମୁହଁରେ କଳା କନା ।
ଜାନିଆ ଆଖି ଲୁହ ମୋତେ ଦିଶୁ ନଥିଲା
ଜାନିଆ ମୁହଁ ଝାପସା ହେଇ ଆସୁଥିଲା।
ସେଇ ମୁହଁ ଦିଶୁଥିଲା ମା ଦଶଭୁଜାଙ୍କ ମୁହଁ ପରି। ଗୋଟାଏ ନର୍କ କୀଟକୁ ଉଦ୍ଧାର ପାଇଁ ଅଦିନରେ ଯେମିତି ମଉଛବ ଚାଲିଛି।

ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

## ଦିବ୍ୟାତ୍ମା



ଶ୍ରୁତକୀର୍ତ୍ତି ତ୍ରିପାଠୀ

ସଭାରେ ଲୋକଙ୍କ ପ୍ରବଳ ଗହଳି ଲାଗିଥିଲା । ସମସ୍ତେ ବହୁ ଅପେକ୍ଷିତ ମହାପୁରୁଷ, ଦିବ୍ୟାତ୍ମା ଙ୍କ ଦର୍ଶନ ଅଭିଳାଷରେ ରୁଣ୍ଡ ହୋଇଥିଲେ । କିଏ କହୁଛି, ' ସନ୍ଥ, ମହାତ୍ମା ଭଳି ଗେରୁଆ ବସ୍ତ୍ର ଧାରଣ କରି କେହି ଜଣେ ଆସିବେ ନିଶ୍ଚୟ ' ; ତ ଆଉ କିଏ କହୁଛି, ' ନା ମ ଆଜିକାଲି ଆଉ କଣ ସେ ଯୁଗ ଅଛି, ସାଧାସିଧା ପୋଷାକରେ କଣ ମହାପୁରୁଷ ଉଭା ହେଲେଣି ଯେ ହେବେ ! ଏବେ ଯିଏ ଅଧିକ ଭେଳିକି କରି ପାରିଲା, ସିଏ ସେତିକି ଖ୍ୟାତ ହେଲା, ତେଣୁ ମସ୍ତକରେ ଚିତା, ବେକରେ ରୁଦ୍ରାକ୍ଷ, ଧୋତି, ଉତ୍ତରୀୟ ପରିହିତ କେହି ଜଣେ ହିଁ ଆସିବା ଥୟ । ' ଏଭଳି ନାନା କଳ୍ପନା ଜଳ୍ପନା ଚାଲିଥାଏ। ସଭାଗୃହ ରେ ମାର୍ଜିତ ଲୋକଙ୍କ ଭିଡ଼ । ସମସ୍ତେ ଅପେକ୍ଷା ରେ ଥାନ୍ତି କେତେବେଳେ ସେ ଦିବ୍ୟାତ୍ମା ଆସିବେ ଆଉ ସଭା ଆରମ୍ଭ ହେବ । ନିଜ ନିଜ ଭିତରେ କଥୋପକଥନ ଜନିତ ଶବ୍ଦରେ ହିଁ ସଭାସ୍ଥଳଟି ପୂରିତ ହେଉଥିଲା, ଯଦିଓ ଶୃଙ୍ଖଳିତ ହେଲାଭଳି ହୋ ହୋ ଘୋ ଘୋ ନ ଥିଲା।

ହଠାତ୍ ଜଣେ ସାଧାସିଧା ପୋଷାକ ପିନ୍ଧା ବ୍ୟକ୍ତି, ବୟସ ଷାଠିଏ ରୁ ପଁଷଠି ଭିତରେ ହେବ ମଞ୍ଚ ଉପରକୁ ଆସି, ମଞ୍ଚ ମଝିରେ ରଖାଯାଇଥିବା ମାଇକ୍ ସାମନାରେ ଛିଡା ହେଲେ । ପିନ୍ଧିଥାନ୍ତି ଗୋଟିଏ ସାଧାରଣ ଧଳା କୁର୍ତ୍ତା ଓ ପାଇଜାମା । ଆଖିରେ ମୋଟା ଫ୍ରେମ୍ ର ଚଷମା, କାନ୍ଧରେ ଗୋଟିଏ ଧଳା ଝୁଲା ବ୍ୟାଗ । ସଭାସ୍ଥଳରେ ହେଉଥିବା ହୋ ହୋ ଘୋ ଘୋ ମୁହୂର୍ତ୍ତକ ଭିତରେ ଶାନ୍ତ ପଡିଗଲା । ବ୍ୟଗ୍ର ହୋଇ ଅପେକ୍ଷା କରିଥିବା ଶ୍ରୋତାଗଣ ଅତିଥିଙ୍କ ଆସିବା ଆଶଙ୍କା କରି ଚୁପ ହୋଇଗଲେ । ମାତ୍ର ଏ କଣ ଲୋକଟି ନିହାତି ଭାବରେ ସାଧାରଣ । ନା ନା... ମାଇକ ସଜାଡିବାକୁ ଆସିଥିବ ଲୋକଟି, ଭାବି ପୁଣି ନିରବତା ଭଙ୍ଗ କରି ସମସ୍ତେ ଟୁପ୍ ଟାପ୍ ହେବା ଆରମ୍ଭ କରିଦେଲେ ।

ହେଲେ ମାଇକ ପାଖରେ ଛିଡା ହେଇଥିବା ବ୍ୟକ୍ତିଜଣକ ଅତି ନମ୍ର ଭାବରେ ତାଙ୍କର ଅଭିଭାଷଣ ଆରମ୍ଭ କଲେ । ବନ୍ଧୁଗଣ, ' ଆଜି ମୋତେ ଏହି ସଭାକୁ ନିମନ୍ତ୍ରଣ କରି କିଛି କହିବା ପାଇଁ ସୁଯୋଗ ଦିଆଯାଇଛି । ଏହା ଆପଣ ମାନଙ୍କୁ କେତେ ପ୍ରେରିତ କରିବ ମୁଁ ଜାଣିନି ; ମାତ୍ର ମୁଁ ଆଜି ଏଠାରେ ଯାହା କିଛି କହିବି, ତାହା ଗୋଟିଏ ଅତି ଦୁଃଖଦ ଘଟଣାରୁ ଆରମ୍ଭ ହୋଇଛି । ଆଜି ଆପଣ ମାନେ ମୋତେ ଜଣେ ମହାନ ବ୍ୟକ୍ତି ରୂପେ ସମ୍ମାନ ଦେଉଛନ୍ତି, ମାତ୍ର କିଛି ବର୍ଷ ପୂର୍ବ ? ମୁଁ ବି ଜଣେ ସାଧାରଣ ବ୍ୟକ୍ତି ଥିଲି, ଯାହାର ଗୋଟିଏ ଛୋଟ ହସ୍ଖୁସିର ସଂସାର ଥିଲା । ଥରେ ମୋଟର ସାଇକେଲ ଦୁର୍ଘଟଣାରେ ଆଘାତ ପାଇ ମୋ ଆଖି ଆଗରେ ମୋର ଏଇ ଦୁଇ ବାହୁରେ ମୋ ସ୍ତ୍ରୀ ଏବଂ ପୁଅର ମୃତ୍ୟୁ ମୋତେ ଭାଙ୍ଗିଦେଲା । ଦୁର୍ଘଟଣାରେ ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ନିକଟସ୍ଥ ଡାକ୍ତରଖାନାରେ ରକ୍ତ ପାଇଁ ବହୁତ ପରିଶ୍ରମ କରାହେଲା, ମାତ୍ର ଠିକ ସମୟରେ ତାହା ନ ମିଳିବାରୁ ସେ ଦୁହେଁ ଅକାଳେ ମୃତ୍ୟୁବରଣ କଲେ । ଆଜି ଠାରୁ କୋଡିଏ ବର୍ଷ ତଳର କଥା, ତା ପରଠୁ ମୁଁ ପ୍ରତି ତିନି ମାସରେ ରକ୍ତଦାନ କରେ । ଅନ୍ୟ ମାନଙ୍କୁ ମଧ୍ୟ ମୋ ସହିତ ହାତ ମିଳେଇବା ପାଇଁ ଉତ୍ସାହିତ କରେ । ରକ୍ତଦାନ ଭଳି ମହାପୂଣ୍ୟ ଦ୍ୱାରା କେତେ ଯେ ଜୀବନ ବଞ୍ଚାଯାଇପାରିବ ତାର କଳନା କରାଯାଇ ପାରିବ ନାହିଁ । ଠିକ ସମୟରେ ଉପଯୁକ୍ତ ପରିମାଣର ରକ୍ତ ଶରୀରରେ ପହଞ୍ଚି ନ ପାରି ଅନେକ ମରଣକୁ ଭେଟିବାର ଉଦାହରଣ ରହିଛି । ତେଣୁ ମୁଁ ଯଥାସମ୍ଭବ ନିଜେ ରକ୍ତଦାନ କରିବା ସହିତ ଅନ୍ୟ ମାନଙ୍କୁ ମଧ୍ୟ ରକ୍ତଦାନ କରିବାର ଆବଶ୍ୟକତା ବିଷୟରେ ଦୀର୍ଘ କୋଡିଏ ବର୍ଷ ହେଲା ବୁଝେଇ ଆସୁଛି ।

ମୋତେ ଆଜି ଏଠାରେ ଶୁଣୁଥିବା ଲୋକଙ୍କ ମଧ୍ୟରୁ ଯେଉଁମାନେ ରକ୍ତଦାନ ପାଇଁ ସାମ, ଦୟାକରି ରକ୍ତଦାନ କରି ଲୋକଙ୍କ ଜୀବନ ବଞ୍ଚ ?ଇବାରେ ସହାୟକ ହୁଅନ୍ତୁ । ବିଶ୍ୱାସ କରନ୍ତୁ ଏହା କରିବା ପରେ ଆପଣଙ୍କ ମନ ମଧ୍ୟ ଅପାର ଖୁସିରେ ଭରି ଯିବ । ମୋତେ ମହାନ ପୁରୁଷ ଟିଏ କିମ୍ବା ଦିବ୍ୟାତ୍ମା ର ଆଖ୍ୟା ଦେବା ଅପେକ୍ଷା, ଆପଣ ମାନେ ମଧ୍ୟ ରକ୍ତଦାନ କରି ନିଜେ ଗୋଟିଏ ଗୋଟିଏ ଦିବ୍ୟାତ୍ମାରେ ପରିଣତ ହୋଇଯିବେ । ରକ୍ତହୀନତା ଭୋଗୁଥିବା ସେ ପିଲାମାନଙ୍କ ବାପା ମାଆ ଙ୍କୁ ପଚାରନ୍ତୁ, ନିଜ ସନ୍ତାନ ମାନଙ୍କୁ ବଞ୍ଚ ?ଇବା ପାଇଁ ପ୍ରତିଦିନ ସେମାନେ କେମିତି ଲଢ଼ନ୍ତି ଜୀବନ ସହିତ । ଆପଣ ମାନେ ସେମାନଙ୍କ ମୁହଁରେ ହସ ଫୁଟେଇପାରିବେ, ସେମାନଙ୍କୁ ଜୀବନଦାନ ଦେଇପାରିବେ । ଯିଏ ଜୀବନ ଦେଇ ପାରିଲା, ସେ ଦିବ୍ୟାତ୍ମା ନୁହେଁ ତ ଆଉ କଣ ? ସଭା ଶେଷ ହେବା ପରେ ଦିବ୍ୟାତ୍ମାଙ୍କ ପ୍ରେରଣାଦାୟକ ଭାଷଣକୁ ଶୁଣିଥିବା ଅଧାରୁ ଅଧିକ ଲୋକ ରକ୍ତଦାନ ପାଇଁ ନିଜ ନାମ ପଞ୍ଜିକୃତ କରିବା ପାଇଁ ଧାଡିରେ ଛିଡା ହେବାର ଦେଖାଯାଉଥିଲା । କେଉଁଠି ଓ କିପରି ଭାବରେ ରକ୍ତଦାନ ଭଳି ମହାନ କାମର ଏକ ଅଂଶ ବିଶେଷ ହୋଇପାରିବେ, ସେ ବିଷୟରେ ସଂସ୍ଥାର ମୁଖ୍ୟଙ୍କ ଠାରୁ ସେମାନେ ପଚାରି ବୁଝୁଥାନ୍ତି । ଦିବ୍ୟାତ୍ମା ମାନ୍ୟ ପାଇଥିବା ବ୍ୟକ୍ତି ଜଣକଙ୍କ ମୁଖମଣ୍ଡଳରେ ସ୍ମିତହାସ୍ୟ ଫୁଟି ଉଠୁଥିଲା । ଧାଡିରେ ଛିଡା ହୋଇଥିବା ପ୍ରତି ଟି ବ୍ୟକ୍ତି ଭିତରେ ଗୋଟିଏ ଗୋଟିଏ ଦିବ୍ୟାତ୍ମାର ସନ୍ଧାନ ପାଇ ସେ ନିଜକୁ ଧନ୍ୟ ମଣୁଥିଲେ ।

ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର
ଫୋନ - ୬୩୭୦୪୧୬୪୭୮

## ଦୂର ଅତୀତ

ନିରଞ୍ଜନ ସାହୁ




ଦୂର ଆକାଶକୁ ରାତିରେ ଚାହିଁଲେ
ତାରା ଦିଶେ ଜକଜକ
ଦୂର ଅତୀତକୁ ଫେରିକି ଚାହିଁଲେ
ତୁମେ ଡ଼ିଅଁ ଫକଫକ ।
ଆଜି ସିନା ତୁମ ବୟସ ଗଡିକି
ହୋଇଅଛି ଚଉବନ
ପଛକୁ ଚାହିଁଲେ ମନେପଡେ ତୁମ
ନୂଆନୂଆ ଯଉବନ
କିଶୋରୀ ସମୟେ ଛନକାରେ ଛାତି
ହେଉଥିଲା ଧକଧକ ।
ଯଉବନ ଯେବେ ଭରା ନଈ ସାଜି
ବନ୍ଧ ଭାଙ୍ଗିବାକୁ ଗଲା
ଆଖି ଆଗେ ନାଚେ ସେଦିନର ସ୍ମୃତି
ଗୋଟିଗୋଟି ହୋଇ ଭଲା
ନିଇତି ରାତିରେ ତୁମ ଝରକାରେ
କରୁଥିଲି ଠକଠକ ।

ନିହଲ ପ୍ରସାଦ , ଗଁଡିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

## ତୁମେ ଗଲାପରେ

ରମାକାନ୍ତ ଦାସ




ତୁମେ ଗଲାପରେ
ତୁମ ସ୍ମୃତି ମାନଙ୍କର
ଅତ୍ୟାଚାର ସହିବା ବହୁତ କଷ୍ଟକର !!
ନିରୋଳା , ନିର୍ଜନ ମୁହୂର୍ତ୍ତରେ
ଅଟକିଯାଏ ସମୟ
ତୁମ ସ୍ମୃତି ସହର ଭିତରେ।
ମୋ ଅସୀମିତ ଭାବନାରେ
ମୁଁ ନିତି ଖୋଜିପାଏ ତୁମକୁ
ତୁମ ଅନୁଭୂତିର ସ୍ପର୍ଶ ସବୁକୁ
ଭୁଲିବାକୁ ଚାହିଁଲେ ବି
ମୁଁ ଭୁଲିପାରେ ନାହିଁ
ଅଶ୍ରୁର ଚାଦର ଜମେ
ମୋ ଆଖି ପଲକରେ
ସ୍ମୃତିର ଆଇନାରେ
ମୁଁ ଦେଖୁଥାଏ ନିତି ତୁମର ପ୍ରତିଛବି
ମୋ ହୃଦୟର ଶୂନ୍ୟସ୍ଥାନ
ଏବେବି ତୁମ ବାଟକୁ ଚାହିଁ
ତୁମକୁ ଅପେକ୍ଷା କରିଥାଏ
ପାଗଳ ଚାତକ ପରି ॥

ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର
ମୋ -୯୬୬୮୮୧୫୩୬୯

## ଶେଷଯାତ୍ରା

ସୁଧାକର ରାଉତ



ଅହଂକାର ସିଂହାସନେ ବସି
କରଇ ମୁଁ ରାଜୁତି
ଅନ୍ୟାୟ ନ୍ୟାୟରେ ବଦଳାଇ
ସ୍ଥିତି କରେ ଦୁଃସ୍ଥିତି ।
ସତ୍ୟର ମୁହେଁ ଅନ୍ଧ ପୁଟୁଳି
ଅନୀତି କରି ନୀତି
ଅହମିକା ଶାଣିତ ଖଡଗେ
ହୃଦେ ଜଗାଏ ଭୀତି ।
ଭେଳିକି ଲଗା କଥାରେ ହୋନ୍ତି
ସଭିଏଁ ପରା ବଶ
ବିଦ୍ରୋହର ସ୍ୱର ଯେବେ ଉଠେ
ହୁଏତା ସର୍ବନାଶ ।
କିଏ ସେ ଅବା ବୁଝୁ ନ ବୁଝୁ
କୋଣାର୍କ ଗଢ଼ା ଭାଷା
ରାଜକୀୟ ଠାଣିରେ ଖେଳାଣ
ହୋଇଥାଏ ଟି ନିଶା ।
ନ ଶୋଭା ପାଉ ମସ୍ତକେ କେବେ
ମୁକୁଟ ଅବା ଛତି
ସମ୍ରାଟ ବୋଲି ଗରବେ ଚଲେ
ଫୁଲାଇ ନିଜ ଛାତି ।
କେତେ ବାହାସ୍ଫୋଟ ପରିଣାମ
ଶେଷ ହେବାର ବେଳ
ଉପଗତ ପ୍ରାୟ ପଉରୁଷ
ଲୋଟିବ ମହାକାଳ ।
ନିୟତି ଠାରୁ ନେଇଥିଲୁ ତୁ
କେତୋଟି ।ଣ ରଣ
ଅଗ୍ନି-ବର୍ଣ୍ଣ ମାଳା ଭସ୍ମାସୁର
ସାଜି ଭାଙ୍ଗିବ ଟାଣ ।
ମୃତ ଅହମିକା କୋକେଇରେ
ଯିବଟି ଶମଶାନ
ଫମ୍ପା ମାଠିଆ ପଡି ରହିବ
ହୋଇଣ ହୀନିମାନ ।

ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

## ଗୋଟେ ଗୋଲାପ ଦେବ ଗୋ'ଥୋଇ

ଆୟ କୁମାର ରାଉତ



ସେବେ ମନେପଡ଼ ତୁମେ ଗୋ'
ଯେବେ – ଉଜାଣି ବହିଛି ନଈ
ପାଣି ପଣତରେ ଥାଏ ଗୋ'
ଅଧା – ଉଜୁଡା ଅତୀତ ଛାଇ।
କରିଛି ଯେତେ ମୁଁ ମନା ଗୋ'
କାହିଁ – ନିଦରେ ଆସୁଛୁ ମୋର
ସେତେକରି ତୁମେ ନିତି ଗୋ'
ମୋର – ସପନକୁ ଖାଲି ଜାଳ।
ତମେ ଗଲାପରେ ସାଥି ଗୋ'
ମୋର – ଜଳିଅଛି ଉପବନ
ଏଇ ପଥଦେଇ କେବେ ଗୋ'
ଆଉ – ଫେରିନାହିଁ କୁହୁତାନ।
ଜୀବନର ଏଇ ଘର ମୋ'
ଏବେ – ଅଶୋଭିତ ଅଛପର
କେତେ ନିରିଜନ ତା'ରେ ଗୋ'
ଖାଲି – ତମବିନା ଭରପୁର।
ଏହିପରି ବୋଧେ ପ୍ରେମ ଗୋ'
ଯାର – ଜଳିବାରେ ଥାଏ ସୁଖ
ତେଣୁକରି ତୁମେ ଥାଅ ଗୋ'
ଛୁଇଁ – ପାହାଡ଼ର ଆରପାଖ।
ଯେବେ ଏ ପ୍ରେମିକ ଦିନେ ଗୋ'
ଚିର – ନିଦରେ ଯିବଗୋ' ଶୋଇ
ଲୁହଟୋପେ ପଛେ ନ'ଢ଼ାଳ
ହେଲେ – ସମାଧି ଉପରେ ମୋର
ଗୋଟେ–ଗୋଲାପ ଦେବ ଗୋ' ଥୋଇ ॥

ପାରାଦ୍ୱୀପଗଡ଼,
କୁଜଙ୍ଗ, ଜଗତ୍‌ସିଂହପୁର
ମୋ : ୯୯୩୭୬୯୧୪୭୫

## ହେ କବିତା !

ସୁରେନ୍ଦ୍ର ନାଥ ସାହୁ




ମୁଁ ବୁନ୍ଦା କାକର କଣ ଟିଏ
ତୁମେ.....
ଶୀତଳତାର ସର୍ବୋଚ୍ଚ ସମୁଚ୍ଚୟ
ମରତେ ଦେବଭୂ ହିମାଳୟ।
ମୁଁ ତୁଳା ମେଘର ମହ୍ଲାର
ତୁମେ....
ପ୍ରବାହବତୀ ବର୍ଷା
ଜୀବନଦାୟୀ ଶ୍ରାବଣୀର
ଶାଳିନ ଧାର।
ମୁଁ ଥରକୁ ଥର ଲେଖି ଲିଭେଇ
ଲିଭେଇ ପୁଣି ଲେଖୁଥିବା
ଗଢା ଅଗଢା ଶବ୍ଦ ମାଳାର
ଛୋଟିଆ ବାକ୍ୟ ବିନ୍ଧାଣୀ ଟିଏ
ତୁମେ....
ପୂର୍ଣ୍ଣତୟା ବିଶ୍ୱ ଶବ୍ଦକୋଷ
ଭାଷାର ଅବତାର।
ମୁଁ ଛୋଟିଆ ପାଦଚଲା ବାଟ ଟିଏ
ତୁମେ.....
କ୍ଷିତିଜକୁ ଛୁଇଁ ପାରୁଥିବା
ଦିଗନ୍ତ ବ୍ୟାପ୍ତି ଅସରନ୍ତି ପ୍ରକାଶ ପଥ
ଅମାପ ଅସୁମାରି ଦୀର୍ଘତାର।
ମୁଁ ପ୍ରେମର ଅବୁଝା ଅଡୁଆ ସୂତାରେ
ଛନ୍ଦି ବନ୍ଦି ହୋଇ
ନିତ୍ୟ ସମାଧାନ ଖୋଜୁଥିବା
ଜଞ୍ଜାଳୀ କ୍ଷଣରାମୀ
ତୁମେ......
ନିରାଡମ୍ବରୀ ଆଇନା ପ୍ରାଣର ପ୍ରମାଣ
ଅନେକଧା ଶାଶ୍ୱତ ସ୍ୱର।
ମୁଁ ମାନେ କିଛି ନୁହେଁ
ତୁମ ବିନା।
ତୁମର କେଉଁ ଶ୍ରୀ ଦୁଆରେ
ନିଜକୁ ଡେରିଦେଇ
ଚାଲି ଯିବାକୁ ଚାହେଁ
ନିରବ ମୁଖର
ଅଳସ ପିତୁଳା ପରି
ବାଚାଳ ମୁକ ସାକ୍ଷୀ ହୋଇ
ବଢାଇ ବଢାଇ ତୁମ ଶୋଭାର।
ତୁମେ ମୋ ପାଇଁ
ବିଶେଷ ଦେହଧାରୀ ରମଣୀ ରମା
ଦେହହୀନା ବିଦେହୀ ଉମା
ବୋଧ ଜନ୍ୟା ମା
ଏବଂ ପ୍ରାଣପ୍ରିୟା ପ୍ରୀୟତମା
କିନ୍ତୁ ନିଶ୍ଚିତ ହୋଇ
କେଉଁ ଏକ ରୂପ ନାହିଁ ତୁମର
ହେ କବିତା..... !
ତଥାପି ମୁଁ କିଣା ଦାସଟିଏ ପରି
ରହିବା ପାଇଁ ଚାହେଁ
ତୁମ ପରିଚୟେ
ଯେ ଜୀବନେ
ଡାକ ଶୁଣ ମୋ ଅନ୍ତରାଳର।

କଳମ୍ବ(ଡିହସାହି),
ପୋଲସରା, ଗଞ୍ଜାମ
ମୋ.ନଂ:-୮୧୨୮୯୧୯୨୫୬

## ଦୁଇ ଖଣ୍ଡ ଗାଧୋଆ ବସ୍ତ୍ର

ଡୁଇଟ ଡେଭିଡ ଫିଲିପ



ଦୁଇ ଖଣ୍ଡ ଗାଧୋଆ ବସ୍ତ୍ର,
ଯେକୌଣସି ରଙ୍ଗ ଶାସ୍ତ୍ର ଅନୁମୋଦିତ,
ଗେରୁଆ ହେଲେ
ଗେରୁଆଙ୍କୁନା ପସନ୍ଦ,
ଗରିବ ଝିଅ ଆଜିଠୁ ଦୁଇ ଥର ଭାବିବ,
ସନ୍ୟାସୀନୀ, ଆଶ୍ରମ ଓ ଗାଧୁଆ ପୀଠ,
ଧଳାନା ଗେରୁଆ,
ମୋ ଜାଣିବା ଆଗ୍ରହ,
ଦୀପର ବହ୍ନି ସବୁ ରଙ୍ଗର ସମାହାର,
ଦୀପିକା ବିନା ଦୀପ, ହୋମ,
ଯଜ୍ଞ କେମିତି ହେବ,
ଦୀପିକା ବିହୁନେ ହୁଏନି ସମ୍ଭୋଗ,
ଦୀପିକା ରଙ୍ଗଙ୍କ ପ୍ରେମ ସ୍ରୋତ,
ଦୀପିକା ନିଜେ ଈଶ୍ୱର
ଯେ ସୃଷ୍ଟିର ଆଧାର,
ରଙ୍ଗ ଖେଳି, ରଙ୍ଗକୁ
ପର ରଙ୍ଗକୁ ଆଦର,
ଦୀପିକା ଜାଳି ନଜାଣିଲେ
ହେବ ସବୁ ଛାର ଖାର,
ସୂର୍ଯ୍ୟର ଦୀପିକା ନୁହନ୍ତି କି ଈଶ୍ୱର ?
ସୂର୍ଯ୍ୟ ଓ ଦୀପିକା ପରିପୂରକ,
ଦୁଇ ଖଣ୍ଡ ଗାଧୋଆ ବସ୍ତ୍ର ଦୀପିକାଙ୍କର,
ଜାଳି ଦେଲା ରାଷ୍ଟ୍ର।

ବିଶାଖାପଟାନମ ରୁ
ଭବାନୀପାଟଣା,
କଳାହାଣ୍ଡି

## ଆମ୍ବ

କବି କେଶବ ଚନ୍ଦ୍ର ନାୟକ



ମାଘ ମାସ ଶେଷେ ଶୀତର ଜାଡରେ
ଆମ୍ବ ବଉଳର ଶୋଭା....
ମଳୟ ସୁଗନ୍ଧ ? ମହକି ଯାଉଛି
ପଲ୍ଲୀ ଠୁ ସହର ଅବା....!!
ଲୁଚିଛି ପତର ପତର ଉପରେ
ବକୁଳ ସମ୍ଭାର ଆଭା.....
ସୁମନ ଭିତରେ ଅତିଶୋଭାବନ
ବକୁଳ କି ମନ ଲୋଭା.....!!
ହଳଦୀ ବସନ୍ତ ବଉଳ ପେନ୍ଥାରେ
ଲୁଚି ପ୍ରୀତି କଥା ଭାଳେ.....
କୋକିଳ ବାହୁନେ ମଧୁର କଣ୍ଠରେ
ବସି ଆମ୍ବ ଶାଖା ଡାଳେ...!!
ପ୍ରଭାତରେ ରବି କିରଣ ଢାଳଇ
ବଉଳ ସମ୍ଭାର ପରେ....
କନକ ବରଣେ ରୂପ ବିରାଜିତ
ଚିତ୍ତୁ ଦୁଃଖ କ୍ଲେଶ ହରେ....!!
ଏ ବକୁଳ ଗର୍ଭୁ ଜନମ ହୋଇବ
ରସାଳ ଫଳ ରସାଳ.....
ଅମୃତ ସେ ରସ ଜିହ୍ୱାକୁ ସ୍ୱାଦିଷ୍ଟ
ଦେହକୁ ଯୋଗାଏ ବଳ....!!
ଗରିବ ଠୁ ଧନୀ ମୁର୍ଖ ମହାଜ୍ଞାନୀ
ସବୁରି ପ୍ରିୟ ରସାଳ....
ଦେବାଦେବୀ ପାଶେ ଲାଗି ହୁଏ ଭୋଗ
ବିଚିତ୍ର ବିହୀଙ୍କ ଖେଳ....!!
ବକୁଳ ନାମରେ ଅମାବାସ୍ୟା ପାଳୁ
ବକୁଳ ଗଇଁଠା କରି...
ବକୁଳକୁ ଖାଇ ବକୁଳକୁ ଛୁଇଁ
ବଉଳ ବସନ୍ତି ନାରୀ....!!
ଆମ୍ବ ବୃକ୍ଷେ ବିଜେ ଠାକୁରାଣି ବୋଲି
ସକଳେ ବିଶ୍ୱାସ ମଣି....
ଆମ୍ବ ପତ୍ରେ ପରା ତୋରଣ ସଜାନ୍ତି
ଶୁଭ କଳସରେ ପୁଣି....!!
କଳସରେ ଗଙ୍ଗା ଜଳ ପରି ପୂର୍ଣ୍ଣ
ତଥି ପରେ ଚ୍ୟୁତ ପତ୍ର.....
ପତର ଉପରେ ପଇଡ ବସାନ୍ତି
ଶୁଭ ମଙ୍ଗଳରେ ମାତ୍ର....!!
ଗ୍ରୀଷମରେ ଦିଏ ସୁଶୀତଳୟ ଛାୟା
ପଥଚାରୀ ବସେ ମୂଳେ.....
ପକ୍ୱ ଆମ୍ବ ଗ୍ରାସି ହୁଏ ମନ ଖୁସୀ
ଧନ୍ୟ ବୃକ୍ଷ କାଳେ କାଳେ....!!

ସଭାପତି,ଉତ୍କଳ ସାହିତ୍ୟ
ସଂସଦ,ମାଲକାନଗିରି
ମୋନଂ:୯୪୩୭୭୭୯୪୪୭

## କର୍ମମୟ ଜୀବନ

ସୁନୀଲ କୁମାର ପ୍ରଧାନ



କର୍ମମୟ ଆମ ଅଟଇ ଜୀବନ
କରମ କରିବା ଆଗ
କର୍ମ କଲେ ସତ୍ୟ ଶାନ୍ତି ଦୟା ମିଳେ
ଏହା ଅଟେ ପରା ମାର୍ଗ ।
ବେଳ ଥାଉ ଥାଉ କର୍ମ ତ କରିବା
ଶୋଇ ରହିବାରେ ନାହିଁ
ଜାଗ୍ରତ ପ୍ରହରୀ ହୋଇ ଉଠିଯିବା
ବୀରବର ଯୋଦ୍ଧା ହୋଇ ।
ମଣିଷ ଜୀବନ ଦୁର୍ଲଭ ଅଟଇ
ନ କରିବା ରାଗ ରୋଷ
ପରସ୍ପର ହୋଇ ସ୍ନେହ ମନେ ବହୀ
ଆଣିବା ସୁଖର ନିଶା ।
କର୍ମ କୁ ଆମର ସଠିକ୍ କରିବା
କିଏ ନ କହିବ ଚୋର
ଭଲ କର୍ମ କଲେ ଭଲ ଫଳ ମିଳେ
ମନ କୁ କରିବା ବୀର ।
କର୍ମ ହିଁ ଅଟଇ ଈଶ୍ୱର ଆମର
କର୍ମ ତ କରିବା ଆଗେ
ସମୟ ଦୋଛକି ହସ ଖୁସି ଆଣେ
ସ୍ନେହ ବାଣ୍ଟିବାରେ ଆଗ ।

ଝାଟିପଦର, ପାଲୁର,ଗଞ୍ଜାମ
ମୋ - ୭୬୦୯୯୩୪୩୬୬

## ପୁରୁଷ ବି କାନ୍ଦେ

ମାନସ କୁମାର ପାଢ଼ୀ

ସବୁ ଆଘାତରେ ପ୍ରତି ଆଘାତ ଥାଏ
ଯେମିତି ପ୍ରତ୍ୟେକ କ୍ରିୟାରେ
ସମାନ ଓ ବିପରୀତ ପ୍ରତିକ୍ରିୟା ଥାଏ ॥
ସେ ଜୀବ ହେଉକି ଜଡ଼
ସମସ୍ତେ ପ୍ରତିକ୍ରିୟା ପ୍ରଦର୍ଶନ କରନ୍ତି
ଶକ୍ତ ହାତୁଡ଼ିର ପାହରରେ
ଦୃଢ଼ ପଥରଖଣ୍ଡ ବି ଭାଙ୍ଗି
ଚୁରମାର ହୋଇଯାଏ
ଆଉ ଝରିପଡେ
ବାଲୁକାର ରେଣୁ ସମୂହ
ସେ ବି ପ୍ରତିକ୍ରିୟା ନ ଦିଅନ୍ତା କିପରି
ପୁରୁଷ ହେଲେବି ସେ
ଘଟଣା ଓ ଅଘଟଣର
ଶକ୍ତ ଚାବୁକ ପ୍ରହାରରେ
ଲୁହା ସମ ଟାଣ ହୋଇଥିବା
ହୃଦୟ ଟା ବି ତାର ଭାଙ୍ଗିଯାଏ
ହୃଦୟରେ କୋହ ଆସେ
ଆଖିରୁ ତାର ଲୁହ ଝରେ
କେହି ତାକୁ ନଦେଖିଲା ପରି
ନିଃଶବ୍ଦ ରାତ୍ରିର ନିର୍ଜନତାରେ
ଆତ୍ମୀୟତାର ସୂତ୍ରଖିଅ ଟି
ଛିଡ଼ିଗଲା ପରେ ସେ ବି କାନ୍ଦେ
ଏଥର
କିନ୍ତୁ ଆଖିରୁ ତାର
ଲୁହ ନୁହେଁ ଲହୁ ଝରେ
ହୃଦୟଟା କୋହରେ ଫାଟିଯାଏ
କେହି ତାକୁ ନଦେଖିଲା ପରି
ନିହାତି ଏକଲା ପଣରେ
ସେ ବି କାନ୍ଦୁଥାଏ
ନିଜ ଲୁହ ନିଜେ ପୋଛୁଥାଏ
ନ କାନ୍ଦିବାର ଅଭିନୟ କରି
ଜୀବନକୁ ଜିଉଁଥାଏ
ସେ ପୁରୁଷ ଟିଏ ବୋଲି ॥

ଈଶ୍ୱରପୁର, ଇରମ , ଭଦ୍ରକ
ମୋ: ୯୭୭୭୦୬୯୬୨୪


## ଭଲ ପାଇବାର ବାସ୍ନା

ରତ୍ନକାନ୍ତି ମିଶ୍ର



ତୁମେ ଆଣିଥିଲ ଫଗୁଣରେ ଫଗୁ
ଭରି ଦେଇଥିଲ ପ୍ରୀତି
ଚାଲିଗଲ ପୁଣି ନିର୍ମ ?ହ ନିଦାଘେ
ଝୁରେ ଏବେ ଦିନରାତି ॥
ପ୍ରେମର ଚୋରାବାଲି ପରେ
ଥାପିଲି ଯେବେ ମୁଁ ପାଦ
ବିରହ ତୂଳୀରେ ଅଳତାରେ ଲେଖେ
ପାଦପରେ ଅପବାଦ ॥
ତୁମେ ତ ମରୁର ମାୟା ମରୀଚିକା
ମୁଁ ସିନା ତୃଷ୍ଣାର ତୁଠ
ଭଲ ପାଇବାର ପଳାଶ ନିଆଁରେ
ଜଳୁଛି ଚାତକୀ ଓଠ ॥
ମନ ଅଗଣାରେ ସ୍ମୃତିର ଫୁଲରେ
ବ୍ୟଥା ଭରା ଅବସାଦ
ଅନେକ ରାତିର ଜାଗର ସଳିତା
ଆଖିରୁ ହଜାଏ ନିଦ ॥
ଉଆଁସ ତିଥିର ? ନିଶିଥିନୀ ମୁଁ ଯେ
ତୁମେ ଦୂର ଆକାଶର ତାରା
ଅନ୍ଧାର ମାଡି ରହିଛି ନିଦ୍ରେ
ନୀଳ ପୀ ଦିଗହରା ॥
କେତେ ସବୁ ସ୍ୱପ୍ନ ଭାଙ୍ଗି ମୋ ଯାଇଛି
ମନରେ ମରୁଛି ତୃଷ୍ଣା
ସ୍ମୃତି ଅକାରଣେ ସୁରଭିତ କରେ
ଭଲ ପାଇବାର ବାସ୍ନା ॥

ଆଳି, କେନ୍ଦ୍ରାପଡା




# ମହାରାଜା କୃଷ୍ଣଚନ୍ଦ୍ର ଗଜପତି


ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି

ଓଡ଼ିଶା ମାଟିର ସୁଯୋଗ୍ୟ ସନ୍ତାନ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର, ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ। ତାଙ୍କ ନାମ ଅନୁସାରେ ଗଜପତି ଜିଲ୍ଲାର ନାମକରଣ ହୋଇଛି। ପ୍ରଥମ ବିଶ୍ୱଯୁଦ୍ଧରେ କ୍ୟାପେଟନ୍ ଦାୟିତ୍ୱ ତୁଲାଇଥିବା ଏହି ମହାନ ପୁରୁଷଙ୍କ ଓଡ଼ିଶା ଏବଂ ଓଡ଼ିଆ ଭାଷା ପ୍ରତି ଅତୁଟ ପ୍ରେମ ରହିଥିଲା। ଓଡ଼ିଆ ଭାଷା ସାହିତ୍ୟ, କଳା, ସଂସ୍କୃତି, କ୍ରୀଡ଼ା, ଅଶ୍ୱରୋହଣ ପ୍ରତି ତାଙ୍କର ରହିଥିଲା ଅହେତୁକ ଆଗ୍ରହ। ଗୋପବନ୍ଧୁ, ମଧୁସୂଦନ, ଫକୀରମୋହନ ଆଦିଙ୍କ ସହ ହାତ ମିଳାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ରାଜା କୃଷ୍ଣଚନ୍ଦ୍ର ଗଜପତି ଅଶେଷ ଯୋଗଦାନ ଦେଇଥିଲେ। ଉତ୍କଳ ସମ୍ମିଳନୀର ସଦସ୍ୟ ଭାବେ ୧୯୩୦ ନଭେମ୍ବର ୧୬ ତାରିଖରେ ଲଣ୍ଡନରେ ଆୟୋଜିତ ଗୋଲ୍ ଟେବୁଲ ବୈଠକରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ସେ ଇଂରେଜ ସରକାରଙ୍କ ସମ୍ମୁଖରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ତାଙ୍କରି ଏହି ପ୍ରସ୍ତାବ ବାସ୍ତବ ରୂପ ନେଇଥିଲା। ୧୯୩୬ ଏପ୍ରିଲ ୧ ତାରିଖରେ ଓଡ଼ିଶା ଆମ ଦେଶର ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ହେବାର ଗୌରବ ଲାଭ କଲା। ସେ ସ୍ୱତନ୍ତ୍ର ଉତ୍କଳର ପ୍ରଥମ ପ୍ରଧାନମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କଲେ। ଉତ୍କଳ ବିଶ୍ୱବିଦ୍ୟାଳୟ, କଟକ ବଡ଼ମେଡ଼ିକାଲ, କଟକ ବିଦ୍ୟାଧରପୁର ଠାରେ ଧାନ ଗବେଷଣା କେନ୍ଦ୍ର ଆଦି ଅନୁଷ୍ଠାନ ସମେତ ବହୁ ଶିକ୍ଷାନୁଷ୍ଠାନ, ଶିଳ୍ପକେନ୍ଦ୍ର, ଡାକ୍ତରଖାନା ପ୍ରତିଷ୍ଠାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ତାଙ୍କରି ଯୋଗୁଁ ଦକ୍ଷିଣ ଓଡ଼ିଶାରେ କୃଷି ଏବଂ ଜଳସେଚନ ବ୍ୟବସ୍ଥାର ବ୍ୟାପକ ବିକାଶ ହୋଇପାରିଥିଲା। ଗଞ୍ଜାମ ଜିଲ୍ଲା ଓଡ଼ିଶାର ଭାତ ହାଣ୍ଡି ରୂପେ ପରିଚିତ ହୋଇପାରିଥିଲା। ଦେଶ ବିଦେଶରୁ ବହୁ ଉପାଧି ପ୍ରାପ୍ତ କରିଥିବା ରାଜା କୃଷ୍ଣଚନ୍ଦ୍ର ଗଜପତି ଇଂଲଣ୍ଡ ସରକାରଙ୍କ ଠାରୁ ସମ୍ମାନଜନକ ନାଇଟହୁଡ୍ ଉପାଧିରେ ସମ୍ମାନିତ ହୋଇଥିଲେ। ଭାରତୀୟ ସମ୍ବିଧାନ ପ୍ରଣୟନରେ ମଧ୍ୟ ତାଙ୍କର ଯୋଗଦାନ ରହିଥିଲା। ଓଡ଼ିଶା ମାଟିର ଏହି ବରପୁତ୍ର ୧୮୯୨ ମସିହା ଏପ୍ରିଲ ୨୬ ତାରିଖରେ ପାରଳାଖେମୁଣ୍ଡି ରାଜ ପରିବାରରେ ଜନ୍ମ ଗ୍ରହଣ କରିଥିଲେ।



**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨,
E-mail : badal009bhuyan@gmail.com

## ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ବସ୍ତା ବ୍ଲକ ଅମରର୍ଦ୍ଦାରୋଡ ନଟକଟା ପଞ୍ଚାୟତର ହଦମୌଦ ଗ୍ରାମର ଦୁର୍ଗାପୂଜା ପଡ଼ିଆ ଠାରେ ନୂତନ ଭାବେ ନିର୍ମାଣ କରାଯାଇଥିବା ହନୁମାନ ମନ୍ଦିର ପ୍ରତିଷ୍ଠା ଓ ନୂତନ ବିଗ୍ରହ ସ୍ଥାପନ ଉତ୍ସବ ଗତ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ହଦମୌଦ ଗ୍ରାମର ମହିଳା ଓ ପୁରୁଷଙ୍କ ଦ୍ୱାରା କଳଶ ସୋଭା ଯାତ୍ରା ବାହାରି ପବିତ୍ର ପୋଖରୀରୁ ଘଟଉତ୍ତୋଳନ କରାଯାଇ ଯଜ୍ଞ ସ୍ଥଳକୁ କଳଶ ନିଆଯାଇଥିଲା। ମୁଖ୍ୟ ପୂଜକ ଲକ୍ଷ୍ମୀକାନ୍ତ ସତପଥୀ, ମଦନ ମୋହନ ମିଶ୍ର, ସୁରେଶ ଚନ୍ଦ୍ର ମିଶ୍ର, ରବି ନାରାୟଣ ସତପଥୀ ଓ ଦିଗବିଜୟ ନନ୍ଦଙ୍କ ଦ୍ୱାରା ପୂଜା ବିଗ୍ରହ ସ୍ଥାପନ ଏବଂ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ବାନପ୍ରସ୍ତଙ୍କ ଦ୍ୱାରା ଯଜ୍ଞ ପରିଚାଳନା କରାଯାଇଥିବା ବେଳେ ରତ୍ନମୁଦି କାର୍ଯ୍ୟକ୍ରମ ବିନୋଦ ବିହାରୀ ପୁରୀଙ୍କ ଦ୍ୱରା ସମାପନ କରାଯାଇଥିଲା। ହରପ୍ରିୟା ପୁରୀ ଓ ରଞ୍ଜିତ ପୁରୀ ସଂକଳ୍ପରେ ବସିଥିବା ବେଳେ ମନ୍ଦିର କମିଟି ହରି ଚଣ୍ଡ, ଦିନକୃଷ୍ଣ ଦତ୍ତ, ରଞ୍ଜନ କୁମାର ଭଦ୍ର ଓ ଗ୍ରାମବାସୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଉତ୍ସବରେ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇ ପୂଜାର୍ଚ୍ଚନା କରିବା ସହ ପ୍ରସାଦ ସେବନ କରିଥିଲେ।

## ଲୋକନାଥ ଦେବଙ୍କ ତ୍ରୟୋଦଶ ବିଶ୍ୱଶାନ୍ତି ମହାଯଜ୍ଞ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ନିକଟସ୍ଥ ପଣ୍ଡାଳମ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଲୋକନାଥ ଦେବଙ୍କ ତ୍ରୟୋଦଶ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞ ଚାରି ଦିନ ଧରି ଚାଲିବା ପରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିନରୁ ବୈଦିକ ରିତିନୀତି ଅନୁଯାୟୀ କଳସ ସ୍ଥାପନ ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ସାସ୍କୃତିକ କାର୍ଯ୍ୟକ୍ରମ ହେବା ସହ ଲୋକନାଥ ଦେବ ଯୁବ ନାଟ୍ୟ ସଂସଦ ପକ୍ଷରୁ ''ଦ୍ରୌପଦୀ ଲେଖୁଛି ମହାଭାରତ'' ନାଟକ ମଂଚସ୍ଥ ହୋଇଥିଲା।

# ଓଟିଭି ପାଲଟିଛି ସାମ୍ପ୍ରତିକ ସମାଜର ମାଦଳା ପାଞ୍ଜି

ବାଲେଶ୍ୱର (ପିଏନ୍)-ଓଡ଼ିଆ ଟେଲିଭିଜନ ଇତିମଧ୍ୟରେ ଏହା ରୌପ୍ୟ ଜୟନ୍ତୀ ଅର୍ଥାତ ୨୫ ବର୍ଷ ପୁରଣ କରିସାରିଛି। ପ୍ରବାଦପୁରୁଷ ତଥା ଓଡ଼ିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ମହାପ୍ରୟାଣର ସିଧା ପ୍ରସାରଣ କରି ପୁରୀରୁ ନିଜର ଜୟଯାତ୍ରା ଆରମ୍ଭ କରିଥିବା ଓଟିଭି ଅନେକ ଘାତ ପ୍ରତିଘାତ ଦେଇ ଇତି ମଧ୍ୟରେ ୨୫ ବର୍ଷ ଅତିକ୍ରମ କରିଛି। ଓଡ଼ିଶା ତଥା ସର୍ବ ଭାରତୀୟ କ୍ଷେତ୍ରରେ ଘଟୁଥିବା ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଚିତ୍ରକୁ ଜନ ମାନସରେ ପ୍ରକାଶ କରିବାର ଗୁରୁ ଦାୟିତ୍ୱ ନେଇଛି ଓଟିଭି। ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ସୁସାହିତ୍ୟକ ରାଜନେତା ପ୍ରଫୁଲ୍ଲ କରଙ୍କର ଦେହାବସାନର ସ୍ୱର୍ଗଦ୍ୱାର ଯାତ୍ରା ସିଧା ପ୍ରସାରଣର ସୁଯୋଗ ମଧ୍ୟ ନେଇଛି ଓଟିଭି। ଜଗନ୍ନାଥ ମହାପ୍ରଭୁଙ୍କର ମନ୍ଦିର ରେ ଦୈନନ୍ଦିନ ଘଟଣା ପୁରୀକୁ ଲିପିବଦ୍ଧ କରୁଥିବା ମାଦଳା ପାଞ୍ଜି କରି ସାମ୍ପ୍ରତିକ ଘଟଣାବଳିକୁ ଲୋକଲୋଚନକୁ ଆଣିବାର ପ୍ରମୁଖ ଭୂମିକା ନେଇଛି ଓଟିଭି। ବକ୍ତାମାନେ ମତବ୍ୟକ୍ତ କରିଛନ୍ତି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ପରମିଟ ପଡ଼ିଆ ସଲଗ୍ନ ଆତିଥ୍ୟ ସଭାଗୃହରେ ଅପରାହ୍ନ ୩ ଘଣ୍ଟିକାରୁ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ଏପ୍ରିଲ ୧୭ରେ ଏହାର ସନକ୍ଷେତ୍ର ଉତ୍ସବ ଜିଲ୍ଲା ପ୍ରତିନିଧି ରଶ୍ମିରଞ୍ଜନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଳେଶ୍ୱର ପ୍ରତିନିଧି ଅଜିତ୍ ଦାସ, ବାଲେଶ୍ୱର ପ୍ରତିନିଧି ରଞ୍ଜିତ ପାକଳ, ନୀଳଗିରିର ବିଶ୍ୱମ୍ଭର ଦାସ, ସୋର ପ୍ରତିନିଧି, ମୟୁରଭଞ୍ଜ ପ୍ରତିନିଧି ମାଣିକଲାଲ ପାଣୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। କବି ପ୍ରଶାନ୍ତ ଦାସ, ଆଡ଼ଭୋକେଟ କାହ୍ନୁ ଚରଣ ବେହେରା, ଅବସର ପ୍ରାପ୍ତ ଏସପି ସନ୍ତୋଶ ନାୟକ,ବରିଷ୍ଠ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତି, ଡାକ୍ତର ସାନ୍ତନୁ ଦାସ, ବିକ୍ରମ ପଣ୍ଡା, ଉପେନ୍ଦ୍ର ପାତ୍ର, କାଞ୍ଚନବାଳା ପାତ୍ର ପ୍ରମୁଖ ଏଥିରେ ଶୁଭେଚ୍ଛା ବାର୍ତା ପ୍ରଦାନ କରିଥିଲେ। ଏହି ଅବସରରେ କେକ୍ କଟାଯାଇଥିଲା ଏବଂ ଯୁବ ସଂଗୀତ କଣ୍ଠଶିଳ୍ପି ସୁଜିତ ଭୋଇ ଓ ରିନାରାଣୀ ମିଶ୍ର ପ୍ରମୁଖଙ୍କ ସଂଗୀତ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

## ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ହୁଇଲ ଚେୟାର ପ୍ରଦାନ



ଯୋଡା (ପିଏନ୍): ଖଣି ଅଞ୍ଚଳର ସୁନାମଧନ୍ୟ ସ୍ୱେଚ୍ଛାସେବୀ ସଂସ୍ଥା ଆସ୍ଥା ଗ୍ରୁପ ବଡବିଲ ଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଥା ମହିଳାମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଛି । ଏହି ଗ୍ରୁପ ତରଫରୁ ବଡବିଲ ସିଏଚସିକୁ ଏକ ହୁଇଲ ଚେୟାର ଶାରିରୀକ ବିକଳାଙ୍ଗ ରୋଗୀମାନଙ୍କ ବ୍ୟବହାର ନିମନ୍ତେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି । ହସ୍ପିଟାଲର ମୁଖ୍ୟ ଚିକିତ୍ସାଧିକାରୀ ଡଃ ଏସ.ସାମଲ,ଡଃ ସିମରନ ପ୍ରଧାନଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ । ଆସ୍ଥା ଗ୍ରୁପ ଅଧକ୍ଷା ଗୌରୀ ମହାପାତ୍ର,ଜୀନତ ରକିମ,କାକୋଲି ଷଡଙ୍ଗୀ,ପୂଜା ଅଗ୍ରୱାଲ,ସସ୍ମିତା ମହାଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଏହି ହୁଇଲ ଚେୟାର ପ୍ରଦାନ କରିଥିଲେ । ଆସ୍ଥା ଗ୍ରୁପର ଏପରି ସାମାଜିକ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିବ ବୋଲି ଏହି ଅବସରରେ କର୍ମକର୍ତ୍ତା ମାନେ ପ୍ରକାଶ କରିଥିଲେ ।

## ସମାଜସେବୀ ଦୀନେଶ ଚନ୍ଦ୍ରଙ୍କ ସ୍ମୃତିରେ ରକ୍ତଦାନ ଶିବିର

ଖୋର୍ଦ୍ଧା (ପିଏନ)- ସମାଜସେବୀ ୰ ଦୀନେଶ ଚନ୍ଦ୍ର ମହାପାତ୍ରଙ୍କ ଏକାଦଶାହ ପାଳନ ଅବସରରେ ତାଙ୍କ ସ୍ମୃତିରେ ସ୍ଥାନୀୟ ନନ୍ଦିଘୋଷ ଭବନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରର ପ୍ରାରମ୍ଭରେ କାର୍ଯ୍ୟକ୍ରମ ଆବାହକ ସମାଜସେବୀ ମାୟାଧର ବରାଡ଼ ଉପସ୍ଥିତ ଅତିଥି ଓ ରକ୍ତଦାତାମାନଙ୍କୁ ସ୍ୱାଗତ କରିଥିଲେ। ପରେ ଦିବଂଗତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ପରମାନନ୍ଦ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ବିଶିଷ୍ଟ ପରିବେଶ ବିଜ୍ଞାନୀ ପ୍ରଫେସର ଡ଼ଃ. ସୁନନ୍ଦ ଚନ୍ଦ୍ର ପ୍ରଧାନ, କବୟିତ୍ରୀ ଉଷା ମିଶ୍ର, ପୂର୍ବତନ ଅଧକ୍ଷ ରବୀନ୍ଦ୍ରନାଥ ମହାଁ, ପ୍ରାଧ୍ୟାପକ କର୍ମୋଦୟ ଛୋଟରାୟ, ଅଧ୍ୟାପକ ରଙ୍ଗନାଥ ମହାରଣା, ସମାଜସେବୀ ଶ୍ରୀନିବାସ ଛୋଟରାୟ, ସୟ କୁମାର ସୁବୁଦ୍ଧି, ସତ୍ୟବ୍ରତ ମହାପାତ୍ର, ରବିନାରାୟଣ ଦତ, ସଂୋଷ କୁମାର ବୈରୀଗନ, ବୈଦ୍ୟନାଥ ହୋତା, ସୟ ପଟ୍ଟନାୟକ ଓ ମୁନା ପରିଡ଼ା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଖୋର୍ଦ୍ଧା ରକ୍ତଭଣ୍ଡାରର ଡ଼ାକ୍ତର ଡ଼ା. ବର୍ଷାବୈଶାଖୀ ପଣ୍ଡା, ଲ୍ୟାବ୍ ଟେକ୍ନେସିୟାନ୍ ଅରୁଣ କୁମାର ସାହୁ ଓ ବିଚିସ୍ମିତା ପୁହାଣ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସମାଜସେବୀ ଯୋଗେଶ୍ୱର ପଣ୍ଡା ପରିଚ୍ଳନା କରିଥିଲେ।

## ଶାକାହାରୀ ରଙ୍ଗଣୀ ସମାଜ ପକ୍ଷରୁ ରକ୍ତଦାନ ଶିବିର

ଧର୍ମଶାଳା (ପିଏନ): ଧର୍ମଶାଳା ବ୍ଲକ ନହଙ୍ଗାପାଟଣା ହାଇସ୍କୁଲଠାରେ ନିଖିଳ ଉତ୍କଳ ଶାକାହାରୀ ରଙ୍ଗଣୀ ସମାଜ ଯାଜପୁର ଶାଖାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଜୟ କୁମାର ସାହୁ ଓ ସଂପାଦକ ଶ୍ରୀଧର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରକ୍ତଦାନ ଶିବିରକୁ ବରିଷ୍ଠ ସାମ୍ବାଦିକ ରମାକାନ୍ତ ଜେନା ଉଦ୍‌ଘାଟନ କରିଥିଲେ । ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଭାଗ୍ୟଧର ସେଠୀ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲ୍ଲିକ, ସରପଂଚ ନିମାଇଁ ମଲିକ, ବିଜେଡି ନିର୍ବାଚନ ମଣ୍ଡଳୀ ସଭାପତି ତଥା ଅନୁଷ୍ଠାନର ଉପଦେଷ୍ଟା ଜଳଧର ସାହୁ ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ସମାଜସେବୀ ରତ୍ନାକର ସାହୁ, ସୁଧାଂଶୁ ସାହୁ, ଗଗନ ସାହୁଙ୍କ ସମେତ ସମସ୍ତ କାର୍ଯ୍ୟକାରୀ ସଭ୍ୟମାନେ ଉପସ୍ଥିତ ଥିଲେ । ଏହି ରକ୍ତଦାନ ଶିବିରରେ ୪୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

# ପଣ୍ଡିତ ବାଇଧର ଦାଶ ସ୍ମୃତି ସଂସଦ ପକ୍ଷରୁ ସ୍ମୃତି ସୌରଭ ପୁସ୍ତକ ଉନ୍ମୋଚିତ

ଯାଜପୁର (ପିଏନ୍): ଯାଜପୁର ଟାଉନ ସ୍ଥିତ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ପଣ୍ଡିତ ବାଇଧର ଦାଶ ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ମୃତି ସଭା ଓ ସ୍ମୃତି ସୌରଭ ପତ୍ରିକାର ଲୋକାର୍ପଣ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଯାଜପୁର ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଓ ଉଦ୍‌ଘାଟକ ଭାବେ ବିରଜା ସେବାୟତ ପରିଷଦର ସଭାପତି ଦେବୀପ୍ରସାଦ ପାଣି ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠି, ମୁଖ୍ୟ ବକ୍ତା ଭାବେ ସାମ୍ବାଦିକ ଜୟନ୍ତ ଗୋସ୍ୱାମୀ, ସମ୍ମାନନୀୟ ଅତିଥି ଭାବେ ଯାଜପୁର ପ୍ରେସ୍ କ୍ଲବ ସଭାପତି ରାଜୀବ ମହାନ୍ତି ଓ ପଣ୍ଡିତ ବାଇଧର ଦାଶଙ୍କ ସୁଯୋଗ୍ୟ ନାତି ଆଦିତ୍ୟ ଦାଶଙ୍କୁ ଅନୁଷ୍ଠାନର ସମ୍ପାଦକ ତଥା ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ହରହର ସ୍ୱାଇଁ ଅତିଥିମାନଙ୍କୁ ମଞ୍ଚ ଉପରକୁ ନିମନ୍ତ୍ରଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ମା'ବିରଜା, ଅଭିରାମ ପରମହଂସ ଓ ପଣ୍ଡିତ ବାଇଧର ଦାଶଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠାନର ସମ୍ପାଦକ ଶ୍ରୀ ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ପରେ ଅତିଥି ମାନେ ପଣ୍ଡିତ ବାଇଧର ଦାଶଙ୍କ ସ୍ମୃତି ଚାରଣ କରିବା ସହିତ ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପୂଜ୍ୟପାଦ ପୂର୍ଣ୍ଣାତ୍ମା ପଣ୍ଡିତ ବାଇଧର ଦାଶଙ୍କ ପବିତ୍ର ସ୍ମୃତିରେ ପ୍ରତିବର୍ଷ ଜଣେ ଯୋଗ୍ୟ ପଣ୍ଡିତଙ୍କୁ ପଣ୍ଡିତ ବାଇଧର ଦାଶ ସମ୍ମାନରେ ସମ୍ମାନିତ କରାଯିବର କାର୍ଯ୍ୟକ୍ରମ ରହିଅଛି। ଅନୁଷ୍ଠାନର ନିଷ୍ପତି ଅନୁଯାୟୀ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ମହାଗୁରୁ ଉପାଧି, ବିରଜା ରତ୍ନ ରାଜ୍ୟପାଳ ପୁରସ୍କାର ଭଳି ବହୁ ଅନୁଷ୍ଠାନରୁ ବିବେଚିତ ହୋଇଥିବା ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କୁ ମୁଖ୍ୟ ଅତିଥି ସନ୍ତୋଷ କୁମାର ମଲ୍ଲିକ ସମ୍ମାନିତ କରିଛନ୍ତି। ବିରଜା ସେବାୟତ ପରିଷଦ ପଣ୍ଡିତ ଓ ଅନ୍ୱେଷଣ ଥିଏଟର ଗ୍ରୁପ ସଦସ୍ୟ ଓ ସଦସ୍ୟା ମାନଙ୍କୁ ପକ୍ଷରୁ ତାଙ୍କ ସୁଯୋଗ୍ୟ ନାତି ଆଦିତ୍ୟ ଦାସଙ୍କୁ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ବାଇଧର ଦାଶଙ୍କ ସମ୍ପର୍କରେ ଆଧାପକ ରଂଜିତ ସିଂ, ଡକ୍ଟର ରବି ରାଉତରାୟ, ସାହିତ୍ୟିକ ନଟବର ଦାସ, ବୃନ୍ଦାବନ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଛନ୍ତି। ସ୍ମୃତି ସୌରଭରେ ପଣ୍ଡିତ ବାଇଧର ଦାସଙ୍କ ସମ୍ପର୍କରେ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ନାତି ଆଦିତ୍ୟ ଦାସ, ସାମ୍ବାଦିକ ହରିହର ସ୍ୱାଇଁ, ଅଧାପିକା ବିଜୟିନୀ ପାଣିଜା ସାମଲ, ଅମୂଲ୍ୟ କୁମାର ମିଶ୍ର, ପୁତୁରା ବଳରାମ, ଝିଆରି ଟୁନିଆ ଲେଖିଥିବା ବେଳେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ତାଙ୍କ ସମ୍ପର୍କରେ ବାର୍ତ୍ତା ଦେଇଛନ୍ତି। ସଂସଦ ପକ୍ଷରୁ ଏକ ଆଧାତ୍ମିକ ଚ୍ୟାନେଲ ଅଭିନ୍ନ ନିୟୁଜ କୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠି ଉନ୍ମୋଚନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ବାଇଧର ଦାଶଙ୍କୁ ଭଲ ପାଉଥିବା ଗୁଣି ବ୍ୟକ୍ତିତ୍ୱ ଓ ପରିବାର ବର୍ଗ ଓ ଶୁଭେଚ୍ଛୁ ଯୋଗଦେଇଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଧନ୍ୟବାଦ ଦେଇଥିଲେ।

# ସାମାଜିକ ସନ୍ତୁଳନ ପାଇଁ ବ୍ୟଙ୍ଗ କଟାକ୍ଷ ଲୋଡ଼ା

ଖୋର୍ଦ୍ଧା (ପିଏନ୍): ହାସ୍ୟରସ ବା କଟାକ୍ଷ ହେଉଛି ଆମ ସାହିତ୍ୟର ବଡ଼ ଅଙ୍ଗ। ଏହା ମାଧ୍ୟମରେ ସମାଜର ବିଭିନ୍ନ ତ୍ରୁଟି ବିଚ୍ୟୁତିକୁ ଲୋକଲୋଚନକୁ ଆଣିବାର ପ୍ରୟାସ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ବ୍ୟଙ୍ଗ କଥାକାର ତଥା ନାଚୁଣୀ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ନାୟକଙ୍କ ରମ୍ୟଗଳ୍ପ ସଂକଳନ 'କାଙ୍ଗାଳୀ ଗୁରୁ' ଲୋକାର୍ପିତ ହୋଇଯାଇଛି। ପବିତ୍ର ଶ୍ରୀରାମ ନବମୀ ଅବସରରେ ଖୋର୍ଦ୍ଧା ସାହିତ୍ୟ ସଂସଦ ଓ ଆମରିସତ୍ୟ ପକ୍ଷରୁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାଗତ ସଂଭାଷଣ ଦେଇ ପୁସ୍ତକର ଲେଖକ ଡ. ନାୟକ କହିଥିଲେ ଯେ, ସ୍କୁଲରେ ପଢିବାବେଳୁ ସେ ଲେଖାଲେଖି ଆରଂଭ କରିଛନ୍ତି। ସମାଜକୁ ଉଚିତ ମାର୍ଗଦର୍ଶନ ପାଇଁ ନାଟକ ତଥା ବ୍ୟଙ୍ଗ ମାଧ୍ୟମରେ ପ୍ରୟାସ କରିଆସିଛନ୍ତି। କାଙ୍ଗାଳୀ ଗୁରୁ ଗଳ୍ପଟି ପ୍ରଥମେ ୨୦୦୯ ମସିହାରେ ପ୍ରାଣନାଥ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ 'ପ୍ରତୀକ'ରେ ପ୍ରକାଶ ପାଇଁ ଆଦୃତି ଲାଭ କରିଥିଲା। ତେଣୁ ଏହି ନାମରେ ପୁସ୍ତକର ନାମକରଣ କରାଯାଇଥିବାବେଳେ କାଙ୍ଗାଳୀ ବାବା ସମେତ ସମୁଦାୟ ୧୫ଟି ଗପ ଏଥିରେ ସନ୍ନିବେଶିତ କରାଯାଇଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବିଧାୟକ ଜିତୁ ମିତ୍ର ଯୋଗଦେଇ ପୁସ୍ତକଟି ବିପଥଗାମୀ ସମାଜକୁ ସୁଧାରିବାରେ ସହାୟକ ହେବ ବୋଲି ମତପ୍ରକାଶ କରିଥିଲେ। ଐତିହାସିକ ସତ୍ୟବାଦୀ ବଳିଆରସିଂହ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବୀରବଲ, ଯଦୁମଣି, ଗୋପାଳ ଭାଣ୍ଡ ପ୍ରମୁଖଙ୍କ ଉଦାହରଣ ଦେଇ ଛୋଟ ଛୋଟ କାହାଣୀର ଅବତାରଣା କରିଥିଲେ, ଯାହାକି ହାସ୍ୟରୋଳ ସୃଷ୍ଟି କରିଥିଲା। ରାଜନୈତିକ ତଥା ସମାଜିକ ବ୍ୟବସ୍ଥା ପ୍ରତି କଟାକ୍ଷ ହେଲେ ତୋଷାମୋଦକାରୀଙ୍କ ନ୍ୟସ୍ତ ସ୍ୱାର୍ଥରେ ଅଙ୍କୁଶ ଲାଗିବା ସହ ସାମାଜିକ ସନ୍ତୁଳନ ସମ୍ଭବ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି କ୍ଷୀରୋଦ ପ୍ରସାଦ ମହାନ୍ତି କହିଥିଲେ ଯେ, ଡ. ନାୟକ ପ୍ରାଣନାଥ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଥିବାବେଳେ ତାଙ୍କର ପ୍ରଥମ ବ୍ୟଙ୍ଗପୁସ୍ତକ 'ମଖନବାଜି' ଲେଖି ଉଚ୍ଚପ୍ରଶଂସିତ ହୋଇଥିଲେ। ସଂପ୍ରତି 'କାଙ୍ଗାଳୀ ଗୁରୁ' ପୁସ୍ତକ ସେହିଭଳି ପାଠକୀୟ ଆଦୃତି ଲାଭ କରିବ ବୋଲି ସେ ଆଶାପ୍ରକଟ କରିଥିଲେ। ବରେଣ୍ୟ ଅତିଥି ଓଡ଼ିଶା ବିଜ୍ଞାନ ଏକାଡେମୀର ସଭାପତି ଡ. ବିଭୂତି ଭୂଷଣ ମିଶ୍ର ପୁସ୍ତକର ଅନୁଶୀଳନ ପୂର୍ବକ କହିଥିଲେ ଯେ, ବିଜ୍ଞାନଭିତ୍ତିକ ଲେଖା ଅପେକ୍ଷା ରମ୍ୟ ରଚନା କଷ୍ଟକର। ଚରିତ୍ର ଭିତରେ ପଶିଲେ ଯାଇ ଲେଖିପାରିବେ, ଯାହା ଡ. ନାୟକ କରିଛନ୍ତି। ସମ୍ମାନିତ ଅତିଥି ବିଶିଷ୍ଟ କଥାକାର ଡ. ପଦ୍ମଜ ପାଳ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ଲେଖକ ସମାଜ ପ୍ରତି ସଚେତନ ରହି ନିଜକୁ ଉନ୍ମୁକ୍ତ କଲେ ଲେଖା ବଳଶାଳୀ ହୁଏ। ଅନ୍ୟତମ ଅତିଥି ପ୍ରାକ୍ତନ ଅଧ୍ୟକ୍ଷ ତଥା ସାହିତ୍ୟିକ ଡ. ଶରଚ୍ଚନ୍ଦ୍ର ମହାପାତ୍ର ପ୍ରାଚ୍ୟ ଓ ପାଶ୍ଚାତ୍ୟର ବ୍ୟଙ୍ଗସାହିତ୍ୟ ସଂପର୍କରେ ତୁଳନାତ୍ମକ ବିଶ୍ଳେଷଣ କରିଥିଲେ। ଅବସରପ୍ରାପ୍ତ ମୁଖ୍ୟ ବନ ସରଂକ୍ଷକ ତଥା ପ୍ରାବନ୍ଧିକ ବିଜୟ କେତନ ପଟ୍ଟନାୟକ ନିଜର ସଂକ୍ଷିପ୍ତ ଭାଷଣରେ ସାମାନ୍ୟ କଟାକ୍ଷ ଓ ଶାଣିତ କଟାକ୍ଷ ସଂପର୍କରେ ବିଶ୍ଳେଷଣ କରିଥିଲେ। ଆବାହକ ଡ. ପ୍ରମୋଦ ଚନ୍ଦ୍ର ଦାଶ ପୁସ୍ତକରେ ସ୍ଥାନ ପାଇଥିବା ବିଭିନ୍ନ ଗପ କାଙ୍ଗାଳୀ ଗୁରୁ, ଆଉ ଜଣେ ଠେଙ୍ଗୁ ଦାସ, ପଞ୍ଝୁ ସପକ୍ଷରେ, ଅତିଭକ୍ତି, ଧଣ୍ଡବୁଢ଼ା,ବାନା ସାର, ବାୟା ସାର୍, ପିତା ଓ ପୁତ୍ର, ଅନେଶତ ବ୍ରତ, ମାରନା ସେ ମଲାଣି, ନିରୁଦ୍ଦିଷ୍ଟ କଲମ, ସାଆନ୍ତଙ୍କ ଗଳ୍ପ: ଗୋପପୁର, ଅଜାଙ୍କ ଗଳ୍ପ: ବ୍ରହ୍ମରାକ୍ଷସ, ବୋଉର ଗଳ୍ପ: କିଏରେ କିଏରେ, ବଡ଼ ପିଉସୀ, ସୀନ ପିଉସୀ ଆଦିର ସମୀକ୍ଷା କରିଥିଲେ। ଖୋର୍ଦ୍ଧା, ଭୁବନେଶ୍ୱର, ଜଟଣୀ, ବାଣପୁର, ବାଙ୍କୀ ତଥା ବିଭିନ୍ନ ଅଂଚଳରୁ ଆସିଥିବା କବି, ସାହିତ୍ୟିକ ତଥା ବୁଦ୍ଧିଜୀବୀମାନଙ୍କୁ ଲେଖକ ଡ. ନାୟକ ପୁସ୍ତକ ଉପହାର ଦେଇଥିଲେ। ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଶିକ୍ଷାବିତ୍ ଭୀମସେନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଡ. ସସ୍ମିତା ପଟ୍ଟନାୟକ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିବାବେଳେ ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୂର୍ବତଟ ରେଳପଥ : ଗତ ୮ ବର୍ଷ ମଧ୍ୟରେ ୧୬୪୦୫ ଖାଲି ପଦବୀ ପୂରଣ ହୋଇଛି

ଭୁବନେଶ୍ୱର, (ପି.ଏନ): ପୂର୍ବ ତଟ ରେଳପଥ ମଧ୍ୟରେ ଗତ ଆଠ ବର୍ଷରେ ରେଳବାଇ ନିଯୁକ୍ତି ବୋର୍ଡ (ଆରଆରବି) ଏବଂ ରେଳବାଇ ନିଯୁକ୍ତି ସେଲ୍ (ଆରଆରସି) ଦ୍ୱାରା ନିଯୁକ୍ତି ଅଭିଯାନ ମାଧ୍ୟମରେ ୧୬ ହଜାର ୪୦୫ ଟି ଖାଲି ପଦ ପୂରଣ କରାଯାଇଅଛି । ରେଳବାଇରେ ନିରାପତା ହେଉଛି ସର୍ବୋଚ୍ଚ ପ୍ରାଥମିକତା । ରେଳ ଚଳାଚଳ କ୍ଷେତ୍ରରେ ନିରାପତା ସମ୍ବନ୍ଧୀୟ ସମ୍ବେଦନଶୀଳ ବିଷୟରେ ରେଳବାଇ ସର୍ବଦା ଅବଗତ ଅଛି । ପୂର୍ବ ତଟ ରେଳପଥ କ୍ରମାଗତ ଭାବରେ ଏହାର ମାନବ ସମ୍ବଳ ବିଷୟବସ୍ତୁକୁ ନଜର ରଖି ନିରନ୍ତର ଭାବେ ଖାଲି ପଦବୀ ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଅଛି ।କୋଭିଡ୍ -୧୯ ମହାମାରୀର ଆହ୍ୱାନ ସତ୍ତ୍ୱେ ପୂର୍ବତଟ ରେଳପଥ କାର୍ଯ୍ୟବଳ ୧ ଏପ୍ରିଲ ୨୦୧୯ ସୁଦ୍ଧା ୪୫,୫୦୭ ରୁ ୧ ଜାନୁୟାରୀ ୨୦୨୩ ରେ ୪୭,୩୩୧ କୁ ବୃଦ୍ଧି ପାଇଛି ।ପୂର୍ବ ତଟ ରେଳପଥରେ ଗତ ୮ ବର୍ଷ ମଧ୍ୟରେ ସ୍ତର-୧ ପଦବୀରେ ମୋଟ ୫୨୫୯ ଜଣ ପ୍ରାର୍ଥୀ ନିଯୁକ୍ତ ହୋଇଛନ୍ତି ଏବଂ ଏହି ନିଯୁକ୍ତି ପ୍ରକ୍ରିୟା ରେଳବାଇ ନିଯୁକ୍ତି ସେଲ୍ (ଆରଆରସି) ଦ୍ୱାରା କରାଯାଇଥିଲା । ସ୍ତର-୧ ପଦବୀ ବ୍ୟତୀତ, ଗତ ୦୮ ବର୍ଷ ମଧ୍ୟରେ ବିଭିନ୍ନ ବର୍ଗରେ ପୂର୍ବ ତଟ ରେଳପଥରେ ୧୧୧୪୬ ଜଣ ପ୍ରାର୍ଥୀ ନିଯୁକ୍ତ ହୋଇଛନ୍ତି । ଉପରୋକ୍ତ ସମସ୍ତ ପଦବୀଗୁଡିକରେ ଅଧିକ ସଂଖ୍ୟକ ସୁରକ୍ଷା ବର୍ଗ ପଦବୀ ଏବଂ କିଛି ସାଧାରଣ ବର୍ଗ ପଦବୀ ଅନ୍ତର୍ଭୁକ୍ତ । ଏଗୁଡ଼ିକ ବ୍ୟତୀତ, ସୁରକ୍ଷା ବର୍ଗରେ ସର୍ବାଧିକ ସଂଖ୍ୟା ସମେତ ବିଭିନ୍ନ ସ୍ତରରେ ଆରଆରବି ଏବଂ ଆରଆରସି ଦ୍ୱାରା ୨,୮୫୮ ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଶେଷ ପର୍ଯ୍ୟାୟରେ ଅଛି । ଫଳସ୍ୱରୂପ, ପୂର୍ବତଟ ରେଳପଥରେ ମୋଟ ଅନୁମୋଦିତ କର୍ମଚାରୀଙ୍କ ଖାଲିଥିବା ପଦବୀଗୁଡିକ ୧ ଏପ୍ରିଲ ୨୦୧୯ ବେଳକୁ ୧୭.୩% ରୁ ୧ ଜାନୁୟାରୀ, ୨୦୨୩ ରେ ୧୪.୯% କୁ ହ୍ରାସ ପାଇଅଛି । ଏହା ସୂଚିତ କରେ ଯେ ପୂର୍ବ ତଟ ରେଳବାଇରେ ଏହି ପଦବୀଗୁଡ଼ିକ ନିୟମିତ ଭାବରେ ପୂରଣ ହେଉଛି ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଫାଇଲେରିଆ ନିରାକରଣ ସଚେତନତା

ଭୁବନେଶ୍ୱର, (ପି.ଏନ): ଫେବ୍ରୁୟାରୀ ୧୦ ତାରିଖରୁ ଫାଇଲେରିଆ ନିରାକରଣ ସ୍ୱାସ୍ଥ୍ୟକର୍ମୀ ମାନେ ଘର ଘର ବୁଲି ଔଷଧ ଖୁଆଇବେ । ଏହି ବାର୍ତାକୁ ଲୋକଙ୍କ ପାଖରେ ପହଂଚାଇବା ପାଇଁ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ସମ୍ପର୍କ ଦ୍ୱାରା ସ୍ମାର୍ଟ ସହାୟତାରେ ଫାଇଲେରିଆ ନିରାକରଣ ପାଇଁ ଏକ ସଚେତନତା ମୂଳକ ପ୍ରଚାର ଅଭିଯାନ ଫେବ୍ରୁୟାରୀ ୧ ତାରିଖରୁ ଆରମ୍ଭ ହୋଇଛି । ବିଭିନ୍ନ ସଚେତନତା ମୂଳକ ବାର୍ତା ମାଧ୍ୟମରେ ଲୋକଙ୍କ ପାଖରେ ଫାଇଲେରିଆ ରୋଗରୁ ରକ୍ଷା ପାଇବା ପାଇଁ ଫେବ୍ରୁୟାରୀ ୧୦ ତାରିଖରେ ଔଷଧ ସେବନ ପାଇଁ ସଚେତନ କରାଯାଉଛି ।ଏଥି ସହିତ ରେଡିଓ ସମ୍ପର୍କ ଟିମ ଆଶା ଓ ଅଙ୍ଗନବାଡି କର୍ମୀ ମାନଙ୍କ ସହମିଶି କମ୍ୟୁନିଟିରେ ସଭା କରି ଲୋକଙ୍କୁ ସଚେତନ କରୁଛନ୍ତି । ରେଡିଓ ସମ୍ପର୍କର ସାମାଜିକ ଗଣମାଧ୍ୟମରେ ମଧ୍ୟ ବିଭିନ୍ନ ସଚେତନତା ମୂଳକ ବାର୍ତା ଦ୍ୱାରା ଫେବ୍ରୁୟାରୀ ୧୦ ତାରିଖ ବିଷୟରେ ଲୋକଙ୍କୁ ସଚେତନ କରାଯାଉଛି । ଫାଇଲେରିଆ ରୋଗର କାରଣ, ଏହାର ନିରାକରଣ ଓ ଏଥି ସହିତ ଥିବା ସମସ୍ୟାକୁ ନେଇ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ସମ୍ପର୍କ ୮୯.୬ ଦ୍ୱାରା ରେଡିଓ କାର୍ଯ୍ୟକ୍ରମ ମାଧ୍ୟମରେ ଏ ବିଷୟରେ ସୂଚନା ମଧ୍ୟ ଲୋକଙ୍କୁ ଦିଆଯାଉଛି । ଏହି ଅଭିଯାନ ଫେବ୍ରୁୟାରୀ ମାସ ୨୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଫାଇଲେରିଆ ରୋଗ କ୍ୟୁଲେକ୍ସ ନାମକ ମଶା କାମୁଡିବା ଯୋଗୁଁ ବ୍ୟାପୀ ଥାଏ । ଏହା ଏକ ସଂକ୍ରମିତ ରୋଗ ଅଟେ । ଏହାକୁ ହାତୀପାଦ ରୋଗ ମଧ୍ୟ କୁହାଯାଏ ଓ ଏହି ରୋଗର ଲକ୍ଷଣ ୫ ରୁ ୧୫ ବର୍ଷ ପରେ ପ୍ରକାଶ ପାଏ । ଏହି ରୋଗର ଲକ୍ଷଣ ହେଲା ଜର ହେବା, ପାଦ ଦରଜ ହେବା, କୁଣ୍ଡାଇ ହେବା ଇତ୍ୟାଦି । ଏହି ରୋଗର କୌଣସି ଚିକିତ୍ସା ନାହିଁ ଓ ଏହି ରୋଗ ଥରେ ହେଲେ ସାରା ଜୀବନ ପାଇଁ ଏଥିରୁ ମୁକ୍ତି ମିଳେନା ।ଶରୀରରେ ବିକଳାଙ୍ଗତା ସୃଷ୍ଟି କରିବା ସହିତ ଏହା ରୋଗୀର ମାନସିକତା କୁ ମଧ୍ୟ ପ୍ରଭାବିତ କରିଥାଏ । ବର୍ଷ କୁ ଥରେ ମାତ୍ର ଔଷଧ ସେବନ ଦ୍ୱାରା ଏହି ରୋଗରୁ ମୁକ୍ତି ମିଳିପାରିବ । ଜାନୁୟାରୀ ୨୮ ରେ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ସାରା ଭାରତରେ ଫାଇଲେରିଆ ରୋଗ ର ନିରାକରଣ ପାଇଁ ଏକ ଅଭିଯାନ ଫେବ୍ରୁୟାରୀ ୧୦ ତାରିଖ ରେ ଆରମ୍ଭ କରିବେ ଓ ଏହି ଦିନ ସ୍ୱାସ୍ଥ୍ୟ କର୍ମୀ ମାନଙ୍କର ଏକ ଦଳ ଘରଘର ବୁଲି ଲୋକଙ୍କୁ ଔଷଧ ଖୁଆଇବେ । ଫାଇଲେରିଆ ରୋଗ ଉପରେ ଜନସଚେତନା ଓ ଏହାର ସଂପୂର୍ଣ୍ଣ ନିରାକରଣ ହେଉଛି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ।

# ଯକ୍ଷ୍ମା ରୋଗମୁକ୍ତ ଭାରତ ପାଇଁ ସର୍ବେକ୍ଷଣ ଅଭିଯାନ ଆରମ୍ଭ

କେନ୍ଦ୍ରାପଡ଼ା, (ପି.ଏନ): ଦେଶକୁ ସମ୍ପୂର୍ଣ୍ଣ ଯକ୍ଷ୍ମା ରୋଗମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି । ୨୦୨୫ ମସିହା ସୁଦ୍ଧା ତାଙ୍କର ବହୁ ପ୍ରତିକ୍ଷିତ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ରାପଡ଼ାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସର୍ବେକ୍ଷଣ ଅଭିଯାନ ଆରମ୍ଭ କରାଯାଇଛି । ଏହି ସର୍ବେକ୍ଷଣ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦିପ୍ତ କୁମାର ବେହେରାଙ୍କ ତତ୍ୱାବଧାନରେ ସ୍ୱାସ୍ଥ୍ୟ ବିଭାଗର କଟକ ଓ କେନ୍ଦୁଝରରୁ ଆସିଥିବା ଟିମ୍‌ର ସଦସ୍ୟମାନେ ସହରରେ ଥିବା ଔଷଧ ଦୋକାନୀମାନଙ୍କ ସହ ଆଲୋଚନା କରି କୌଣସି ଯକ୍ଷ୍ମା ରୋଗୀ ଔଷଧ ସେବନ କରୁଛନ୍ତି କି ନାହିଁ ସେମାନଙ୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ ଜରିଥିଲେ। ସରକାରୀ ତାଲିକାଭୁକ୍ତ ହୋଇନଥିବା ଏହି ରୋଗୀମାନଙ୍କ ସମ୍ପର୍କରେ ଅଧିକ ସୂଚନା ପାଇଲେ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇବା ପାଇଁ ଦୋକାନୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ସହ ସ୍ୱେଚ୍ଛାସେବୀ ସଂଗଠନ ମାନେ ଘର ଘର ବୁଲି ଏଭଳି କୌଣସି ରୋଗୀଙ୍କ ସନ୍ଧାନ ପାଇଲେ ସେମାନଙ୍କ ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ସର୍ବେକ୍ଷଣ ରେ ଡାକ୍ତର ଦିପନିତା ରାଉତରାୟ, ସହକାରୀ ପ୍ରଫେସର ଡାକ୍ତର ପ୍ରଜ୍ଞା ପରମିତା ଦାସ, ବିଶ୍ୱରଞ୍ଜନ ଦାସ, ରାଜେଶ କୁମାର ଦାସ, ଜ୍ୟୋତି ରଞ୍ଜନ ନାୟକ, ଆଶିଷ କେତନ ନାୟକ, ରାଜ କିଶୋର ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ହାକାଥନ ପ୍ରତିଯୋଗିତାରେ ୫ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନିତ୍

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ସ୍ତରୀୟ ହାକାଥନ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଛତା ସ୍ଥିତ ଡେରାବିଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ କୁ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ ଉଦ୍‌ଘାଟନ କରିଥିଲେ । ଡେରାବିଶ ବ୍ଲକ ଅଧକ୍ଷା ପ୍ରଭାତୀ ମଲିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ଦାସ ମୁଖ୍ୟ ବକ୍ତା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ର ଓ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଆସିଥିବା ଶତାଧିକ ପ୍ରତିଯୋଗୀ ଇଂରାଜୀ ଓ ଓଡିଆ ପ୍ରବନ୍ଧ ଲିଖନ, ବକ୍ତୃତା, ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ୨୫ଟି ବିଜ୍ଞାନ ଭିତିକ ପ୍ରକଳ୍ପ ପ୍ରଦର୍ଶନ କରାଯିବା ସହ ସାଇବର ସିକ୍ୟୁରିଟି, ସ୍ମାଟ ଏଗ୍ରିକଲଚର, ଡିଜିଟାଲ ଏନରଜିଂ ପ୍ରଭୃତି ପ୍ରକଳ୍ପ ଗୁଡିକ ପ୍ରଦର୍ଶିତ ହୋଇଥିଲା । ଅପରାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଡ଼ଃ ଗୁଣନିଧି ପ୍ରଧାନ ମୁଖ୍ୟ ଅତିଥି ଓ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ଼ଃ ସେକ ସମସୁର ମୁଖ୍ୟ ବକ୍ତା, ସହକାରୀ ଉଦ୍ୟାନ ଅଧିକାରୀ ଶୁଭଶ୍ରୀ ମଲିକ, ଅଧକ୍ଷା ରତ୍ନମଣି ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପିଲାମାନଙ୍କ ମନରେ ବୈଜ୍ଞାନିକ ଗୁଣ ବୃଦ୍ଧି କରିବା, ଗବେଷଣାତ୍ମକ ଚିନ୍ତାଧାରା ପ୍ରତି ଆଗ୍ରହ ସୃଷ୍ଟି ଓ ଜୈବିକ କୃଷିଦ୍ୱାରା ସ୍ୱାବଲମ୍ବୀ ହେବାପାଇଁ ମନୋଭାବ ଜାଗ୍ରତ କରିବା ଉଦ୍ଦେଶ୍ୟ ରହିଛି । ଏହାସହ ୫ଟି ପ୍ରକଳ୍ପ ରାଜ୍ୟ ସ୍ତରକୁ ମନୋନିତ୍ୱ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସିଆରସିସି ଲଲାଟ କିଶୋର ଭୂୟାଁ, ପ୍ରଣବ କୁମାର ଜେନା, ପିତବାସ ପଣ୍ଡା, ରମେଶ ଚନ୍ଦ୍ର ପତି, ସୁରତ କୁମାର ସାହୁ, ଶିବ ନାରାୟଣ ମହାନ୍ତି, ମନୋରଞ୍ଜନ ତ୍ରିପାଠୀ, ଭାଗିରଥୀ ମହାନ୍ତି, ବୀରବର ସେନାପତି, ନରହରି ସୁତାର, ପ୍ରଦିପ କୁମାର ନାୟକ, ଆଦିକନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ବିଜ୍ଞାନ ପରିଦର୍ଶକ ନିସିନ୍ଧ ବାରିକ ଓ ପ୍ରକାଶ ଚନ୍ଦ୍ର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରହ୍ମା କୁମାରୀ ଗୀତା ପାଠଶାଳାର ରୌପ୍ୟ ଜୟନ୍ତୀ ସମାରୋହ

ଗଞ୍ଜାମ, (ପି.ଏନ): ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶାନ୍ତି ଶକ୍ତି ଭବନ ଦ୍ୱାରା ସ୍ଥାପିତ ତଥା ପରିଚାଳିତ ପିତଳ ତେଲିସାହି ସ୍ଥିତ ବ୍ରହ୍ମାକୁମାରୀ ଗୀତା ପାଠଶାଳାର ସ୍ଥାପନାର ୨୫ତମ ସ୍ୱନକ୍ଷତ୍ର ଦିବସ ତଥା ରୌପ୍ୟ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଶାନ୍ତି ଶକ୍ତି ଭବନ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ତଥା ବରିଷ୍ଠ ସାମ୍ବାଦିକ ଡକ୍ଟର ହୃଷୀକେଶ ମହାନ୍ତିଙ୍କ କରକମଳରେ ଶିବଧ୍ୱଜା ଉତୋଳନ କରିବା ପରେ ଶତାଧିକ ଭଉଣୀ ଭାଇ ଶିବ ସନ୍ଦେଶ ଦେବା ଉଦ୍ଦେଶ୍ୟରେ ଶାନ୍ତି ଯାତ୍ରାରେ ପିତଳ, ତ୍ଅର, ବ୍ରାହ୍ମଣ ଛାଇ, ଆମ୍ବିଳାପଲ୍ଲୀ ଓ ପଙ୍କଳବାଡି ଆଦି ଗ୍ରାମ ପରିକ୍ରମା କରିଥିଲେ। ସନ୍ଧ୍ୟାରେ ପିତଳ ତେଲି ସାହି ସ୍ଥିତ ଗୀତା ପାଠଶାଳା ସମ୍ମୁଖରେ ଏକ ଆଧ୍ୟାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ ଗଞ୍ଜାମ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳୀ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଧରାକୋଟର ପୂର୍ବତନ ସରପଂଚ ମନୋଜ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଡକ୍ଟର ହୃଷୀକେଶ ମହାନ୍ତି, ଜିଲ୍ଲା ପରିଷଦ ପ୍ରତିନିଧି ବରୁଣ କୁମାର ପଲାଇ ।କାର୍ଯ୍ୟକ୍ରମର ମୁଖ୍ୟବକ୍ତା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ପ୍ରକାଶ କରିଥିଲେ ଯେ, ସହଜ ରାଜଯୋଗ ଅଭ୍ୟାସ କରି ବିଗତ ୨୫ ବର୍ଷ ମଧ୍ୟରେ ପିତଳ ଗ୍ରାମପଂଚାୟତର ଶତାଧିକ ଭଉଣୀ ଭାଇଙ୍କ ସରଳ, ନିରାଡମ୍ବର, ସାତ୍ୱିକ ଜୀବନଶୈଳୀ ଅଂଚଳବାସୀଙ୍କ ପାଇଁ ଆଦର୍ଶ ବନିଛି। ସମ୍ମାନିତ ଅତିଥି ଧରାକୋଟ ପୂର୍ବତନ ସରପଂଚ ମନୋଜ ସ୍ୱାଇଁ ଓ ବରିଷ୍ଠ ସାମ୍ବାଦିକ ଡକ୍ଟର ହୃଷୀକେଶ ମହାନ୍ତି ବ୍ରହ୍ମାକୁମାରୀ ମୁଖ୍ୟାଳୟ ମାଉଂଟ ଆବୁ ଦର୍ଶନ ସମୟର ଅନୁଭୁତି ପ୍ରକାଶ କରିଥିଲେ। ସମସ୍ତଙ୍କ ଗହଣରେ ରଜତ ଜୟନ୍ତୀ ଉପଲକ୍ଷେ ପରମାତ୍ମାଙ୍କ ସ୍ମୃତିରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ରଙ୍କୁ ଆକ୍ରମଣ ଘଟଣା: ୩ ଦଫା ଦାବିରେ ଛାତ୍ର କଂଗ୍ରେସର ବିକ୍ଷୋଭ ଦାବିପତ୍ର ପ୍ରଦାନ


ବଲାଙ୍ଗୀର, (ପି.ଏନ): ଛାତ୍ରଛାତ୍ରୀଙ୍କ ବାରମ୍ବାର ଦାବୀ ସତ୍ୱେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା କରାଯାଉଛି। ଫଳରେ ପ୍ରତ୍ୟହ ଅନେକ ଛାତ୍ରଛାତ୍ରୀ ଅଣଛାତ୍ରଙ୍କ ଅସଦାଚରଣ ଓ ଆକ୍ରମଣର ଶିକାର ହେଉଛନ୍ତି। ଗୁରୁବାର ସନ୍ଧ୍ୟାରେ ଦୁଇ ଜଣ ହଷ୍ଟେଲ ଛାତ୍ର ଏହାର ଶିକାର ହୋଇଛନ୍ତି। ଏହାର ବିରୋଧରେ ଆଜି ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଏକ ତିନି ଦଫା ସମ୍ମିଳିତ ଦାବୀପତ୍ର କୁଳପତିଙ୍କୁ ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ଓ ବଲାଙ୍ଗିର ଆଦର୍ଶ ଥାନା ଅଧିକାରୀ ଘଟଣା ସ୍ଥଳକୁ ପହଂଚି ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀ ଧାରଣାରୁ ଓହୋରି ଥିଲେ।ସୂଚନାରୁ ପ୍ରକାଶ ଯେ, ବିଶ୍ୱ ବିଦ୍ୟାଳୟର ସୁରକ୍ଷାକୁ ଗୁରୁତ୍ୱ ଦେବା ପାଇଁ ଛାତ୍ର କଂଗ୍ରେସ ପକ୍ଷରୁ ବାରମ୍ବାର ଦାବୀ କରାଯାଇଥିଲା। କିନ୍ତୁ ବିଶ୍ୱବିଦ୍ୟାଳୟ ପ୍ରଶାସନ ଓ ସ୍ଥାନୀୟ ପୋଲିସ ଏହାକୁ ଅଣଦେଖା କରି ଆସୁଥିବା ବେଳେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସୁରକ୍ଷା ବଡ ପ୍ରଶ୍ନବାଚୀ ହୋଇ ରହିଥିଲା । ଆଖ ପାଖର ନିଶାଖୋର, ଅସମାଜିକ ଓ ଅଣଛାତ୍ର ବିଶ୍ୱବିଦ୍ୟାଳୟ ପରିସରକୁ ବେରୋକ୍ ଟୋକ୍ ପ୍ରବେଶ ତଥା ଛାତ୍ରଛାତ୍ରୀଙ୍କ ପ୍ରତି ଅସଦାଚରଣ ପ୍ରତିଦିନର ଘଟଣା ପାଲଟିଛି। ଏମାନଙ୍କ ଯୋଗୁଁ ବିଶ୍ୱବିଦ୍ୟାଳୟ ପରିସରରେ ବେଆଇନ ମଦ ଓ କଫ ସିରପ ବେପାର ସ୍ଥଳୀ ପାଲଟିଛି। ଗୁରୁବାର ଦିନ ଏମାନଙ୍କ ଦୁରାଚାର ସୀମା ଲଙ୍ଘିଛି। ଜଣେ ଅଣଛାତ୍ର ବିଶ୍ୱବିଦ୍ୟାଳୟ ପରିସରକୁ ପଶି ଦୁଇ ଜଣ ଛାତ୍ରଙ୍କ ଉପରେ ଆକ୍ରମଣ କରିଛନ୍ତି। ଫଳରେ ଜଣେ ଛାତ୍ର ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ବିଶ୍ୱବିଦ୍ୟାଳୟର ପରିସର ଯଦି ଏଭଳି ଅସୁରକ୍ଷିତ ରହେ ତେବେ ଛାତ୍ରଛାତ୍ରୀ ନିଜର ସୁରକ୍ଷାରେ ଧ୍ୟାନ ଦେବେ ନା ପାଠ ପଢାରେ ଧ୍ୟାନ ଦେବେ ବୋଲି ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ନିଜ ପ୍ରଶ୍ନ କରିଛନ୍ତି। ତା' ସହ ଏସବୁ ସମସ୍ୟାର ସମାଧାନ ପୂର୍ବକ ବିଶ୍ୱବିଦ୍ୟାଳୟ ପରିସରରେ ଏକ ପୋଲିସ ଫାଣ୍ଡି, ହଷ୍ଟେଲ ପରିସରରେ ୨୪ ଘଂଟିଆ ସୁରକ୍ଷା ବ୍ୟବସ୍ଥା ଓ ପରିସରର ଚାରିପଟେ ପାଚେରୀ ନିର୍ମାଣ ସମ୍ମିଳିତ ଏକ ଦାବୀପତ୍ର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ପ୍ରଦାନ କରାଯାଇଛି। ଯଦି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏସବୁ ଦାବୀକୁ ଯଥା ଶୀଘ୍ର ପୂରଣ ନକରନ୍ତି, ତେବେ ଆଗାମୀ ଦିନରେ ଛାତ୍ରଛାତ୍ରୀ ଦୁର୍ବାର ଆନ୍ଦୋଳନ କରିବା ପାଇଁ ବାଧ୍ୟ ହେବେ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଶ୍ରୀ ସାହୁ ଚେତାଇ ଦେଇଛନ୍ତି। ଆଜିର ଏହି ବିକ୍ଷୋଭ ସମାବେଶରେ ଜିଲ୍ଲା ଛାତ୍ର କଂଗ୍ରେସ ସଂପାଦକ ମନୋରଞ୍ଜନ ବିଶ୍ୱାଳ, ବିଶ୍ୱବିଦ୍ୟାଳୟ ଛାତ୍ର କଂଗ୍ରେସ କମିଟି ସଭାପତି ଶୁଭେନ୍ଦୁ ସାହୁ, ଉପସଭାପତି ଅଂଚଳ ପଣ୍ଡା, ସରୋଜ ସାହୁ, ସାନୁ ମନହୀରା, କିରନ ଭୋଇ, ଆଲୋକ ନାଏକ, ସୌରଭ ସାହୁ, ରୋଶନ ପଟେଲ, ଚନ୍ଦନ ସାହୁ, ହରୀଶ ମହାକୁର, ସୁନୀଲ ବଗର୍ତୀ, ଆଶିଷ ସାହୁ, ପ୍ରତ୍ୟୁଷ ପଟେଲ, ଶିବ ପ୍ରଧାନ, ବିଭୋଷଣ ହୋତା, ନିଗମାନନ୍ଦ ପୃଷ୍ଟି ସହ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଲକ୍ଷ୍ନୌ ଠାରେ ଉତ୍ତର ପ୍ରଦେଶ ଗ୍ଲୋବାଲ ଇନଭେଷ୍ଟର୍ସ ସମିଟ୍ ୨୦୨୩ର ଉଦଘାଟନ କଲେ ପ୍ରଧାନମନ୍ତ୍ରୀ

ଲକ୍ଷ୍ନୌ, (ପି.ଏନ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଲକ୍ଷ୍ନୌ ଠାରେ ଉତର ପ୍ରଦେଶ ଗ୍ଲୋବାଲ ଇନଭେଷ୍ଟର୍ସ ସମ୍ମିଟ୍ ୨୦୨୩ ର ଉଦଘାଟନ କରିଛନ୍ତି । ସେ ବିଶ୍ୱ ବାଣିଜ୍ୟ ପ୍ରଦର୍ଶନୀର ଉଦଘାଟନ କରିଥିଲେ ଏବଂ ଏହି କାର୍ଯ୍ୟକ୍ରମ ସମୟରେ ଇନଭେଷ୍ଟ ୟୁପି ୨.୦ ର ଶୁଭାରମ୍ଭ କରିଥିଲେ । ଉତରପ୍ରଦେଶ ଗ୍ଲୋବାଲ ଇନଭେଷ୍ଟର୍ସ ସମିଟ୍ ୨୦୨୩ ହେଉଛି ଉତରପ୍ରଦେଶ ସରକାରଙ୍କ ଫ୍ଲାଗସିପ୍ ନିବେଶ ସମ୍ମିଳନୀ ଯାହା ନୀତି ନିର୍ମାତା, ଶିଳ୍ପପତି, ଶିକ୍ଷାବିତ୍, ଚିନ୍ତକ ଏବଂ ନେତାମାନଙ୍କୁ ଏକତ୍ରିତ କରି ବ୍ୟବସାୟିକ ସୁଯୋଗ ଏବଂ ସହଭାଗୀତା ସୃଷ୍ଟି କରିବ । ପ୍ରଦର୍ଶନୀକୁ ପ୍ରଧାନମନ୍ତ୍ରୀ ମଧ୍ୟ ବୁଲି ଦେଖିଥିଲେ । ଏହି ଅବସରରେ ଶିଳ୍ପ ମୁଖ୍ୟମାନେ ମତ ରଖିଥିଲେ । ଶ୍ରୀ କୁମାର ମଙ୍ଗଳମ ବିର୍ଲା କହିଛନ୍ତି ଯେ ଭାରତ ଉଲ୍ଲେଖନୀୟ ଉଦ୍ୟୋଗୀ ଗତିଶୀଳତା ଏବଂ ନବସୃଜନ ପ୍ରଦର୍ଶନ କରୁଛି ଏବଂ ଦେଶର ଅର୍ଥନୈତିକ ଦୃଶ୍ୟପଟରେ ନୂତନ ଶକ୍ତି ପ୍ରୟୋଗ ଲାଗି ପ୍ରଧାନମନ୍ତ୍ରୀଙ୍କୁ ଶ୍ରେୟ ଦେଇଛି । ଶ୍ରୀ ମୁକେଶ ଅମ୍ବାନୀ କହିଛନ୍ତି ଯେ ଚଳିତ ବର୍ଷର ବଜେଟ୍ ଏକ ବିକଶିତ ରାଷ୍ଟ୍ର ଭାବରେ ଭାରତର ଆର୍ବିଭାବ ପାଇଁ ମୂଳଦୁଆ ପକାଇଛି । ସେ କହିଛନ୍ତି ଯେ କାପେକ୍ସ ଖର୍ଚ୍ଚ ପାଇଁ ଅଧିକ ଆବଂଟନ ଦ୍ୱାରା ଅଧିକ ଅର୍ଥନୈତିକ ଅଭିବୃଦ୍ଧି ଏବଂ ସାମାଜିକ କଲ୍ୟାଣ ହେବ । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ ବହୁତ ପରିବର୍ତନ କରିଛି ଏବଂ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିଭଙ୍ଗୀ ଏବଂ ନିର୍ଦ୍ଦେଶ ଉପରେ ଲେଜର ଭଳି ତୀକ୍ଷ୍ଣ ଧ୍ୟାନ ଏକ ନିର୍ଭୀକ ନୂତନ ଭାରତ ଗଠନ କରୁଛି । ଟାଟା ସନ୍ସର ଅଧ୍ୟକ୍ଷ ଶ୍ରୀ ନଟରାଜନ୍ ଚନ୍ଦ୍ରଶେଖରନ୍ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏପରି ପରିସ୍ଥିତି ସୃଷ୍ଟି କରିଛି ଯେଉଁଠାରେ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହେବାକୁ ଯାଉଛି । ଏହା କେବଳ ଅର୍ଥନୈତିକ ଅଭିବୃଦ୍ଧି ନୁହେଁ, ପ୍ରଧାନମନ୍ତ୍ରୀ ଯାହା ସକ୍ଷମ କରିଛନ୍ତି ତାହା ହେଉଛି ୩୬୦-ଡିଗ୍ରୀ ବିକାଶ । ସେ କହିଛନ୍ତି ଯେ ବଜେଟରେ ଆବଂଟନ ଭିତିଭୂମି ଏବଂ ବ୍ୟବହାର ଦ୍ୱାରା ପରିଚାଳିତ ଅଭିବୃଦ୍ଧିକୁ ନିଶ୍ଚିତ କରିବ ଏବଂ ଆମେ ଗ୍ରାମାଂଚଳର ଅଭିବୃଦ୍ଧି ମଧ୍ୟ ଦେଖିବୁ । ଜୁରିଚ୍ ବିମାନବନ୍ଦରର ଏସିଆର ସିଇଓ ଡାନିଏଲ୍ ବିରଚେର୍ କହିଛନ୍ତି ଯେ ଜୁରିଚ୍ ବିମାନବନ୍ଦର ଏହାର ୭୫ ତମ ବାର୍ଷିକୀ ପାଳନ କରୁଛି ଯେପରି ଭାରତ ସ୍ୱାଧୀନତାର ୭୫ ବର୍ଷ ପାଳନ କରୁଛି । ସେ ଭାରତ ସହ ଦୀର୍ଘ ଦିନର ସହଭାଗିତା ବିଷୟରେ ଉଲ୍ଲେଖ କରିଛନ୍ତି ଯେଉଁଠାରେ ଜୁରିଚ୍ ବିମାନବନ୍ଦର ଦୁଇ ଦଶନ୍ଧି ପୂର୍ବରୁ ବେଙ୍ଗାଲୁରୁ ବିମାନବନ୍ଦରର ବିକାଶକୁ ସମର୍ଥନ କରିଥିଲା ଏବଂ ବର୍ତମାନ ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦରର ବିକାଶ କରୁଛି । ସେ ଯମୁନା ଏକ୍ସପ୍ରେସୱେ ସହିତ ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦରର ସିଧାସଳଖ ସଂଯୋଗ ଉପରେ ଆଲୋକପାତ କରିଥିଲେ । ଡିକ୍ସନ୍ ଟେକ୍ନୋଲୋଜିର ଚେୟାରମ୍ୟାନ୍ ଶ୍ରୀ ସୁନୀଲ ଭାଚାନି କହିଛନ୍ତି ଯେ ଭାରତରେ ବିକ୍ରି ହେଉଥିବା ମୋବାଇଲ୍ ଫୋନର ପ୍ରାୟ ୬୫% ଉତରପ୍ରଦେଶରେ ଉତ୍ପାଦିତ ହୋଇଛି ଏବଂ ଏହାକୁ ଉତର ପ୍ରଦେଶ ସରକାରଙ୍କ ଗତିଶୀଳ ନୀତିକୁ ଏକ ଉତ୍ପାଦନ କେନ୍ଦ୍ରରେ ପରିଣତ କରିଛି । ସେ ଏହା ମଧ୍ୟ କହିଛନ୍ତି ଯେ ଆଜି ଡିକ୍ସନ୍ ଟେକ୍ନୋଲୋଜି ପ୍ରାୟ ୧୦୦ ବିଲିୟନ ଡଲାର ମୂଲ୍ୟର ମୋବାଇଲ୍ ଫୋନ୍ ରପ୍ତାନି କରିବାକୁ ଚାହୁଁଛି । ସମସ୍ତ ଶିଳ୍ପପତି ଉତରପ୍ରଦେଶରେ ସୃଷ୍ଟି ହେଉଥିବା ସୁଯୋଗ ପ୍ରତି ଆଶା ପ୍ରଦର୍ଶନ କରିଥିଲେ । ଏହି ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନିବେଶକ ସମ୍ପ୍ରଦାୟ, ଶିଳ୍ପପତି ତଥା ନୀତି ନିର୍ଣ୍ଣୟକାରୀଙ୍କୁ ଉଭୟ ପ୍ରଧାନମନ୍ତ୍ରୀ ତଥା ଉତରପ୍ରଦେଶର ସଂସଦ ସଦସ୍ୟ ଭାବରେ ସ୍ୱାଗତ କରିଛନ୍ତି। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ ଉତରପ୍ରଦେଶର ଭୂମି ଏହାର ସାଂସ୍କୃତିକ ଗୌରବ, ଗୌରବମୟ ଇତିହାସ ଏବଂ ସମୃଦ୍ଧ ଐତିହ୍ୟ ପାଇଁ ଜଣାଶୁଣା । ରାଜ୍ୟର ସାମର୍ଥ୍ୟକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଅନାବଶ୍ୟକ ଶବ୍ଦ ଯଥା ଅନୁନ୍ନତ, ବିମାରୁ ଏବଂ ଉତରପ୍ରଦେଶରେ ଲାଗିଥିବା ଖରାପ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ଧ୍ୟାନ ଦେଇଥିଲେ । ପୂର୍ବ ସମୟରେ ଦୈନିକ ଖନନ କରାଯାଉଥିବା ହଜାର ହଜାର କୋଟି ମୂଲ୍ୟର ସ୍କାମ ଉପରେ ସେ ମଧ୍ୟ ମତ ରଖିଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ୫-୬ ବର୍ଷ ମଧ୍ୟରେ ଉତରପ୍ରଦେଶ ଏକ ନୂତନ ପରିଚୟ ସୃଷ୍ଟି କରିଛି । ବର୍ତମାନ ଉତରପ୍ରଦେଶ ଉତମ ଶାସନ, ଉତମ ଆଇନ ଶୃଙ୍ଖଳା ପରିସ୍ଥିତି, ଶାନ୍ତି ଏବଂ ସ୍ଥିରତା ପାଇଁ ଜଣାଶୁଣା । ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ସମ୍ପଦ ସୃଷ୍ଟିକର୍ତାଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରାଯାଉଛି । ପ୍ରଧାନମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ ଉତରପ୍ରଦେଶରେ ଉନ୍ନତ ଭିତିଭୂମି ପାଇଁ ପଦକ୍ଷେପ ଫଳପ୍ରଦ ହେଉଛି । ସେ କହିଛନ୍ତି ଖୁବ ଶୀଘ୍ର ୟୁପି ୫ ଟି ଅନ୍ତର୍ଜାତୀୟ ବିମାନବନ୍ଦର ସହିତ ଏକମାତ୍ର ରାଜ୍ୟ ଭାବରେ ପରିଚିତ ହେବ । ମାଲ ପରିବହନ କରିଡର ରାଜ୍ୟକୁ ମହାରାଷ୍ଟ୍ରର ସମୁଦ୍ର ଉପକୂଳ ସହିତ ସିଧାସଳଖ ସଂଯୋଗ କରିବ । ବ୍ୟବସାୟ କରିବାରେ ସହଜତା ପାଇଁ ୟୁପିରେ ସରକାରଙ୍କ ଚିନ୍ତାଧାରାରେ ଏକ ଅର୍ଥପୂର୍ଣ୍ଣ ପରିବର୍ତନ ମଧ୍ୟ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇ କହିଛନ୍ତି, ଆଜି ୟୁପି ଆଶା ଏବଂ ପ୍ରେରଣାର ଉତ୍ସ ହୋଇପାରିଛି । ସେ କହିଛନ୍ତି ଯେ ୟୁପି ଦେଶ ପାଇଁ ଏକ ଉଜ୍ଜ୍ୱଳ ସ୍ଥାନ ପାଲଟିଛି ଯେପରି ଭାରତ ବିଶ୍ୱ ସ୍ତରରେ ଏକ ଉଜ୍ଜ୍ୱଳ ସ୍ଥାନ ପାଲଟିଛି ।ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବିଶ୍ୱର ପ୍ରତ୍ୟେକ ବିଶ୍ୱାସର ସ୍ୱର ଭାରତୀୟ ଅର୍ଥନୀତିର ଅଗ୍ରଗତି ପ୍ରକ୍ରିୟାକୁ ନେଇ ଆଶାବାଦୀ ଥିବାରୁ ଏହା କେବଳ ମହାମାରୀ ଏବଂ ଯୁଦ୍ଧର ସମ୍ମୁଖୀନ ହୋଇ ନାହିଁ ବରଂ ଦ୍ରୁତ ପୁନରୁଦ୍ଧାର ମଧ୍ୟ ଦେଖାଇଛି । ଭାରତୀୟ ସମାଜ ତଥା ଭାରତର ଯୁବକମାନଙ୍କ ଚିନ୍ତାଧାରା ଏବଂ ଆକାଂକ୍ଷାରେ ଦେଖାଯାଉଥିବା ବିରାଟ ପରିବର୍ତନ ଉପରେ ପ୍ରଧାନମନ୍ତ୍ରୀ ମତ ରଖିଥିଲେ । ସେ କହିଛନ୍ତି ଯେ ଦେଶର ପ୍ରତ୍ୟେକ ନାଗରିକ ବିକାଶର ପଥ ଅତିକ୍ରମ କରିବାକୁ ଚାହାଁନ୍ତି ଏବଂ ଭବିଷ୍ୟତରେ ଏକ 'ବିକଶିତ ଭାରତ" ର ସାକ୍ଷୀ ହେବାକୁ ଇଚ୍ଛା କରନ୍ତି । ସେ ପ୍ରକାଶ କରିଛନ୍ତି ଯେ ଭାରତୀୟ ସମାଜର ଆକାଂକ୍ଷା ସରକାରଙ୍କ ପାଇଁ ଏକ ପ୍ରେରଣାର ଶକ୍ତି ହୋଇପାରିଛି ଯାହା ଦେଶରେ ଚାଲିଥିବା ବିକାଶମୂଳକ କାର୍ଯ୍ୟରେ ପ୍ରେରଣା ଯୋଗାଉଛି । ଉତରପ୍ରଦେଶର ଆକାର ଏବଂ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନିବେଶକମାନଙ୍କୁ କହିଛନ୍ତି ଯେ ଭାରତ ଭଳି ୟୁପିରେ ମଧ୍ୟ ଏକ ଆଙ୍କାକ୍ଷୀ ସମାଜ ଆପଣଙ୍କୁ ଅପେକ୍ଷା କରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଡିଜିଟାଲ୍ ବିପ୍ଲବ ଯୋଗୁଁ ଉତରପ୍ରଦେଶ ସମାଜ ଅନ୍ତର୍ଭୂକ୍ତ ଅଭିବୃଦ୍ଧି ଏବଂ ସଂଯୁକ୍ତ ହୋଇପାରିଛି । ଏକ ବଜାର ଭାବରେ ଭାରତ ନିରବଚ୍ଛିନ୍ନ ଭାବରେ ଆଗକୁ ବଢିବାରେ ଲାଗିଛି । ପ୍ରକ୍ରିୟା ସରଳୀକରଣ କରାଯାଉଛି । ସେ କହିଛନ୍ତି, ଆଜି ଭାରତ ବାଧ୍ୟତାମୂଳକ ଭାବେ ନୁହେଁ ବରଂ ବିଶ୍ୱାସରୁ ସଂସ୍କାର ଆଣିଛି । ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ ଭାରତ ଆଜି ବାସ୍ତବ ଦୃଷ୍ଟିରୁ ଗତି ଏବଂ ମାପରେ ଗତି କରିବା ଆରମ୍ଭ କରିଛି । ଯେହେତୁ ଏକ ବହୁତ ବଡ ବର୍ଗର ମୌଳିକ ଆବଶ୍ୟକତା ପୂରଣ ହୋଇଛି ଏବଂ ସେମାନେ ଆଗକୁ ଚିନ୍ତା କରୁଛନ୍ତି । ଭାରତ ଉପରେ ବିଶ୍ୱାସର ଏହା ହେଉଛି ସବୁଠାରୁ ବଡ କାରଣ । ବଜେଟ୍ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଭିତିଭୂମି ପାଇଁ ବଢୁଥିବା ଆବଂଟନ ଉପରେ ଆଲୋକପାତ କରିଥିଲେ ଏବଂ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସାମାଜିକ ଭିତିଭୂମି କ୍ଷେତ୍ରରେ ନିବେଶକଙ୍କ ପାଇଁ ସୁଯୋଗ ବିଷୟରେ କହିଥିଲେ । ସେହିଭଳି ଭାରତ ଗ୍ରହଣ କରିଥିବା ସବୁଜ ଅଭିବୃଦ୍ଧି ପଥରେ ସେ ନିବେଶକଙ୍କୁ ଆମନ୍ତ୍ରଣ କରିଥିଲେ । ସେ ସୂଚନା ଦେଇଛନ୍ତି ଯେ ଚଳିତ ବର୍ଷର ବଜେଟରେ କେବଳ ଶକ୍ତି ସଂଚରଣ ପାଇଁ ୩୫,୦୦୦ କୋଟି ଟଙ୍କା ଆବଂଟନ କରାଯାଇଛି । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଏକ ନୂତନ ମୂଲ୍ୟ ଏବଂ ଯୋଗାଣ ଶୃଙ୍ଖଳାର ବିକାଶ ପାଇଁ ଉତରପ୍ରଦେଶ ଏକ ଚାମ୍ପିୟନ ରୂପେ ଉଭା ହୋଇଛି । ସେ ରାଜ୍ୟରେ ଉପସ୍ଥିତ ଥିବା ପାରମ୍ପାରିକ ତଥା ଆଧୁନିକ ଏମଏସଏମଇର ନେଟୱାର୍କକୁ ଉଲ୍ଲେଖ କରିଛନ୍ତି ଏବଂ ଭଦୋହି ଏବଂ ବାରାଣାସୀର ରେଶମର ଉଦାହରଣ ଦେଇଛନ୍ତି ଯାହାକି ୟୁପିକୁ ଭାରତର ଟେକ୍ସଟାଇଲ ହବ କରିପାରିଛି । ସେ ସୂଚନା ଦେଇଛନ୍ତି ଯେ ଭାରତର ୬୦ ପ୍ରତିଶତ ମୋବାଇଲ୍ ଫୋନ୍ ସହିତ ସର୍ବାଧିକ ମୋବାଇଲ୍ ଉପାଦାନ ୟୁପିରେ ଉତ୍ପାଦିତ ହେଉଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଦେଶର ଦୁଇଟି ପ୍ରତିରକ୍ଷା କରିଡର ମଧ୍ୟରୁ ଗୋଟିଏ ୟୁପିରେ ବିକଶିତ ହେଉଛି । ଭାରତୀୟ ସେନାକୁ ମେଡ ଇନ୍ ଇଣ୍ଡିଆ ପ୍ରତିରକ୍ଷା ବ୍ୟବସ୍ଥା ଏବଂ ପ୍ଲାଟଫର୍ମ ଯୋଗାଇବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରଧାନମନ୍ତ୍ରୀ ସୂଚିତ କରିଛନ୍ତି ।







2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Sunday February 12, 2023 ଭୁବନେଶ୍ୱର ରବିବାର, ଫେବୃଆରୀ ୧୨,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ନାଟ୍ୟକାର ତଥା ପ୍ରାଧାପକ ଡ.ବିଧୁଭୂଷଣ ପଣ୍ଡାଙ୍କୁ ପ୍ରତିଭା ସମ୍ମାନ

ଦର୍ପଣ,(ପି.ଏନ):ବଡଚଣା ବ୍ଲକ ଅନ୍ତର୍ଗତ ଦର୍ପଣ ଗ୍ରାମର ପ୍ରାଧାପକ ଡ. ବିଧୁଭୁଷଣ ପଣ୍ଡା ମହାବିଦ୍ୟାଳୟ ମାନଙ୍କରେ ଅଧାପକ ଦାୟିତ୍ୱ ନେଇଥିଲେ ମଧ ସେ ଜଣେ ଲେଖକ ଓ ସାହିତ୍ୟିକ ଭାବେ ଏ ଅଂଚଳରେ ପ୍ରତିଭା ଅର୍ଜନ କରିଛନ୍ତି । ସେ ନାଟକ ଲେଖକ ଭାବରେ ନିର୍ଦ୍ଦେଶନା ମଧ ଦେଇ ଚାଲିଛନ୍ତି । ଭୁବନେଶ୍ୱରସ୍ଥିତ ଭଞ୍ଜ କଳାମଣ୍ଡପ ଠାରେ ଫେବୃୟାରୀ ୫ ଓ ୬ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି "ଆମେ ବଂଚିଛୁ" ନାଟକ ଅନୁଷ୍ଠାନର ଏହା ହେଉଚି ନବମ ବାର୍ଷିକ ଉତ୍ସବ । ଏହି ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଯାଜପୁର ଜିଲ୍ଲା ଚଣ୍ଡିଖୋଲର ସୌଖିନୀ ନାଟ୍ୟସଂସ୍ଥା "ନାଟ୍ୟାୟନ" ର ପ୍ରତିଷ୍ଠାତା, ନିର୍ଦ୍ଦେଶକ ଓ ନାଟ୍ୟାକାର ଡ. ବିଧୁଭୁଷଣ ପଣ୍ଡାଙ୍କୁ ନାଟକ ପ୍ରତିଷ୍ଠା ସମ୍ମାନ ପ୍ରଦାନ କରାଯାଇଛି । କେନ୍ଦ୍ର ସଙ୍ଗୀତ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ନିର୍ଦ୍ଦେଶକ ଅଭିନେତା ମନୋଜ ପଟ୍ଟନାୟକ, ରାଜ୍ୟ ନାଟ୍ୟ ସଂଘର ସଭାପତି ହରେନ ସାହୁ, ସଂପାଦକ ଶୁଭକାନ୍ତ



ପାଢୀ ଓ ଆମେ ବଂଚିଛୁ ନାଟ୍ୟ ଅନୁଷ୍ଠାନର ସଭାପତି ନବଦ୍ୱୀପ ମାହାଳିକ । ଡ. ପଣ୍ଡା ବିଗତ ୨୫ ବର୍ଷ ଧରି ନିଜର ସାଧନା ଜାରି ରଖିଛନ୍ତି ଓ ବହୁ ମଂଚରେ ନିଜ ରଚନା ଓ ନିର୍ଦ୍ଦେଶନାରେ ବହୁ ନାଟକ ପରିବେଷଣ କରିଛନ୍ତି । ଡ.ପଣ୍ଡା ନିଜ ପ୍ରତିକ୍ରିୟାରେ ନାଟକ ପାଇଁ ସାଧନା ଓ ପ୍ରତିବଦ୍ଧତା ଜୀବନବ୍ୟାପି ଜାରି ରଖିବା ଆଶା ବ୍ୟକ୍ତ କରିବା ସହ ଆମେ ବଂଚିଛୁ ନାଟକ ଅନୁଷ୍ଠାନ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ଡ. ପଣ୍ଡା ରାଜ୍ୟସ୍ତରୀୟ ବହୁଭାଷୀ ବହୁ ନାଟକ ପ୍ରତିଯୋଗିତାରେ ମଧ ଶ୍ରେଷ୍ଠନାଟକ ପୁରସ୍କାର ପ୍ରାପ୍ତ ହୋଇଛନ୍ତି । ସେଠାରେ ଡ.ପଣ୍ଡାଙ୍କୁ ଉଚ୍ଛସିତ ସମ୍ବର୍ଦ୍ଧନା କରାଯାଇଥିଲା ।

## ମାଲକାନଗିରି ଥାନାରେ ମିଥ୍ୟା କେଶ୍ ରହିଥିବା କହି ମହିଳାଙ୍କୁ ବ୍ଲାକମେଲ କରୁଥିବା ଅଭି ଯୋଗ

ମାଲକାନଗିରି,(ପି.ଏନ): ମାଲକାନଗିରି ଆଦର୍ଶ ଥାନାରେ ଜଣଙ୍କ ନାମରେ କେଶ ରହିଥିବା କହି ମହିଳାଙ୍କୁ ବ୍ଲାକମେଲ କରୁଥିବା ଥାନାରେ ଲିଖିତ ଅଭି ଯୋଗ କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ସଦର ବ୍ଲକ ସ୍ଥିତ ଗୌଡଗୁଡା ପଂଚାୟତ ଏମ୍.ଭି. ୧୦ ଗ୍ରାମରେ ଏହି ଗ୍ରାମର ନାରାୟଣ ଗାଇନ ନାମକ ଜଣେ ବ୍ୟକ୍ତି ସେହି ଗ୍ରାମର ସୁଚିତ୍ରା ମଣ୍ଡଳ ନାମକ ଜଣେ ମହିଳାଙ୍କୁ ତାଙ୍କ ସାନ ପୁଅ ନିହାର ମଣ୍ଡଳଙ୍କ ନାମରେ ମାଲକାନଗିରି ଆଦର୍ଶ ଥାନାରେ ୫୦ କେଜି ଗଂଜେଇ ଜବତ ହୋଇଥିବା ନେଇ କେଶ୍ ହୋଇଛି ବୋଲି କହି ଫୋନ୍ ଯୋଗେ ଭୟଭିତ କରୁଥିଲେ ! ଏ ବାବଦରେ ସମ୍ପୃକ୍ତ ବ୍ୟକ୍ତି ନାରାୟଣ ଗାଇନଙ୍କୁ ୫୦ ହଜାର ଟଙ୍କା ଦେଲେ ସେ ଏହି କେଶ ରଫାଦଫା କରିବେ ବୋଲି କହିଥିଲେ !ପରବର୍ତୀ ସମୟରେ ୫୦ ହଜାରରୁ ୩୦ ହଜାର ଟଙ୍କା ମଧ ଦାବି କରିଥିଲେ । ଏଥିରେ ସନ୍ତୁଷ୍ଟ ନ ହୋଇ ତାଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ରଖିବା ନିମନ୍ତେ କହିଥିଲେ। ଏହାକୁ ଆଧାର କରି ମହିଳା ଜଣକ ମାନସିକ ସ୍ତରରେ ନିର୍ଯ୍ୟାତିତ ହୋଇ ଶୁକ୍ରବାର ଦିନ ମାଲକାନଗିରି ଆଦର୍ଶ ଥାନାରେ ଲିଖିତ ଅଭି ଯୋଗ କରିଛନ୍ତି। ଏ ସମ୍ପର୍କରେ ମାଲକାନଗିରି ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କୁ ପଚାରିବାରୁ ଏହି ଘଟଣାର ତଦନ୍ତ ଜାରି ରହିଛି। ତେବେ ଫୋନ୍ ଯୋଗେ କଥାବାର୍ତା ହେବାର ସମ୍ପୂର୍ଣ ପ୍ରମାଣ ମଗା ଯାଇଛି। ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବ ବୋଲି ସେ ପ୍ରକାଶ କରିଛନ୍ତି ।

## ହଟୁନି ସରକାରୀ ଧାନକିଣା ବ୍ୟବସ୍ଥାକୁ ନେଇ ଦ୍ୱନ୍ଦ୍ୱ, ଧାନ ବିକ୍ରିରୁ ବାଦ୍ ପଡିବେ ୨୦ ହଜାର ଚାଷୀ

ଭଦ୍ରକ, (ପି.ଏନ): ଚଳିତବର୍ଷ ସରକାରଙ୍କ ଧାନକିଣା ପ୍ରକ୍ରିୟାରେ ଯେପରି ଅନିଶ୍ଚିତତା ଦେଖାଦେଇଛି। ତାହା ଅତୀତରେ କେବେ ଦେଖିବାକୁ ମିଳିନଥିଲା। ଜିଲା ଯୋଗାଣ ନିଗମ ବିଗତ ବର୍ଷରେ ଚାଷୀଙ୍କ ଠାରୁ ଧାନକ୍ରୟର ସଂପୂର୍ଣ୍ଣ ବିବରଣୀ ଟ୍ୱିଟର ମାଧ୍ୟମରେ ପ୍ରଦାନ କରୁଥିଲେ। ଏହା ଧାନ କିଣା ବ୍ୟବସ୍ଥାରେ ବିଶେଷ ସ୍ୱଚ୍ଛତା ଆଣିବାରେ ସହାୟକ ହେଉଥିଲା। କିନ୍ତୁ ଚଳିତବର୍ଷ ଯୋଗାଣ ବିଭାଗ ଅଧିକାରୀ ଏପରିକି ଜିଲାପାଳଙ୍କୁ ବାରମ୍ବାର ଅନୁରୋଧ କଲେ ମଧ୍ୟ ଯୋଗାଣ ବିଭାଗ ଏନେଇ ନିରବ ରହିଛି। ତେଣୁ ପ୍ରତ୍ୟେକ ଦିନ ବିଭାଗରୁ ଠିକ୍ ତଥ୍ୟ ମିଳିପାରୁନାହିଁ। ତଥାପି ଚଳିତ ବର୍ଷ ସରକାରଙ୍କୁ ଧାନ ବିକ୍ରି କରିବାକୁ ପଂଜିକରଣ କରିଥିବା ବହୁ ସଂଖ୍ୟକ ଚାଷୀ ଏହି ପ୍ରକିୟାରୁ ବାଦ ପଡିବା ଏକ ପ୍ରକାର ନିଶ୍ଚିତ। ଅପରପକ୍ଷେ ଜିଲାର ସମସ୍ତ ୭ଟି ଯାକ ବ୍ଲକ୍‌ରେ ଏକା ପ୍ରକାର ଚିତ୍ର ଦେଖିବାକୁ ମିଳୁନାହିଁ। କେତେକ ଅଂଚଳରେ ସରକାରଙ୍କ ଧାନ କିଣା ପ୍ରକ୍ରିୟାରେ ଜଟିଳ ପଦ୍ଧତି ମଧ୍ୟରେ ଚାଷୀ ଋଣ ସୁଝିବାକୁ ଦଲାଲଙ୍କ ଜରିଆରେ ବାହାର ରାଜ୍ୟର ବ୍ୟବସାୟୀଙ୍କୁ ନିଜର ଉତ୍ପାଦିତ ଧାନ ବିକ୍ରି କରି ଦେଉଥିବା ଦେଖିବାକୁ ମିଳୁଛି। ଇତିମଧ୍ୟରେ ଜିଲାରୁ ୧୨ ଚକିଆ ଟ୍ରକ୍ ଯୋଗେ ଶତାଧିକ ଟ୍ରକ୍ ଧାନ ପଡୋଶୀ ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶକୁ ଚାଲାଣ ହୋଇସାରିଛି। ତେଣୁ ଚଳିତ ବର୍ଷ ବିପୁଳ ପରିମାଣର ଧାନ ବିକ୍ରି ହୋଇପାରିବ ନାହିଁ ବୋଲି କୁହାଯାଉଥିଲେ ମଧ୍ୟ ଏବେ ଚାଷୀଙ୍କ ପାଖରେ ବହୁ କମ୍ ପରିମାଣର ଧାନ ରହିଛି। ତେଣୁ ଅତିରିକ୍ତ କୋଟା ନଆସିଲେ ମଧ୍ୟ ସେପରି କୌଣସି ସମସ୍ୟା ଦେଖାଯିବ ନାହିଁ ବୋଲି କେତେକ ଧାନ ବ୍ୟବସାୟୀ ମତବ୍ୟକ୍ତ କରିଛନ୍ତି। ତଥାପି ସରକାରୀ ହିସାବରେ ପ୍ରାୟ ୨୦ ହଜାର ଚାଷୀ ଏହି ପ୍ରକ୍ରିୟାରୁ ବାଦ୍ ପଡିବା ଏକ ପ୍ରକାର ନିଶ୍ଚିତ। ତଥ୍ୟ ଅନୁଯାୟୀ ଚଳିତ ଖରିଫ ଋତୁରେ ୨୦୨୨-୨୩ ବର୍ଷ ପାଇଁ ଭଦ୍ରକ ଜିଲାରୁ ପ୍ରଥମ ପର୍ଯ୍ୟାୟରେ ୨୬ ଲକ୍ଷ କ୍ୱିଣ୍ଟାଲ ଧାନ କିଣିବାକୁ ଧାର୍ଯ୍ୟ ହୋଇଥିଲା। ମୋଟ ୮୯ ହଜାର ୧୩୩ ଚାଷୀ ସରକାରଙ୍କୁ ଧାନ ବିକିବାକୁ ନିଜ ନିଜର ନାମ ପଂଜିକରଣ କରିଥିଲେ। ଏଯାବତ୍ ୪୨ ହଜାର ୯ ଶହରୁ ସାମାନ୍ୟ ଅଧିକ ଚାଷୀ ସେମାନଙ୍କ ଧାନ ସରକାରଙ୍କୁ ବିକିଛନ୍ତି। ପ୍ରାୟ ୧୮ ଲକ୍ଷ କ୍ୱିଣ୍ଟାଲ ପାଖାପାଖି ଧାନ କିଣାଯାଇଛି। ଚଳିତବର୍ଷ ଧାନ କିଣିବା ଅବଶିଷ୍ଟ ୮ ଲକ୍ଷ କ୍ୱିଣ୍ଟାଲ ଓ ସ୍ଥଳ ବିଶେଷରେ ଅତିରିକ୍ତ ସମ୍ଭାବ୍ୟ କୋଟାକୁ ମିଶାଇ ପ୍ରାୟ ୧୨ ଲକ୍ଷ କ୍ୱିଣ୍ଟାଲ ଧାନ ବିକ୍ରି ହେବାକୁ ରହିଛି। କିନ୍ତୁ ସରକାର ଧାନ ସଂଗ୍ରହ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଢାଇଥିଲେ ମଧ୍ୟ ଚଳିତ ମାସ ଶେଷ ସୁଦ୍ଧା ଧାନ କିଣା ବନ୍ଦ ହୋଇଯିବାର ଆଶଙ୍କା ଦେଖାଦେଇଛି। କାରଣ ସରକାରୀ ଧାନକିଣା କୋଟା ସରିଆସୁଛି। ସରକାରୀ ସ୍ତରରେ ଅଧିକ କୋଟା ବଢାଯିବା ପାଇଁ ଆନ୍ତରିକତା ମଧ୍ୟ ଦେଖିବାକୁ ମିଳୁନି। ତେବେ ସରକାର ଅତିରିକ୍ତ କୋଟା ବଢାନ୍ତୁ କି ନବଢାନ୍ତୁ, ଏହା ଚାଷୀଙ୍କ ହିତରେ ଆସିବ ନାହିଁ। ଯାବତୀୟ ଉଦ୍ୟମ ପରେ ବି ପ୍ରାୟ ୨୦ ହଜାର ପଂଜିକୃତ ଚାଷୀ ଧାନ କିଣାରୁ ବାଦ୍ ପଡିବା ଏକ ପ୍ରକାର ନିଶ୍ଚିତ।

## ଅର୍ଥନୈତିକ ଅଭିବୃଦ୍ଧିରେ ମତ୍ସ୍ୟସଂପଦର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, (ପି.ଏନ): ମାଛଚାଷ କୃଷକମାନଙ୍କ ଆୟବୃଦ୍ଧିରେ ଏକ ପ୍ରଧାନ ଅଙ୍ଗ ହୋଇଥିବାରୁ ମାଛଚାଷର ବିକାଶ ଓ ମତ୍ସ୍ୟଜୀବୀମାନଙ୍କର କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକଗୁଡ଼ିଏ ସମୟୋପଯୋଗୀ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏହା ଦ୍ୱାରା ବିଗତ ୨୦ ବର୍ଷରେ ମାଛ ଉତ୍ପାଦନ ପ୍ରାୟ ୪ ଗୁଣ ଅଧିକ ବୃଦ୍ଧି ପାଇଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।ଆଜି ବାଲେଶ୍ୱର ଆଇଟିଆଇ ପଡ଼ିଆଠାରେ ଆକ୍ୱାକଲଚର ଏକ୍ସପୋ-୨୦୨୩କୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ରାଜ୍ୟ ତଥା ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ମତ୍ସ୍ୟସଂପଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଗତ ୨୦ ବର୍ଷରେ ସାମୁଦ୍ରିକ ଖାଦ୍ୟ ରପ୍ତାନୀ ପ୍ରାୟ ୧୨ଗୁଣ ବୃଦ୍ଧି ପାଇଛି । ୨୦୦୦-୦୧ ବର୍ଷରେ ଓଡ଼ିଶାରୁ ୩୭୯ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ବିଦେଶକୁ ରପ୍ତାନୀ ହୋଇଥିବାବେଳେ ୨୦୨୧-୨୨ ବର୍ଷରେ ଏହା ୪ ହଜାର ୫୨୬ କୋଟି ଟଙ୍କାରେ ପହଂଚିଛି । ଚିଙ୍ଗୁଡ଼ି ଚାଷ କ୍ଷେତ୍ରରେ ଓଡ଼ିଶା ଆଶାନୁରୂପ ସଫଳତା ପାଇବା ସହିତ ବୈଦେଶିକ ମୁଦ୍ରା ଅର୍ଜନ ହୋଇପାରୁଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।

## ଚିକିତ୍ସା ପାଇଁ ସାଜିଛି ଅର୍ଥ ବାଧକ, ସହାୟତା ପାଇଁ ଆକୁଳ ନିବେଦନ

ଖୋର୍ଦ୍ଧା, (ପି.ଏନ): ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ କଣ୍ଟାମଳିମ ଗ୍ରାମର ସ୍ୱର୍ଗତ ଦଣ୍ଡପାଣି ମାର୍ଥାଙ୍କ ଏକମାତ୍ର ପୁଅ ରଶ୍ମିରଞ୍ଜନ (୩୪) ବର୍ଷ । ପରିବାର ର ସଦସ୍ୟ କହିଲେ ବୃଦ୍ଧା ମା ଭାବେନି ମାର୍ଥା (୬୩), ପତ୍ନୀ ରଶ୍ମିତା ମାର୍ଥା ଓ ପୁତ୍ର ଦିବ୍ୟ ରଞ୍ଜନ(୪) । ରଶ୍ମି ରଞ୍ଜନ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଗ୍ୟାସ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରି ଆସୁଥିଲେ ।୨୦୧୮ ମସିହାରେ ବିବାହର ଏକ ବର୍ଷ ପରେ କିଡନୀ ଜନିତ ରୋଗରେ ପ୍ରଭାବିତ ହୋଇ କମ୍ପାନୀର ଇଏସଆଇର ସୁବିଧା ନେଇ ଚିକିତ୍ସା ହୋଇ ଆସୁଥିଲେ ।ଦିନକୁ ଦିନ ତାଙ୍କର ଶରୀର କ୍ଷୀଣ ହେବାରୁ ନିଜର କାର୍ଯ୍ୟ କରିବା ପାଇଁ ଅକ୍ଷମ ହୋଇ ପଡିବାରୁ କମ୍ପାନୀ ଚାକିରୀ ଛାଡି ଦେଇ ଏବେ ଭଗବାନଙ୍କୁ ଭରସା କରି ପଡି ରହିଛନ୍ତି ବୋଲି ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି ।ସରକାରଙ୍କ ପକ୍ଷରୁ ଦିଆ ଯାଇଥିବା ବିଜୁସ୍ୱାସ୍ଥ୍ୟ କାର୍ଡ଼ରେ ଡାଇଲିସିସ ମାଗଣାରେ ଉପଲବ୍ଧ ହେଉଥିବା ବେଳେ



ଅନ୍ୟାନ୍ୟ ଔଷଧ ଖର୍ଚ୍ଚ ପ୍ରାୟ ୮ ରୁ ୯ହଜାର ଟଙ୍କା ହୋଇଥିବା ବେଳେ ହାତ ଉଧାରୀ ଓ ମହିଳା ଗୋଷ୍ଠୀରୁ କରଜ ଆଣି କରିଥାନ୍ତି ।ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ପରିବାର ଚଳାଇବା ସାଙ୍ଗକୁ ରୋଗ ପାଇଁ ଔଷଧ ଖର୍ଚ୍ଚ ଦୁଃଖ ଉପରେ ନଳିତା ବିଡା ସଦୃଶ ହୋଇ ପଡିଛି । ସ୍ଥାନୀୟ ପ୍ରଶାସନ ହେଉ ଅବା କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସହଯୋଗ ପାଇଁ ବ୍ୟାଙ୍କ ଆକାଉଣ୍ଟ ନମ୍ବର ୪୧୨୨୬୧୪୬୮ ୧୩ ,ସଲଗ୍ନ ମକ୍ସୟର ୦୦୦୦୧୧୬ କିମ୍ବା ୮୦୧୮୬୩୯୦୯୭ ରେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି ।

## ଭଣ୍ଡାରିପୋଖରୀ - ନିଶୁଳ୍କ ଚକ୍ଷୁପରୀକ୍ଷା ଶିବିର

ଭଦ୍ରକ, (ପି.ଏନ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର କୁରିଗାଁ ପଞ୍ଚାୟତ ଅନ୍ତର୍ଗତ ମହାଦେବବାଡି ବଳରାମ ବାରିକ ସ୍ମୃତିସଂସଦ ପରିସରରେ ଆଜି ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟମଣି-ଇଚ୍ଛାମଣି ସେବା ନିକେତନ ଆନୁକୂଲ୍ୟରେ ଓ ନବଜୀବନ ଫାଉଣ୍ଡେସନ ସହଯୋଗରେ ଚକ୍ଷୁ ପରୀକ୍ଷା ଯାଜପୁର ନେତ୍ରଧାମ ଚକ୍ଷୁ ଚିକିତ୍ସାଳୟର ଡାକ୍ତରମାନେ ଶିବିରରେ ଶତାଧିକ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରି ବିନାମୂଲ୍ୟରେ ଔଷଧ ଯୋଗାଇଥିଲେ। ଶିବିରରେ ଚିହ୍ନଟ ମୋତିଆବିନ୍ଦୁ ରୋଗୀଙ୍କ ଅସ୍ତ୍ରୋପଚାର ମଧ ନିଶୁଳ୍କ କରାଯିବାକୁ ପଞ୍ଜିକରଣ କରାଯାଇଥିଲା। ସେବା ନିକେତନ ପ୍ରତିଷ୍ଠାତା ଅବସରପ୍ରାପ୍ତ ଅଧ୍ୟାପକ ରାଜେନ୍ଦ୍ର ନାରାୟଣ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରକୁ ପ୍ରତିଷ୍ଠାତା ସମ୍ପାଦକ ଲକ୍ଷ୍ମୀନାରାୟଣ ମହାପାତ୍ର ଉଦଘାଟନ କରିଥିଲେ। ଫାଉଣ୍ଡେସନର ରାଜ୍ୟ ପରିଚାଳକ ମାନସ ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ସେବାନିକେତନ ସଦସ୍ୟ ରବିନାରାୟଣ ମହାପାତ୍ର, ଜିତେନ୍ଦ୍ର ନାରାୟଣ ମହାପାତ୍ର, ସନ୍ଧ୍ୟାରାଣୀ ମହାପାତ୍ରଙ୍କ ସମେତ ସମାଜସେବୀ ରମେଶ ଚନ୍ଦ୍ର ବେହେରା, ଶଶିକାନ୍ତ ପଣ୍ଡା, ରବିନ୍ଦ୍ର ପଲାଇ, ପର୍ଶୁରାମ ଶଙ୍ଖୁଆ, ଭରତ ବାରିକ, ସୁଦର୍ଶନ ସାମଲ, ଗଦାଧର ସାହୁ, ସାମ୍ବାଦିକ ବିଶ୍ୱଜିତ ପଲାଇ, ବିଭୂତି ଭୂଷଣ ବାରିକ, ମନୋଜ ନାୟକ, ଅଭୟ ପାତ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଜ୍ଞାନପ୍ରଭା ମିଶନର ପ୍ରତିଷ୍ଠା ଦିବସ ସମାରୋହରେ ଯୋଗ ଦେଲେ ରାଷ୍ଟ୍ରପତି

ଭୁବନେଶ୍ୱର, (ପି.ଏନ): ଯେ ପର୍ଯ୍ୟନ୍ତ ଆମେ ଆତ୍ମା ଶୁଦ୍ଧି ଉପରେ ମହତ୍ୱ ନ ଦେବା ସେ ପର୍ଯ୍ୟନ୍ତ ଶରୀର ଶୁଦ୍ଧି ସମ୍ଭବ ନୁହେଁ । ଶରୀର ଓ ଆତ୍ମା ଆମ ଉଭୟକୁ ଶୁଦ୍ଧି କରିବାକୁ ହେବ । ଶରୀର ଶୁଦ୍ଧି ପାଇଁ ଅନେକ କିଛି କରୁଛୁ । ହେଲେ ଆତ୍ମାର ଶୁଦ୍ଧି ପାଇଁ ମଧ ଆମକୁ ପ୍ରୟାସ କରିବାକୁ ପଡିବ । ଏଥି ପାଇଁ ବାହାରର ବସ୍ତୁର ଆବଶ୍ୟକତା ନାହିଁ, ଯୋଗ ଓ ଧ୍ୟାନର ଆବଶ୍ୟକତା ରହିଛି । ଭୁବନେଶ୍ୱରରେ ଜ୍ଞାନପ୍ରଭା ମିଶନର ପ୍ରତିଷ୍ଠା ଦିବସ ସମାରୋହରେ ଉଦବୋଧନ ଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା କହିଛନ୍ତି । ସେ କହିଛନ୍ତି ଯେ କେବଳ ସାମାଜିକ ଓ ଆର୍ଥିକ ଉତ୍ଥାନ ହେଲେ ସମାଜର ଉତ୍ଥାନ ହୋଇ ପାରିବ ନାହିଁ। ଏହା ଅଧୁରା ହେବ । ଆତ୍ମିକ ବା ଆଧାତ୍ମିକ ବିକାଶ ମଧ ଜରୁରୀ । ଭାରତ ଦିନେ ବିଶ୍ୱଗୁରୁ ଥିଲା । ସେତେବେଳେ ଆଧାତ୍ମିକ ବିକାଶ ଦ୍ୱାରା ଏପରି ହୋଇପାରିଥିଲା । ଶରୀର ସୁସ୍ଥ ହେବା ସହ ଆତ୍ମାକୁ ମଧ ବଳ ମିଳିବା ଆବଶ୍ୟକ । ଯୋଗ ମାଧ୍ୟମରେ ଆମେ ସୁଖରେ ରହିବା ସମେତ ଶାନ୍ତିରେ ରହି ପାରିବା । ମାନସିକ ଶାନ୍ତିର ମାର୍ଗ ହିଁ ଯୋଗ । ଯୋଗ କହିଲେ ଆମେ ସାଧାରଣତଃ ଶାରୀରିକ ପ୍ରକିୟା ବୋଲି ବୁଝିଥାଉ। ହେଲେ ମୋ ମତରେ ଯୋଗ କହିଲେ ଶରୀର ଓ ଆତ୍ମାର ଯୋଗ । ସେ କହିଛନ୍ତି ଯେ ଭୌତିକ ଆଶା ଓ ଆକାଂକ୍ଷା ବଢି ବଢି ଚାଲିଛି । ଆମେ ଆଧାତ୍ମିକତା ପ୍ରତି ଧ୍ୟାନ ଦେଉ ନାହୁଁ । ସବୁ ଲୋକ ମାନଙ୍କର ସମସ୍ତ ଆଶା ଆକାଂକ୍ଷା ପୂର୍ଣ ହୋଇ ପାରିବ ନାହିଁ। ତେଣୁ ଜୀବନରେ ସନ୍ତୁଷ୍ଟତା ଆବଶ୍ୟକ । ଏହା ଯୋଗ ଦ୍ୱାରା ସମ୍ଭବ ହୋଇ ପାରିବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଯୋଗ ମାଧ୍ୟମରେ ଆମେ ସୁସ୍ଥସବଳ ରହିପାରିବା ଏବଂ ମାନସିକ ଶାନ୍ତି ମଧ ଲାଭ କରିପାରିବା । ଆଧୁନିକ ଯୁଗରେ ସୁଖ ଅପହଂଚ ନୁହେଁ । କିନ୍ତୁ ଶାନ୍ତି ହୁଏତ ଅନେକଙ୍କ ପାଇଁ ଅପହଂଚ । ଏହି ମାନସିକ ଶାନ୍ତିର ମାର୍ଗ ହିଁ ଯୋଗ । ସେ କହିଛନ୍ତି ଯେ ଜ୍ଞାନପ୍ରଭା ମିଶନ ମାତୃଶକ୍ତି ଉତ୍ଥାନର କାମ କରୁଛି । ନାରୀ ଚିର ନମସ୍ୟ ନାରୀ ନାରାୟଣୀ । ଏଭଳି ଏକ ପ୍ରତିଷ୍ଠାନର ଉତ୍ସବରେ ଯୋଗଦାନ କରି ମୁଁ ଆନନ୍ଦିତ । ଆଦର୍ଶ ଜନନୀଙ୍କ ନାମରେ । ପରମହଂସ ଯୋଗାନନ୍ଦଙ୍କ ମାଙ୍କ ନାମରେ ଏହାର ନାମକରଣ ହୋଇଛି । ସେ ଯେ ସେମାନେ ନିଜର ମାତା ପିତା, ବୟସ୍କ ଲୋକ ମାନଙ୍କୁ, ପୀଡିତ ମାନଙ୍କୁ ସେବା କରିବାକୁ ଆହ୍ୱାନ କରିଥିଲେ । ସେ କହିଥିଲେ ଯେ ପିଲା ମାନଙ୍କୁ ସଂସ୍କାର ପ୍ରଦାନ କରିବାକୁ ପରିବାର ଓ ବିଶେଷ ଭାବେ ମା ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ ବୋଲି କହିଥିଲେ । ରାଷ୍ଟ୍ରପତି ତାଙ୍କର ନିଜର ବ୍ୟକ୍ତିଗତ ଅନୁଭୂତିକୁ ଉଲ୍ଲେଖ କରିଥିଲେ । ସେ କହିଛନ୍ତି ଯେ ଜୀବନର ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ମୁଁ ଅତ୍ୟନ୍ତ ଦୁଃଖଦ ପରିସ୍ଥିତି ମଧ ଦେଇ ଗତି କରୁଥିଲି । ଯୋଗ ସହିତ ଯୁକ୍ତ ହେବା ପରେ ଧୀରେଧୀରେ ମୁଁ ଶାରୀରିକ ଓ ମାନସିକ ଦୁର୍ବଳତାରୁ ମୁକ୍ତ ହେଲି । ମୋ ଭିତରେ ପୁନର୍ବାର ଜୀବନ ପ୍ରତି ଆସ୍ଥା ଓ ଆଶା ସଂଚରିତ ହେଲା । ସେ କହିଛନ୍ତି ଯେ ଯୋଗ ସହ ମୁଁ ଯୋଡି ହୋଇ ନ ଥିଲେ ମୁଁ ଆଜି ଯେଉଁଠି ଅଛି ତାହା କରି ପାରନ୍ତି ନାହିଁ । ସେ କହିଛନ୍ତି ଯେ ବର୍ତମାନର ପୃଥିବୀ ଗୋଟିଏ ବଡ଼ ସମସ୍ୟା ମଧ ଦେଇ ଗତି କରୁଛି । ତାହା ହେଉଛି ପ୍ରକୃତିର ଅସ୍ୱାଭାବିକ ଆଚରଣ । ଏହି ବିପର୍ଯ୍ୟୟରୁ ପୃଥିବୀକୁ ମୁକ୍ତ କରିବାକୁ ହେଲେ ଏବଂ ଆମ ଉତର ପିଢ଼ିକୁ ଏକ ସୁରକ୍ଷିତ ଭବିଷ୍ୟତ ଦେବାକୁ ହେଲେ ପ୍ରକୃତି ଅନୁକୂଳ ଜୀବନଶୈଳୀ ଅପରିହାର୍ଯ୍ୟ ।ସେ କହିଛନ୍ତି ଯେ ପିତାମାତାଙ୍କର ଯତ୍ନ ନେବା ଠାରୁ ବଡ଼ ଧର୍ମ ଆଉ କିଛି ନାହିଁ । ସମସ୍ତଙ୍କୁ ମୁଁ ଅନୁରୋଧ କରିବାକୁ ଚାହେଁ ଯେ, ବରିଷ୍ଠ ନାଗରିକ, ବୃଦ୍ଧବୃଦ୍ଧା, ପୀଡ଼ିତମାନଙ୍କର ସେବା କରିବାକୁ ସେମାନେ ଜୀବନର ବ୍ରତ ଭାବରେ ଗ୍ରହଣ କରନ୍ତୁ । ଏହା ହିଁ ମାନବ-ଧର୍ମ । ସେ କହିଛନ୍ତି ଯେ ମାତୃକରୁଣା ଓ ମାତୃପ୍ରେରଣା ସାଧାରଣ ମଣିଷକୁ ଅସାଧାରଣ ବ୍ୟକ୍ତିତ୍ୱରେ ପରିଣତ କରେ । ସେ କହିଛନ୍ତି ଯେ ଛତ୍ରପତି ଶିବାଜୀଙ୍କ ବୀରତ୍ୱ ଓ ସ୍ୱାଭିମାନ ପଛରେ ମାଆ ଜିଜାବାଇଙ୍କ ବିଶେଷ ଅବଦାନ ଥିଲା । ମାଆ ପୁତଳିବାଇଙ୍କ ପ୍ରେରଣାରେ ମାହାତ୍ମା ଗାନ୍ଧୀ ସାରା ଜୀବନ ସତ୍ୟ ଓ ଅହିଂସାର ମାର୍ଗରେ ଯାତ୍ରା କରିଥିଲେ । ସେହିପରି ମାଆ ପଦ୍ମାବତୀଙ୍କ ଦ୍ୱାରା ପ୍ରେରିତ ହୋଇ ଅତିବଡ଼ି ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ରଚନା କରିଥିଲେ ବୋଲି କିମ୍ବଦନ୍ତୀ କୁହେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

25% reservation as per RTE Act (2009)



TUITION CLASSES for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray